ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୦୩
୩୦ ନଭେମ୍ବର, ୨୦୨୫ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 203
30th November, 2025 Sunday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

ନକ୍ଷେତ୍ରଭୂଷଣଂ ଚନ୍ଦ୍ରୋ ନାରୀଣାଂ ଭୂଷଣଂ ପତିଃ ।
ପୃଥିବୀଭୂଷଣଂ ରାଜା ବିଦ୍ୟା ସର୍ବସ୍ୟ ଭୂଷଣମ୍ ।।

ଚନ୍ଦ୍ର ନକ୍ଷତ୍ରମାନଙ୍କର, ପତି ନାରୀମାନଙ୍କର ଓ ରାଜା ପୃଥିବୀବାସୀଙ୍କର ଭୂଷଣ ରୂପେ ସମ୍ମାନିତ ହୁଅନ୍ତି । କିନ୍ତୁ ବିଦ୍ୟା ସମସ୍ତଙ୍କର ଭୂଷଣ ରୂପେ ସବୁଠି ସମସ୍ତଙ୍କ ଦ୍ୱାରା ଆଦୃତ ହୁଏ ।

# ନୂଆବର୍ଷରେ ନୂଆ ହିତାଧିକାରୀଙ୍କୁ ଦୁଇଟି କିସ୍ତି

**ଭୁବନେଶ୍ୱର,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ପାଇବେ ସୁଭଦ୍ରା ହିତାଧିକାରୀ। ନୂଆକରି ଯୋଡି ହୋଇଥିବା ହିତାଧିକାରୀଙ୍କୁ ଏକାଥରକେ ମିଳିବ ଦୁଇଟି କିସ୍ତି। ଦୁଇଟି କିସ୍ତି ଦେବାକୁ ଜାନୁଆରୀ ପ୍ରଥମ ସପ୍ତାହରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ପୋର୍ଟାଲ ଖୋଲାଯାଇଛି, ୨୧ ବର୍ଷୀୟ ହିତାଧିକାରୀଙ୍କୁ ଯୋଡା ଯାଉଛି। ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ନୂତନ ଭାବେ ୨,୨୭,୪୧୦ ଜଣ ମହିଳା



ଆବେଦନ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀ ଯେମିତି ସୁଭଦ୍ରା ଟଙ୍କା ପାଇବେ ସେଥିପାଇଁ ବିଭାଗ ତତ୍ପର ଅଛି ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ।

ସୁଭଦ୍ରା ଯୋଜନାର ଗାଇଡଲାଇନ ବାହାରେ ଥିବା ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିଲା। ଆଉ କିଛି ସୁଭଦ୍ରାରେ ଯୋଡି ହେବା ପାଇଁ ନୂଆ ଆବେଦନ କରିଥିଲେ। ସେଥିପାଇଁ ସେମାନଙ୍କୁ ଫିଲ୍ଡ ଇନକ୍ୱାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସରକାର। ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ, ୯ ଲକ୍ଷ ୩୬ ହଜାର ୨୮୩ ଜଣ ସୁଭଦ୍ରାରେ ଯୋଡି ହେବା ପାଇଁ ଆବେଦନ କରିଥିଲେ, ସେଥିମଧ୍ୟରୁ ୧୭ ଲକ୍ଷ ୮୩ ହଜାର ୨୫୧ ଜଣ ମହିଳାଙ୍କୁ ସୁଭଦ୍ରାରେ ଯୋଡା ଯାଇଥିବା ବିଧାନସଭାରେ ଉତ୍ତର ରଖିଛନ୍ତି ପ୍ରଭାତୀ ପରିଡା।

ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିରେ ୧ କୋଟି ୩ ଲକ୍ଷ ୭୫ ହଜାର ୯୪୧, ଦ୍ୱିତୀୟ କିସ୍ତିରେ ୧ କୋଟି ୧ ଲକ୍ଷ ୯୨ ହଜାର ୭୨୪ ଜଣ ମହିଳା ଏବଂ ତୃତୀୟ କିସ୍ତିରେ ୯୭, ୫୧, ୪୭୯ ଜଣ ସୁଭଦ୍ରା ଟଙ୍କା ପାଇଛନ୍ତି। ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥାନ୍ତି ସରକାର।

# ବିକାଶରେ କେନ୍ଦ୍ରାପଡ଼ା ଜିଲ୍ଲା ପଛରେ ପଡ଼ିଛି କାହିଁକି ?

**କେନ୍ଦ୍ରାପଡ଼ା,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେକୌଣସି ଅଞ୍ଚଳର ବିକାଶ ସେହି ଅଞ୍ଚଳର ରାଜନୈତିକ ଇଛାଶକ୍ତି ଉପରେ ନିର୍ଭରଶୀଳ । କିନ୍ତୁ ଦଳୀୟ ଏଜେଣ୍ଡା ଓ ଭୋଟ ଅଭିମୁଖି ରିଲିଫ୍ ରାଜନୀତି ଭିତରେ ବନ୍ଧା ରାଜନୈତିକ ଦଳମାନେ କ୍ରମାଗତ ଭାବେ କେନ୍ଦ୍ରାପଡ଼ାକୁ ଅଣଦେଖା କରିଆସିଛନ୍ତି । ଯାହାର ପରିଣାମରେ ବିକାଶ ତ ଦୂରର କଥା କେନ୍ଦ୍ରାପଡ଼ା ଆଜି ବି ଏକ ସମସ୍ୟା ବହୁଳ ଅଞ୍ଚଳ ହୋଇ ରହିଛି । ଜିଲ୍ଲାର ଅନେକ ଅଞ୍ଚଳକୁ ଏବେ ବି ସଡ଼କ ପଥ ସଂଯୋଗ ହୋଇପାରିନାହିଁ । ଜିଲ୍ଲାବାସୀଙ୍କ ଜୀବନ ଜୀବିକାର ଏକମାତ୍ର ରାହା କୃଷି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜଳସେଚନ ଓ ଜଳନିଷ୍କାସନ ଭଳି କୃଷି କ୍ଷେତ୍ରରେ ଥିବା ମୌଳିକ ସମସ୍ୟାର ସମାଧାନ ହୋଇପାରି ନାହିଁ ।

କୃଷିକୁ ପ୍ରୋତ୍ସାହିତ କରିବା ପାଇଁ କୃଷିଜାତ ସାମଗ୍ରୀର ବିକ୍ରିବଟା, ସଂରକ୍ଷଣ, ପ୍ରକ୍ରିୟାକରଣ ଆଦି ନିମନ୍ତେ କୌଣସି ସୁଯୋଗ ସୃଷ୍ଟି ହୋଇପାରିନାହିଁ । ଶିଳ୍ପ-ବାଣିଜ୍ୟ, ପର୍ଯ୍ୟଟନ, ନିଯୁକ୍ତି-କର୍ମନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଦି କୌଣସି କ୍ଷେତ୍ରରେ କୌଣସି ବିକାଶ ସାଧିତ ହୋଇନାହିଁ । ଅଧିକନ୍ତୁ ଏହି ଜିଲ୍ଲା ଆଜି ବି ଏକ ଶିଳ୍ପବିହୀନ ଜିଲ୍ଲା ଭାବେ ପରିଗଣିତ ହେଉଛି । ପର୍ଯ୍ୟଟନର ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ଏହାର ବିକାଶ ନିମନ୍ତେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ । ନିଯୁକ୍ତି ଓ କର୍ମନିଯୁକ୍ତିର କୌଣସି ସୁଯୋଗ ସୃଷ୍ଟି କରାନଯିବାରୁ ଲକ୍ଷାଧିକ ସଂଖ୍ୟାରେ ଲୋକେ ପୀଢି ପୀଢି ଧରି ରାଜ୍ୟ ଓ ଦେଶ ବାହାରେ ଦାଦନ ଖଟୁଛନ୍ତି । ଏଠାରେ ଉଚ୍ଚତର ଶିକ୍ଷା, ଗବେଷଣା ଓ ବୃତ୍ତିଗତ ଶିକ୍ଷା ପାଇଁ ଉଦ୍ୟମ ହୋଇନାହିଁ । ଉନ୍ନତ ତଥା ଉଚ୍ଚତର ଜରୁରୀ ଚିକିତ୍ସା କଥା ଦୂରେ ଥାଉ ପ୍ରାଥମିକ ସ୍ୱାସ୍ଥ୍ୟସେବା କେବଳ ଯାହା ନାମକୁ ମାତ୍ର ଚାଲିଛି । ବିକାଶର କୌଣସି ବି ଗୋଟିଏ ସୂଚାଙ୍କରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ପରିଚୟ ମିଳିପାରିଲା ନାହିଁ । ଯାହା ଫଳରେ କେନ୍ଦ୍ରାପଡ଼ା ଏକ ବେରୋଜଗାରୀ ଓ ଦାରିଦ୍ର୍ୟ ଜିଲ୍ଲା ଭାବେ ରାଜ୍ୟରେ ପରିଗଣିତ ହେଉଛି । ସମଗ୍ର ଦେଶ ଓ ରାଜ୍ୟ ବିକାଶର ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରି ଚାଲିଥିବାର କୁହାଯାଉଥିବାବେଳେ କେନ୍ଦ୍ରାପଡ଼ା ଆଗକୁ ବଢ଼ିବା ସମ୍ଭବ ହୋଇପାରିନାହିଁ ।

ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଯେ ଆଜି ଜିଲ୍ଲାବାସୀ ଏଭଳି ପରିସ୍ଥିତି ଦେଇ ଗତି କରୁଛନ୍ତି ଏଥିରେ ଦ୍ୱିମତ ହେବାର ନାହିଁ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ଡ଼. ରଂଜନ କୁମାର ମହାନ୍ତି, ବିଭୁତି ଭୂଷଣ ଦାସ, ଚିତ୍ତରଞ୍ଜନ ମଲ୍ଲିକ, ସୁବ୍ରତ ରାଉତ **(ଶେଷ ପୃଷ୍ଠା ଦେଖନ୍ତୁ)**

# ବିଜେଡି ଛାଡ଼ିଲେ ଭଦ୍ରକର ୩ ବ୍ଲକ ଅଧ୍ୟକ୍ଷ

**ଭଦ୍ରକ,୨୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକରେ ବିଜୁ ଜନତା ଦଳକୁ ଆଉ ଏକ ଶକ୍ତ ଝଟକା ଲାଗିଛି। ଗୋଟିଏ ଦିନରେ ଜିଲ୍ଲାର ୩ଜଣ ବ୍ଲକ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଦଳ ଛାଡିଥିବା ବ୍ଲକ ଅଧ୍ୟକ୍ଷମାନେ ବିଜେଡିକୁ ଇସ୍ତଫାପତ୍ର ପଠାଇଛନ୍ତି। ଦଳ ପ୍ରତି ଅସନ୍ତୋଷ ଜାହିର କରି ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି।

ଆଜି ଗୋଟିଏ ଦିନରେ ଭଦ୍ରକ ଜିଲ୍ଲାରୁ ତିନି ବ୍ଲକ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି। ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡାଇ ବିଜେଡି ଦଳରୁ ଇସ୍ତଫା ଦେଇଥିବା ବେଳେ ଦଳର ରାଜ୍ୟ ଉପସଭାପତି ପ୍ରତାପ ଜେନା ତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ସେହିପରି ଭଦ୍ରକ ସଦର ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ବିଜେଡି ଦଳରୁ ଇସ୍ତଫା ଦେଇଛନ୍ତି। ଏହି ତିନି ବ୍ଲକ ଅଧ୍ୟକ୍ଷ ସେମାନଙ୍କ ଇସ୍ତଫା ପତ୍ର ଭଦ୍ରକ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇ ଦେଇଛନ୍ତି।

ଏହି ୩ଟି ଇସ୍ତଫାକୁ ନେଇ ଭଦ୍ରକର ବିଜେଡି ସଙ୍ଗଠନ ଦୋହଲି ଯାଇଛି। ଆସନ୍ତାକାଲି ଓ ଆସନ୍ତା ୭ ତାରିଖରେ ବହୁ ବିଜେଡି ନେତା ଆଉ କର୍ମୀ ବିଜେପିରେ ଯୋଗଦେବା ପାଇଁ ସଜବାଜ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ବିଜେଡିର ଏବେ ପତନର ବେଳ ଆସିଗଲା ବୋଲି ମଧ୍ୟ କୁହାଯାଉଛି। ଏବେ ପୁଣି ଶୁଣାଯାଉଛି ଆହୁରି କିଛି ବ୍ଲକ ଅଧ୍ୟକ୍ଷ ବିଜେଡି ଛାଡ଼ି ବିଜେପିରେ ଯୋଗଦେବେ। ଏହାପରେ ଜିଲ୍ଲାର ବହୁ ବରିଷ୍ଠ ବିଜେଡି ନେତା, ଜିଲା ପରିଷଦ ସଭ୍ୟ, ପୂର୍ବତନ ବିଧାୟକ ବିଜେଡିରେ ମିଶି ଯିବେ। ଭଦ୍ରକ ବିଜେପିରେ ଆଗକୁ ହେବ ମହାମିଶ୍ରଣ ପର୍ବ। ଜିଲ୍ଲାରେ ବିଜେଡିର ସତ୍ତା ଲୋପ କରିଦେବା ପାଇଁ ଚାଲିଛି ଯୋଜନା। ଆଉ କିଛି ଦିନର ଅପେକ୍ଷା କରିବାକୁ ପଡିବ। ଭଦ୍ରକରେ ବିଜେଡି ଦଳ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ କୋଟିଏରୁ ଅଧିକ ଟଙ୍କା ଆତ୍ମସାତ ଅଭିଯୋଗ ଆଣିଛି ବିଜେଡି। ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲି ଟଙ୍କା ଆତ୍ମସାତ କରିଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ତ ବ୍ଲକ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ସମର୍ଥିତ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଯୌତୁକ ଯୋଗୁ ବ୍ୟବସାୟ ପାଲଟିଛି ବାହାଘର

**ନୂଆଦିଲ୍ଲୀ,୨୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ କହିଛନ୍ତି ଯେ ବିବାହ ପାରସ୍ପରିକ ବିଶ୍ୱାସ, ଜଣେ ଜଣକ ସହିତ ସମ୍ମାନରେ ସହବସ୍ଥାନର ପବିତ୍ର ଓ ଉତ୍କୃଷ୍ଟ ସଂସ୍ଥା। ତେବେ ଦୁଃଖର କଥା ଯୌତୁକ କାରଣରୁ ଏହି ପବିତ୍ର ବନ୍ଧନ ଏବେ କେବଳ ଏକ ବ୍ୟବସାୟିକ ନେଣଦେଣ ହୋଇ ରହିଯାଇଛି। ସୁପ୍ରିମକୋର୍ଟଙ୍କ ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର. ମହାଦେବନଙ୍କ ବେଞ୍ଚ କହିଛନ୍ତି ଯେ ଯୌତୁକ ହତ୍ୟା କେବଳ ଜଣେ ବ୍ୟକ୍ତି ନୁହେଁ ବରଂ ପୁରା ସମାଜ ବିରୋଧରେ ଅପରାଧ।

ବେଞ୍ଚ କହିଛନ୍ତି ଯେ ଯୌତୁକରେ ଇଚ୍ଛାରେ ଦିଆଯାଇଥିବା ଉପହାରକୁ ପ୍ରାୟତଃ ଲୁଚାଇବାକୁ ଉଦ୍ୟମ କରାଯାଏ। ତେବେ ଅସଲରେ ଏହା ସାମାଜିକ ପ୍ରତିଷ୍ଠା ଦେଖାଇବାକୁ ଓ ଆର୍ଥିକ ଲାଳଶା ପୂରଣ କରିବାର ଜରିଆ ପାଲଟି ଯାଇଛି। ପୀଠ



ଏହି ବୟାନ ଏପରି ଏକ ବ୍ୟକ୍ତିର ଜାମିନ ରଦ୍ଦ କରିବା ଅବସରରେ ଦେଇଛନ୍ତି ଯାହା ଉପରେ ବିବାହର ମାତ୍ର ୪ ମାସ ପରେ ଯୌତୁକ ପାଇଁ ପତ୍ନୀଙ୍କୁ ବିଷ ଦେଇଥିବାର ଅଭିଯୋଗ ରହିଛି। ସେହି ବ୍ୟକ୍ତିଙ୍କୁ ଜାମିନ ଦେବା ପାଇଁ ହାଇକୋର୍ଟଙ୍କ ରାୟକୁ ଅବ୍ୟବସ୍ଥିତ ଓ ତର୍କକୁ ଦୃଢ କରି ପାରୁନାହିଁ ବୋଲି କହିଛନ୍ତି। କାରଣ ଏଥିରେ ଅପରାଧର ଗମ୍ଭୀରତା, ମୃତ୍ୟୁପୂର୍ବରୁ ଦିଆଯାଇଥିବା ଜମାନବନ୍ଦୀ ଓ ଯୌତୁକ ହତ୍ୟାର ଆଇନଗତ ବିଚାରକୁ ନଜର ଅନ୍ଦାଜ କରାଯାଇଛି।

ସୁପ୍ରିମକୋର୍ଟ କହିଛନ୍ତି ଯୌତୁକ କେବଳ ଏକ ସାମାଜିକ ବ୍ୟାଧି ନୁହେଁ, ଏହା କେବଳ ବିବାହର ପବିତ୍ରତାକୁ ନଷ୍ଟ କରୁନି ବରଂ ମହିଳାଙ୍କୁ ଲଗାତାର ଜୁଲମ ଓ ଚାପରେ ରଖୁଛି। ଯେତେବେଳେ ଏପରି ଦାବି ସୀମା ପାର କରିଯାଏ ଓ କ୍ରୁରତାରେ ବଦଳିଯାଏ ଅଥବା ଏହାଠୁ ବି ଖରାପ ଯାହା ଅସମୟରେ ଏକ ନବବଧୂର ଜୀବନ ନେଇଯାଏ ସେତେବେଳେ ଏହା ପରିବାରର ପରିସରରୁ ବାହାରି ଗୁରୁତର ସାମାଜିକ ଅପରାଧର ରୂପ ନେଇଥାଏ। ଏହା କେବଳ ବ୍ୟକ୍ତିଗତ ଦୁଃଖଦ ଘଟଣା ହୋଇ ରହିନଥାଏ ବରଂ ସମାଜର ସାମୂହିକ ଚେତନାର ଅପମାନ ପାଲଟିଯାଏ। ଯୌତୁକ ପାଇଁ ହତ୍ୟା ଏହି ସାମାଜିକ ବ୍ୟାଧିର ସବୁଠୁ ଘୃଣ୍ୟ **(ଶେଷ ପୃଷ୍ଠା ଦେଖନ୍ତୁ)**

# ୮.୧୬ ଲକ୍ଷ ରାସନ କାର୍ଡ କଟିଛି: ମନ୍ତ୍ରୀ

**ଭୁବନେଶ୍ୱର,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ୮ଲକ୍ଷ ୧୬ ହଜାର ହିତାଧିକାରୀଙ୍କ ରାସନ କାର୍ଡ କଟିଛି। ୯୬ ପ୍ରତିଶତ ଇ-କେୱାଇସି ଶେଷ ହୋଇଛି। ୮ ଲକ୍ଷରୁ ଅଧିକ ରାସନ କାର୍ଡ କଟିଛି ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର। ବିଧାନସଭାରେ ମନ୍ତ୍ରୀ ବିବୃତି ଦେଇ କହିଥିଲେ, ଗତ ୧୫ ମାସ ସରକାରରେ ଇ-କେୱାଇସି ଲାଗୁ କରିଥିଲେ। ୯୬% ହିତାଧିକାରୀ ଇ-କେୱାଇସି କରିଛନ୍ତି। କେବଳ ୪% ଇ-କେୱାଇସି କରିନାହାନ୍ତି। ଇ-କେୱାଇସି କରି ନଥିବା ହିତାଧିକାରୀଙ୍କ ମଧ୍ୟରୁ ୬ ଲକ୍ଷ ୯୫ ହଜାର ୫୩୦ ଜଣ ମୃତ। ୭୫ ହଜାର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକର ଦାତାଙ୍କୁ ମିଶାଇ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣଙ୍କ ରାସନ କାର୍ଡ କଟିଛି। ଗରିବଙ୍କ ରାସନ କାର୍ଡ କଟିନି। ପୋର୍ଟାଲରେ ଆବେଦନ କଲେ **(ଶେଷ ପୃଷ୍ଠା ଦେଖନ୍ତୁ)**






# କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ଭବନକୁ ଗ୍ରାସ କଲା ଦୁର୍ଦ୍ଦିନ

**କେନ୍ଦ୍ରାପଡ଼ା,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ଭବନରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି । ଫଳରେ କଂଗ୍ରେସ ଦଳ ଭଳି ଏହାର ଭବନ ତଥା ଜିଲ୍ଲା କାର୍ଯ୍ୟାଳୟକୁ ଦୁର୍ଦ୍ଦିନ ଗ୍ରାସ କରିଛି । ବିଦ୍ୟୁତ ନଥିବାରୁ ଲାଇଟ୍ ଜଳୁନାହିଁ କି ପଙ୍ଖା ଘୂରୁନାହିଁ। ସେହିପରି ମାଇକ ମଧ ବାଜୁ ନାହିଁ। ଆଉ ସନ୍ଧ୍ୟା ହେଲେ ଅନ୍ଧାରରେ ଆତ୍ମଗୋପନ କରୁଛି ଏହି କଂଗ୍ରେସ ଭବନ। କୌଣସି ଗୁରୁତ୍ୱପୂର୍ଣ୍ଣ ବୈଠକ ହେଲେ ନେତା ଓ କର୍ମୀମାନେ ଅନ୍ଧାରରେ ବସି ରହୁଛନ୍ତି। ଏହାଦ୍ୱାରା ଫଳପ୍ରଦ ଆଲୋଚନା ହୋଇପାରୁ ନାହିଁ। ନେତାମାନେ କ'ଣ କହୁଛନ୍ତି କର୍ମୀମାନେ ତାହା ଶୁଣିପାରୁ ନାହାଁନ୍ତି। ଯାହା ଦଳରେ ଚିନ୍ତା ବଢାଇଛି । କଂଗ୍ରେସ ଭବନ ଆରମ୍ଭ ହେବା ଦିନ ଠାରୁ ବେଆଇନ ହୁକିଂରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା । ବିଦ୍ୟୁତ୍ ବିଭାଗ ପକ୍ଷରୁ ଧରାବନ୍ଧା ହେବା ସହ ଲକ୍ଷ ଲକ୍ଷ ଟଙ୍କା ଫାଇନ୍ କରାଯିବା ସହିତ ଏତାଦୃଶ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଚର୍ଚ୍ଚା ହେଉଛି । ତେବେ ଏହା ଯଦି ସତ୍ୟ ହୋଇଥାଏ ତେବେ କଂଗ୍ରେସ ଭବନକୁ ଏହି ଦୁର୍ଦ୍ଦିନରୁ ଉଦ୍ଧାରିବ କି'ଏ ବୋଲି ପ୍ରଶ୍ନ ଉଠିଛି ।




# ୭୫ ବର୍ଷ ବୃଦ୍ଧା ଭତ୍ତା ପାଇବେ କେବେ ?



**କଣାସ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ର ଓ ରାଜ୍ୟ ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ସହାୟତା କରିବା ପାଇଁ ମାସିକ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି କିନ୍ତୁ ଦୁଃଖର ବିଷୟ କଣାସ ବ୍ଲକ ଗଡସାନପୁଟ ଗ୍ରାମପଞ୍ଚାୟତର ଗଡସାନପୁଟ ଗ୍ରାମର ପ୍ରମିଳା ରାଉତରାୟ ୭୫ ବର୍ଷ ଭତ୍ତା ପାଇବା ପାଇଁ ବାରମ୍ବାର ଆବେଦନ କରି ନିରାଶୟ ହୋଇଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ ପଡା ଗ୍ରାମରୁ ୩ ହଜାରରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଭତ୍ତା ପାଇବା ପାଇଁ ଅନଲାଇନରେ ଆବେଦନ କରିଛନ୍ତି । ଏ ସଂପର୍କରେ କଣାସ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମନୋଜ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଯେଉଁ ସବୁ ବୃଦ୍ଧ ବୃଦ୍ଧା ଭତ୍ତା ପାଇବା ପାଇଁ ଆବେଦନ କରିଛନ୍ତି ସେହୁ ସବୁ କାଗଜପତ୍ର ଆମେ ଜିଲ୍ଲା କାର୍ଯ୍ୟାଳୟକୁ ପଠାଇ ଦେଇଛୁ । ଟାର୍ଗେଟ ନଥିବାରୁ ଭତ୍ତା ମଞ୍ଜୁର ହୋଇ ନାହିଁ ।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡା ୩୦ ନଭେମ୍ବର ୨୦୨୫ । ରବିବାର




## ସାଟେଲାଇଟ ଫଟୋକୁ ନେଇ ଚିନ୍ତାରେ ଚାଷୀ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

୩୦ ପ୍ରତିଶତ ଜମିରୁ ଧାନ ଅମଳ ହୋଇ ସାରିଲାଣି । ଧାନ ମଣ୍ଡି ଖୋଲିବାକୁ ପ୍ରଶାସନ ବି ପ୍ରସ୍ତୁତି କଲାଣି । ଧାନ କ୍ରୟ କମିଟି ବୈଠକ ବସିନଥିବା ବେଳେ ଏ ପର୍ଯ୍ୟନ୍ତ ଚାଷୀ ପଞ୍ଜିକରଣ ପରେ ଜମି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନାହିଁ । ସାଟେଲାଇଟ ସର୍ଭେକୁ କୋହଲା ପାଗ ଅଡୁଆ କରୁଛି । ତେବେ ଅମଳ ସରିବା ଜମିରେ କିଭଳି ସାଟେଲାଇଟ ଫଟୋ ଆସିବ, ଆଶଙ୍କା ସୃଷ୍ଟି ହେଲାଣି । ନଦୀ କୂଳିଆ ଅଞ୍ଚଳରେ ଧାନ ଅମଳ ସାରି ଅଣଧାନ ଚାଷ ଆରମ୍ଭ ହୋଇ ସାରିଥିବାରୁ ସେସବୁ ଜମି ଲାଗି ଚିନ୍ତା ଆହୁରି ବଢିଛି । କଟା ଧାନ ବିଲ ପଞ୍ଜିକରଣରୁ କଟିଯିବନି ତ ? ସେନେଇ ଚାଷୀ ଆଶଙ୍କା ପ୍ରକାଶ କଲେଣି । ଯାହା ଧାନ ବିକ୍ରିରେ ସମସ୍ୟା ସାଜିବ ବୋଲି ଚାଷୀ ଚିନ୍ତାରେ ପଡିଲେଣି । ଶେରଗଡ ବ୍ଲକରେ ଚଳିତ ବର୍ଷ ୭ ହଜାର ୨ ଶହ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଅଣଧାନ ଚାଷ ହେଉଥିବା ନଦୀ କୂଳିଆ ଅଞ୍ଚଳରେ କମଦିନିଆ ଧାନଚାଷ ହୋଇଥାଏ । ଯାହା ଅମଳ ପରେ ଚିନାବାଦାମ, ଆଳୁ ଚାଷ ହୋଇଥାଏ । ସେସବୁ ଅଞ୍ଚଳରେ ଧାନ ଅମଳ ପ୍ରାୟ ସରି ସାରିଲାଣି । ବିଶେଷ କରି ଋଷିକୂଲ୍ୟା, ନନ୍ଦିନୀ ନଦୀ ଅଞ୍ଚଳରେ ଏଭଳି ଚାଷ ହୋଇଥାଏ । ସମ୍ଭାବ୍ୟ ଲଘୁଚାପଜନିତ ଅଦିନିଆ ବର୍ଷା ଆଶଙ୍କାରେ ଚାଷୀ ତରବରିଆ ଭାବେ ଧାନ ଅମଳ କରିଚାଲିଛି । କୃଷି ବିଭାଗର ତଥ୍ୟ ଅନୁସାରେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଜମିରେ ଧାନ ଅମଳ ସରି ସାରିଲାଣି, ହେଲେ ଏ ପର୍ଯ୍ୟନ୍ତ ଜମିର ଯାଞ୍ଚ ସରି ପାରିନାହିଁ । ଗତ ଅଗଷ୍ଟ ମାସରୁ ଚାଷୀ ନାମ ପଞ୍ଜିକରଣ କରି ସାରିଛନ୍ତି । ଏଥର ୬୭୪୭ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜିକରଣ କରିଛନ୍ତି । ଯେଉଁମାନେ ଭୁଲ ପ୍ଲଟ ଦେଇଥିବେ, ଏଥର ଆରମ୍ଭ ହୋଇଥିବା ଅନୁମତି ବା ଘୋଷଣା ନାମାପତ୍ର ଦେଇନଥିଲେ ଭାଗଚାଷ ଜମି ମାଲିକଙ୍କ ଠାରୁ ଅନୁମତି ଆଣିନଥିବେ, ଆଦି ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ ହୋଇ ବାଦ ଦିଆଯାଇଛି । ଏହାପରେ ଯେଉଁ ପ୍ଲଟ ଗୁଡିକ ପଞ୍ଜିକୃତ ହୋଇଛି, ସାଟେଲାଇଟରେ ତାହା ଯାଞ୍ଚ ହୋଇଥାଏ । ଯେଉଁ ପ୍ଲଟରେ ଧାନ ହୋଇନଥାଏ, ତାହାର କଟିବା ସହ ସନ୍ଦିଗ୍ଧ ପ୍ଲଟର କ୍ଷେତ୍ର ପରିଦର୍ଶନ ଲାଗି ଆସିଥାଏ । ଏପର୍ଯ୍ୟନ୍ତ ସାଟେଲାଇଟ ସର୍ଭେରେ ସନ୍ଦିଗ୍ଧ ପ୍ଲଟ ଆସିନାହିଁ । କିଛି ଦିନ ହେଲା, କୋହଲା ପାଗ କାରଣରୁ ସାଟେଲାଇଟ ସର୍ଭେ ଡେରି ହେଉଥିବା ଜଣାପଡିଛି । ତେବେ ୩୦ ପ୍ରତିଶତ ଜମିରୁ ଧାନ କଟା ସରିଥିବାରୁ ତାହା ସାଟେଲାଇଟ ସର୍ଭେରେ କିଭଳି ଜଣାପଡିବ ବୋଲି ପ୍ରଶ୍ନ ଉଠୁଛି । ଯଦିଓ କଟା ପରେ ବି ଧାନ ଗଣ୍ଡିରୁ ଧାନ ହେଉଥିବା ଜଣାଯାଇପାରେ, ମାତ୍ର ଏଭଳି ହେଲେ ସନ୍ଦିଗ୍ଧ ପ୍ଲଟ ସଂଖ୍ୟା ବଢିବାର ଆଶଙ୍କା ମଧ୍ୟ ରହିଛି । କେତେକଙ୍କ ଜମିରେ ଧାନ ଅମଳ ପରେ ଅଣଧାନ ଚାଷ ହେଉଥିବାରୁ ଜମି ଲାଗି ଅଧିକ ଅଡୁଆ ସ୍ଥିତି ସୃଷ୍ଟି କରିବ । ଅନ୍ୟ କିଛି ଜମିରେ ଧାନ ବିଲରେ ଧାନ ଅମଳ କରି ପାଳକୁ ବିଲ ମଧ୍ୟରେ ପୋଡି ଦିଆଯାଇଥାଏ ଏବଂ ପରେ ଚାଷ କରାଯାଇ ରବି ଜାତୀୟ ଫସଲ ଚାଷ ଲାଗି କ୍ଷେତ୍ର ପ୍ରସ୍ତୁତ କରାଯାଉଥିବାରୁ ସାଟେଲାଇଟ ସର୍ଭେରେ ଯଦି କାଟି ଦିଆଯାଏ । ତେବେ ଚାଷୀ ଅମଳ କରିଥିବା ଧାନ ବିକ୍ରିରେ ସମସ୍ୟା ହେବ ବୋଲି ଅଭିଯୋଗ କରିଛନ୍ତି । ଏନେଇ ସମବାୟ ସମିତି ସମୂହର ଆସିକା ସହକାରୀ ନିବନ୍ଧକ ଆସିକା ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି, ନଦୀ କୂଳିଆ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଯାଏ, ଏନେଇ ବିଭାଗକୁ ଅବଗତ କରାଯାଇଛି । ସେଥିପ୍ରତି ଦୃଷ୍ଟି ଦିଆଯିବ । ଧାନ କଟା ସରିଥିଲେ ବି ପୂର୍ବ ଦୁଇ ମାସ ଫୋଟ ରହିଥାଏ । ଏସବୁକୁ ବିଚାରକୁ ନେଇ ସାଟେଲାଇଟ ସର୍ଭେ ସନ୍ଦିଗ୍ଧ ପ୍ଲଟ ତାଲିକା ଆସିବ । ସନ୍ଦିଗ୍ଧ ପ୍ଲଟ ଗୁଡିକର ଯାଞ୍ଚ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

## ଭୁତ କୋଠି ପାଲଟିଛି ଟେଲିଫୋନ ଏକ୍ସଚେଞ୍ଜ ଅଫିସ




**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଦୂର ସଂଚାର ବିଭାଗ ଭାରତ ସରକାରଙ୍କ ଏକ ଅଙ୍ଗ । ଦିନ ଥିଲା ହଜାର ହଜାର ଗ୍ରାହକ ଲ୍ୟାଣ୍ଡ ଲାଇନ ଉପରେ ଭରସା କରିଥିଲେ । ପ୍ରତିଯୋଗୀତା ମୂଳକ ବ୍ୟବସାଇରେ ଘରୋଇ ସଂସ୍ଥା ଆଗରେ ଥିବାବେଳେ ସରକାରୀ ସଂସ୍ଥା ଦିନକୁ ଦିନ ଅଚଳ ହୋଇପଡୁଥିବା ଦେଖିବାକୁ ମିଳୁଛି । ଠିକ ସେମିତି ଦିନ ବଦଳିବା ସହିତ ଏବେ ଅଲୋଡା ହୋଇ ପଡି ରହିଛି ଟେଲିଫୋନ ଓ ଏହାର କାର୍ଯ୍ୟାଳୟ । ବହୁ ସ୍ଥାନରେ ଟେଲିଫୋନ ଏକ୍ସଚେଞ୍ଜ ଏବେ ଭୁତ କୋଠୀର ପରିଣତ ହେଲାଣି । ସ୍ଥାୟୀ ରକ୍ଷଣା ବେକ୍ଷଣ ଉପରେ ସରକାରଙ୍କ ଆନ୍ତରିକ ଓ ଦୂର ଦୃଷ୍ଟି ଅଭାବରୁ ଏଭଳି ଅବସ୍ଥାରେ ପହଁଚି ଥିବା ବା ଗ୍ରାହକ ମହଲରେ ଆଲୋଚନା ହେଉଛି । ଯାହାଫଳରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାନ୍ସ ଏବେ ଅଚଳ ହୋଇ ପଡିଲାଣି । ନିଆଳି ଟେଲିଫୋନ ଏକ୍ସଚେଞ୍ଜ ଅଧୀନରେ ନିଆଳି ବ୍ଲକର ଜଲାର ପୂର୍ ନିଆଳି, ନୂଆ ଗାଁ, ମାଧବ ଚାରୋଟି ପଂଚାୟତର ଲୋକ ନିର୍ଭର କରିଥାନ୍ତି । ଏହି ଏକ୍ସଚେଞ୍ଜରୁ କପାସି ଟାୱାରକୁ ସଂଯୋଗୀ କରଣ ରହିଛି । ଯାହା ଫଳରେ ବିଦ୍ୟୁତ କଟିଲେ ଜଲାରପୁର ଏକ୍ସଚେଞ୍ଜ ଅଧୀନରେ ଥିବା ଗ୍ରାହକମାନଙ୍କର ସେବା ଠପ ହେବା ସହ ମାଧବରେ ମଧ୍ୟ ସେବା ଠପ ହୋଇଯାଏ । ଉକ୍ତ ଏକ୍ସଚେଞ୍ଜ ଅଧୀନରେ ସରକାରୀ କାର୍ଯ୍ୟାଳୟ, ଟ୍ରେଜେରି, ବ୍ଲକ, ତହସିଲ, ଥାନା, ଡାକଘର ପରି ସରକାରୀ ଓ ଘରୋଇ ଅଫିସରେ ବିଏସଏନଏଲ ସଂଯୋଗ ହୋଇଥିଲେ ମଧ୍ୟ ବହୁ ସମୟ ସେବା ବନ୍ଦ ଯୋଗୁ ବହୁ ଅଫିସ ସଂଯୋଗ କାଟିଦେବା ସହ ଦୂର ସଂଚାର ସେବା ପକ୍ଷରୁ ମୁହଁ ଫେରାଇ ନେଉଛନ୍ତି । ଜଲାର ପୂର୍ ଏକ୍ସଚେଞ୍ଜରେ ଜଣେ ବି ସରକାରୀ କର୍ମଚାରୀ ନଥିବାରୁ ରକ୍ଷଣା ବେକ୍ଷଣ ଅଭାବରୁ ଭୁତ କୋଠି ହେବା ସହ ଲକ୍ଷାଧିକ ଟଙ୍କାର ଯନ୍ତ୍ରାନ୍ସରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି । ଏଠାରେ ଥିବା ବିରାଟ ଗୃହରେ ଗଛ ଲତା ଉଠି ଜଙ୍ଗଲ ସୃଷ୍ଟି ହେଲାଣି । ୨୪୦ଜଣ ଗ୍ରାହକ ଲ୍ୟାଣ୍ଡ ଫୋନ ସଂଯୋଗ ନେଇ ଇଣ୍ଟେରନେଟ ସେବା ନେଇଥିବା ବେଳେ ଏବେ ମାତ୍ର ୩୦ ଜଣରେ ପହଂଚିଛି । ନୂତନ ସଂଯୋଗ ନେବା ପାଇଁ ଚାହିଁଲେ କଟକରେ ଥିବା ମୁଖ୍ୟ ଅଫିସ କାର୍ଯ୍ୟାଳୟରେ ଏସଡିଓଙ୍କ ସହ ଯୋଗାଯୋଗ କରିବାକୁ ପଡିବ । ଏହାପରେ ବାଙ୍କୀ କିମ୍ବା ଆଠଗଡ଼ରେ ଥିବା ଜଣେ କର୍ମଚାରୀ ସଂଯୋଗ ଦେବେ । ଜଲରପୁର ଏକ୍ସଚେଞ୍ଜରେ ନୂଆ ଗାଁ ଓ କପାସି ଅଧୀନରେ ଥିବା ଗ୍ରାହକମାନେ ଚିନ୍ତାରେ ପଡିବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମୟରେ ଠିକା ନେଇଥିବା ସଂସ୍ଥା ଜଣେ କର୍ମଚାରୀ ଦ୍ୱାରା ଜଲାରପୁର ଏକ୍ସଚେଞ୍ଜର ଦାୟିତ୍ୱରେ ରହିଥିଲେ ମଧ୍ୟ ସଂସ୍ଥା ସ୍ୱଳ୍ପ ଦରମା ଦେଉଥିବା ଯୋଗୁ ସେମାନେ ସଠିକ କାମ କରୁନାହାନ୍ତି । ଜଲାର ପୂର୍ ଏକ୍ସଚେଞ୍ଜ ପ୍ରତି କଟକ ଦୁରସଞ୍ଚାର ବିଭାଗ ଦୃଷ୍ଟି ଦେବାକୁ ଗ୍ରାହକମାନେ ଦାବି କରିଛନ୍ତି ।

## ରାସ୍ତା ଶୋଚନୀୟ: ମରାମତି ପାଇଁ ଦାବି



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗାଁମାନଙ୍କରେ ଜନସାଧାରଣମାନଙ୍କ ଯାତାୟତ ନିମନ୍ତେ କଂକ୍ରିଟ ରାସ୍ତାମାନ ନିର୍ମାଣ କରାଯାଇଥିଲେ ମଧ୍ୟ କେତେକ ରାସ୍ତାର କଂକ୍ରିଟ ଭାଙ୍ଗି ଆଁ କରିବା ସହ ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ କୁଆଁପାଳ ମହାଦେବ ମନ୍ଦିର ଠାରୁ ମା'ରାଜେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାରେ । ବିଶେଷ କରି ଏହି ରାସ୍ତାଟି କୁଆଁପାଳ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାକୁ ସଂଯୋଗ କରୁଅଛି । ଏବେ ଏହି ରାସ୍ତାର ଅନେକ ସ୍ଥାନରେ କଂକ୍ରିଟ ଭାଙ୍ଗି ନଷ୍ଟ ହୋଇଯାଇଛି । ଏଥିସହ ଏହି ରାସ୍ତାର ଶ୍ରୀକୃଷ୍ଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମା'ରାଜେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୩୦ ମିଟରରୁ ଉର୍ଦ୍ଧ୍ୱ ମାଟି ରାସ୍ତା ରହିଛି । ଏହି ମାଟି ରାସ୍ତାର ଅନେକ ସ୍ଥାନରେ ଖାଲ ଖମା ହେବା ଦ୍ୱାରା ବର୍ଷା ଦିନେ ପାଣି ଜମୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଯାତାୟତରେ ନାନା ସମସ୍ୟା ଦେଖାଦେଇଛି । ଏହି ରାସ୍ତା ଦେଇ ପ୍ରତ୍ୟହ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ବ୍ଲକ, ତହସିଲ, ସାଲେପୁର, ବାଲିଚନ୍ଦ୍ରପୁର ବଜାର ଆଦି ସ୍ଥାନକୁ ଯାତାୟତ କରିଥାନ୍ତି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି ।

## ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବୁରୋ କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ କେନ୍ଦୁଝର ସଦର ବ୍ଲକ ଅଧୀନ ଶିରିଶପାଳ ପଞ୍ଚାୟତରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଶୀର୍ଷକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସୂଚନାଧର୍ମୀ ବିଷୟବସ୍ତୁ ସ୍ଥାନ ପାଇଥିଲା । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କେଦାର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିଭଳି ବରିଷ୍ଠ ଆଇନଜୀବି ବିରଜା ଶଙ୍କର ମିଶ୍ର ମୁଖ୍ୟବକ୍ତା, ସମାଜସେବୀ ରତିରଞ୍ଜନ ସାହୁ, ବନଜ ନାୟକ ଏବଂ ନନ୍ଦ କିଶୋର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ ଏବଂ ମା'ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଜନଜାତି ସମୁଦାୟଙ୍କ ଉନ୍ନତି ହୋଇପାରୁଛି ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ । ଜନଜାତି ଭାଇ ଭଉଣୀଙ୍କ ପ୍ରଗତି ଲାଗି କେନ୍ଦ୍ର ସରକାର ପ୍ରଣୟନ କରୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଶୁକ୍ରବାର ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଏହି ଅବସରରେ ପୁରସ୍କୃତ କରିଥିଲେ । କେନ୍ଦୁଝର ସିବିସିର ସହକାରୀ ନିର୍ଦ୍ଦେଶକ ପାର୍ଥସାରଥୀ ମଲ୍ଲିକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ । ରୟାଲ ମାଜିକ ଶୋ'ର ମ୍ୟାଜିସିଆନ ବିମଳ ବିଶ୍ୱାଳ ଅନେକ ସୂଚନାଧର୍ମୀ ମ୍ୟାଜିକ ପ୍ରଦର୍ଶନ କରିଥିଲେ ଓ ଆଜିର ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ ।

## ଦଶମ ଶ୍ରେଣୀ ଛାତ୍ର ନିଖୋଜ

**କଣାସ: ଏକ୍ସପ୍ରେସ ନ୍ୟୁଜ୍**

କଣାସ ବ୍ଲକ ସାହୁପଡା ଗ୍ରାମପଞ୍ଚାୟତର ସାହୁପଡା ଗ୍ରାମର ଗୌତମ ମହାରଣାଙ୍କ ଦଶମ ଶ୍ରେଣୀ ପାଠ ପଢୁଥିବା ପୁତ୍ର ବୃନ୍ଦାବନ ମହାରଣା ୧୬ ବର୍ଷ ଗତ ୨୬ ତାରିଖ ସକାଳ ୧୦ଟା ସମୟରେ କେଉଁ ଆଡେ ଚାଲିଯାଇଥିବା ବୃନ୍ଦାବନଙ୍କ ପିତା ଗୌତମ ଗଡିଶାଗୋଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପାଇବା ପରେ ଗଡିଶାଗୋଡା ଥାନା ଅଧିକାରୀ ସୁଧିର କୁମା ଦାସ ଗଡିଶାଗୋଡା ଥାନା ନମ୍ବର ୧୯୧/୨୫ ଏକ ମିସ କେସ ରୁଜ କରି ତଦନ୍ତ କରୁଛନ୍ତି । ଖବର ନେବାରେ ଜଣାପଡିଛି ବୃନ୍ଦାବନ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିବା ସକାଶେ ଘରେ ଟଙ୍କା ମାଗିଥିଲେ । ପରିବାର ଲୋକ ସାରଙ୍କ ଠାରୁ ବୁଝିଲେ ଟଙ୍କା ଦେବୁ ବୋଲି କହିବାରୁ ବୃନ୍ଦାବନ ରାଗରେ କେଉଁଆଡେ ପଳାଇଯାଇଥିବା ପିତା ଗୌତମ ମହାରଣାଙ୍କ ଠାରୁ ପ୍ରକାଶ ।

## ଟ୍ରାଫିକ ଜାମ୍‌କୁ ନିମନ୍ତ୍ରଣ କରୁଛି ପୌର ପ୍ରଶାସନ !

**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**




କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧୁସ୍ୟୁତ ଜିଲ୍ଲା ଓ ରାଜ୍ୟ ସରକାର ଆଦିବାସୀଙ୍କୁ ଆଗ୍ରାଧିକାର ଦେଉଥିବା ବେଳେ କୋରାପୁଟରେ ଏହାର ଭିନ୍ନ ରୂପ ଦେଖିବାକୁ ମିଳିଛି । ବର୍ତ୍ତମାନ କୋରାପୁଟ ସହର ଦିନକୁ ଦିନକୁ ଜନବସତି ସହ ଜନସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ଟାଉନ ପ୍ଲାନିଂ ଓ ଟ୍ରାଫିକ ବ୍ୟବସ୍ଥାରେ ହେଉନି ସୁଧାର ଓ ମୁଖ୍ୟତଃ କୋରାପୁଟ ସହର ମଧ୍ୟରେ ଯାଇଥିବା ୨୬ନଂ ଜାତୀୟ ରାଜପଥ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ସହର ମଧ୍ୟରେ ଥିବା ପୁରୁଣା କୋଠାଗୁଡିକ ଭାଙ୍ଗି ବ୍ୟବସାୟୀମାନେ ନିଜର ବଡ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ନୂତନ ଭାବେ ଗଢୁଥିବା ବେଳେ ସେ ନେଇ ସରକାରଙ୍କ ନିର୍ଦ୍ଦିଷ୍ଟ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି । ସରକାରୀ ନୀୟମକୁ ଉଲ୍ଲଂଘନ କରି କେଉଁଭଳି ଭାବେ ଟାଉନ ପ୍ଲାନିଂ ଅନୁମତି ଦିଆଯାଉଛି, ଯଥା ପର୍କିଙ୍ଗ, ଡ୍ରେନେଜ, ସାନିଟେସନ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାକୁ ନଜର ଅନ୍ଦାଜ କରି ମୋଟା ଅଙ୍କର ଲାଞ୍ଚ ନେଇ ଦୋକାନ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଓ ବାସ ଗୃହ ଇତ୍ୟାଦି ତିଆରି ପାଇଁ ଅନୁମତି ଦିଆଯାଉଛି ତାହା କୋରାପୁଟବାସୀଙ୍କ ମନରେ ପୌର କାର୍ଯ୍ୟାଳୟର କାର୍ଯ୍ୟ ଦକ୍ଷତାକୁ ନେଇ ଅନେକ ସନ୍ଦେହ ସୃଷ୍ଟି କରୁଛି । ଦିନକୁ ଦିନ ଟ୍ରାଫିକ ବ୍ୟବସ୍ଥା ବିଗିଡିବାରେ ଲାଗିଛି, କିନ୍ତୁ ନିଦ୍ରାରେ ପ୍ରଶାସନ ଓ ପାର୍କିଙ୍ଗ ବ୍ୟବସ୍ଥା ନଥାଇ ବ୍ୟାଙ୍କିଙ୍ଗ ଓ ହୋଟେଲ ସଂସ୍ଥାକୁ ଏତେ ଅନୁକମ୍ପା କାହିଁକି ? ବେନୀୟମ ପାର୍କିଙ୍ଗ ଯୋଗୁଁ ଜାତୀୟ ରାଜପଥ ଅବରୋଧ ହେଉଥିବା ବେଳେ ଜନ ସାଧାରଣ ହନ୍ତସନ୍ତ ହେଉଛନ୍ତି । ବିଗତ ସରକାରରେ ଜାତୀୟ ରାଜପଥ କଡରେ ଥିବା ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ କିଭଳି ଟ୍ରେଡ଼ ଲାଇସେନ୍ସ ମିଳିଲା ତାହା ପୌର ପ୍ରଶାସନିକ କ୍ଷେତ୍ରରେ ଦୁର୍ନୀତି ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନି ତ ! ଏହାକୁ ନେଇ ଆମେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲୁ ସେ କହିଛନ୍ତି ଯଥାଶୀଘ୍ର ଏହି ସବୁ ବେନିୟମ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ନୋଟିସ ଜାରି କରାଯିବ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦେଖିବାକୁ ରହିଲା ସହରବାସୀଙ୍କୁ କେବେ ଏହି ସମସ୍ୟାରୁ ମୁକ୍ତି ମିଳୁଛି ।

## ବାଣିଜ୍ୟ

## ବନ୍ଦ ହୋଇଯିବ ୬ ସରକାରୀ ବ୍ୟାଙ୍କ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଦେଶରେ ସରକାରୀ କ୍ଷେତ୍ରର ବ୍ୟାଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବାକୁ ଯାଉଛି । ସରକାର ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବଡ଼ ବ୍ୟାଙ୍କ ସହିତ ମିଶ୍ରଣ କରୁଛନ୍ତି । ଲକ୍ଷ୍ୟ ହେଉଛି ଛୋଟ ବ୍ୟାଙ୍କଗୁଡ଼ିକୁ ଗୋଟିଏ ବଡ଼ ବ୍ୟାଙ୍କ ସହିତ ବଦଳାଇବା, ସେମାନଙ୍କର କାର୍ଯ୍ୟକ୍ଷମତାକୁ ଉନ୍ନତ କରିବା । ସରକାର ବ୍ୟାଙ୍କ ସଂଖ୍ୟା ହ୍ରାସ କରିବାକୁ ଚାହାଁନ୍ତି, ତଥାପି ଆର୍ଥିକ କ୍ଷେତ୍ରକୁ ଉନ୍ନତ କରିବା, ଋଣ ପ୍ରଦାନକୁ ବିସ୍ତାର କରିବା ଏବଂ ବାଲାନ୍ସ ସିଟ ଏବଂ କାର୍ଯ୍ୟକୁ ଉନ୍ନତ କରିବା ପାଇଁ ଏକ ଶକ୍ତିଶାଳୀ ସଂସ୍ଥା ସୃଷ୍ଟି କରିବାକୁ ଚାହାଁନ୍ତି । ଏହି ପରିପ୍ରେକ୍ଷୀରେ, ଆହୁରି ଛଅଟି ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତି ଚାଲିଛି ।

ସେହିପରି ୬ଟି ଛୋଟ ସରକାରୀ କ୍ଷେତ୍ରର ବ୍ୟାଙ୍କ, ଯଥା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ମହାରାଷ୍ଟ୍ର, ବ୍ୟାଙ୍କ ଅଫ ଇଣ୍ଡିଆ, ଏବଂ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କକୁ ଏସବିଆଇ, ବ୍ୟାଙ୍କ ଅଫ ବରୋଦା, ପିଏନବି, କାନାରା ବ୍ୟାଙ୍କ କିମ୍ବା ୟୁନିଅନ ବ୍ୟାଙ୍କ ସହିତ ମିଶ୍ରଣ କରାଯାଇପାରିବ । ପରବର୍ତ୍ତୀ ପର୍ଯ୍ୟାୟ ଏକୀକରଣ ପାଇଁ ସମସ୍ତ ଛଅଟି ବ୍ୟାଙ୍କ ରାଡାରରେ ଅଛନ୍ତି ।

ତେବେ ପୂର୍ବରୁ, ନୀତି ଆୟୋଗର ଏକ ରିପୋର୍ଟରେ ପରାମର୍ଶ ଦିଆଯାଇଥିଲା ଯେ ସରକାର ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଭଳି ଛୋଟ ବ୍ୟାଙ୍କଗୁଡ଼ିକୁ ଘରୋଇକରଣ କିମ୍ବା ପୁନଃଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା । ଜାତୀୟ ଥିଙ୍କ ଟ୍ୟାଙ୍କ ବିଶ୍ୱାସ ଯେ ଭାରତ ସରକାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି), ବ୍ୟାଙ୍କ ଅଫ ବରୋଦା (ବିଓବି), କାନାରା ବ୍ୟାଙ୍କ, କିମ୍ବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସମେତ କିଛି ବଡ଼ ସରକାରୀ ବ୍ୟାଙ୍କକୁ ନିଜ ପାଖରେ ରଖିବା ଉଚିତ । ଯେତେବେଳେ ବାକି ଛୋଟ ସରକାରୀ ବ୍ୟାଙ୍କଗୁଡ଼ିକ ଘରୋଇକରଣ କିମ୍ବା ମିଶ୍ରଣକୁ ବାଛିପାରିବେ, କିମ୍ବା ସରକାରଙ୍କ ଅଂଶଧନ ହ୍ରାସ କରିପାରିବେ ।

ରିପୋର୍ଟ ଅନୁଯାୟୀ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କକୁ ଏସବିଆଇ କିମ୍ବା ବିଏନବି ସହିତ ମିଶ୍ରଣ କରାଯାଇପାରିବ । ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆକୁ ବିଏନବି କିମ୍ବା ବିଓବି ଦ୍ୱାରା ଅଧିଗ୍ରହଣ କରାଯାଇପାରିବ । ଏସବିଆଇ କିମ୍ବା ବିଓବି ମଧ୍ୟରୁ କେହି ଜଣେ ବ୍ୟାଙ୍କ ଅଫ ଇଣ୍ଡିଆକୁ ଅଧିଗ୍ରହଣ କରିପାରିବେ । ବ୍ୟାଙ୍କ ଅଫ ମହାରାଷ୍ଟ୍ରକୁ ପିଏନବି କିମ୍ବା ବିଓବି ସହିତ ମିଶ୍ରଣ କରାଯାଇପାରିବ ।

ଏହା ପୂର୍ବରୁ, ୨୦୧୭ରୁ ୨୦୨୦ ମଧ୍ୟରେ, ୧୦ଟି ଛୋଟ ସରକାରୀ ବ୍ୟାଙ୍କକୁ ଚାରିଟି ବ୍ୟାଙ୍କରେ ମିଶ୍ରଣ କରାଯାଇଥିଲା, ଯାହା ଫଳରେ ଦେଶରେ ସରକାରୀ ବ୍ୟାଙ୍କ ସଂଖ୍ୟା ୨୦୧୭ରେ ୨୭ରୁ ହ୍ରାସ ପାଇ ୧୨ କୁ ହ୍ରାସ ପାଇଥିଲା । ଷ୍ଟେଟ ବ୍ୟାଙ୍କ ଅଫ ବିକାନେର ଆଣ୍ଡ ଜୟପୁର, ଷ୍ଟେଟ ବ୍ୟାଙ୍କ ଅଫ ହାଇଦ୍ରାବାଦ, ଷ୍ଟେଟ ବ୍ୟାଙ୍କ ଅଫ ମାଇସୁର, ଷ୍ଟେଟ ବ୍ୟାଙ୍କ ଅଫ ପଟିଆଲା, ଷ୍ଟେଟ ବ୍ୟାଙ୍କ ଅଫ ଟ୍ରାଭାଙ୍କୋର ଏବଂ ଭାରତୀୟ ମହିଳା ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହିତ ମିଶ୍ରଣ ହୋଇଥିଲା ।

ଯେତେବେଳେ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସହିତ ମିଶ୍ରଣ ହୋଇଥିଲା । ଦେନା ବ୍ୟାଙ୍କ ଏବଂ ବିଜୟା ବ୍ୟାଙ୍କ ବ୍ୟାଙ୍କ ଅଫ ବରୋଦା ସହିତ ମିଶ୍ରଣ ହୋଇଥିଲା । ସିଣ୍ଡିକେଟ ବ୍ୟାଙ୍କ କାନାରା ବ୍ୟାଙ୍କ ସହିତ ମିଶ୍ରଣ ହୋଇଥିଲା । ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ ବ୍ୟାଙ୍କ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ସହିତ ମିଶ୍ରଣ ହୋଇଥିଲା, ଏବଂ ଆହ୍ଲାବାଦ ବ୍ୟାଙ୍କ ଇଣ୍ଡିଆନ ବ୍ୟାଙ୍କ ସହିତ ମିଶ୍ରଣ ହୋଇଥିଲା ।

## ମାଫିଆଙ୍କ କବ୍‌ଜାରେ ସରକାରୀ ସଂରକ୍ଷିତ ଜଙ୍ଗଲ ଜମି

**ବୈଶିଙ୍ଗା: ଏକ୍ସପ୍ରେସ୍ ନ୍ୟୁଜ୍**



ଅସନ୍ତୁଳିତ ପରିବେଶକୁ ରକ୍ଷା କରିବା ପାଇଁ ସରକାରଙ୍କ କେତେ କେତେ ଯୋଜନା କରାଯାଉଛି ଏବଂ ଏଥିପାଇଁ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି । ନୂତନ ଜଙ୍ଗଲ ସୃଷ୍ଟି କରିବା, ଧ୍ୱଂସ ତଥା ଅବହେଳିତ ଜଙ୍ଗଲକୁ ରକ୍ଷାକରିବା, ଖାଲି ପଡିଥିବା ଜଙ୍ଗଲ ଜମିରେ ନୂତନ ଚାରା ରୋପଣ କରି ଦିନ ମଜୁରୀଆଙ୍କୁ ସାଧନ ଯୋଗାଇବା ଦ୍ୱାରା କର୍ମ ସଂସ୍ଥାନ ବଢିବା ସାଙ୍ଗକୁ ବେରୋଜଗାର ଦୂର ହେବା ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରୁଛି । ଯଦ୍ୱାରା ପରିବେଶ ପ୍ରଦୂଷଣରୁ ମୁକ୍ତ ହୋଇ ପାରିବ ।ମାତ୍ର କିଛି ମାଫିଆଙ୍କ ଦ୍ୱାରା ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେଇ ସେଥିରେ ଅଟ୍ଟାଳିକା, ପାର୍କ, ବ୍ୟବସାୟ ପେଣ୍ଠ ଆଦି ତିଆରି କରିବା ଦ୍ୱାରା ଜଙ୍ଗଲ ସୃଷ୍ଟିରେ ବାଧା ଉପୁଜୁଛି । ଏଭଳି କିଛି ଘଟଣା ବୈଶିଙ୍ଗା ବନାଞ୍ଚଳ ଅଧିନରେ ଥିବା ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ଘଟିଥିବା ଘଟଣାକୁ ନେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀ, ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଇଛନ୍ତି । ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରଙ୍ଗାମାଟିଆ ମୌଜା ଏବଂ ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ଜବରଦଖଲକାରୀ ମାନେ ପୁରା ଜନବସତି ସୃଷ୍ଟି କରିଦେଇଛନ୍ତି । ଏହା ଦ୍ୱାରା ଜଙ୍ଗଲ ଜମି ଧିରେ ଧିରେ ନଷ୍ଟ ହୋଇ ଚାଲିଛି । ଏହାକୁ ରୋକା ନ ଗଲେ ଅନ୍ୟ ବ୍ୟକ୍ତିବିଶେଷ ମଧ୍ୟ ଜଙ୍ଗଲ ଜମି ଜବର ଦଖଲ କରିବାକୁ ଅପଚେଷ୍ଟା କରି ପାରନ୍ତି । ଆହୁରି ଅନେକ ସମାଜସେବୀ ମଧ୍ୟ ଏହାକୁ ବିରୋଧ କରି ଜଙ୍ଗଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି । ଆମ୍ଭ ପ୍ରତିନିଧି ଏହି ଅଭିଯୋଗ ପାଇବାପରେ ରେଞ୍ଜ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ । ସେ କହିଲେ ଗ୍ରାମବାସୀଙ୍କ ଅଭିଯୋଗ ମିଳିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି । ତେବେ ତଦନ୍ତ ପରେ ଏହାର କାର୍ଯ୍ୟାନୁଷ୍ଠାନ କ'ଣ ଗ୍ରହଣ କରାଯାଇଛି ତାର ଉତ୍ତର ମିଳିନାହିଁ ।

## ବିବାଦରେ 'ଧୁରନ୍ଧର୍'

### ରିଲିଜ୍ ରୋକିବାକୁ କୋର୍ଟରେ ମେଜର୍‌ଙ୍କ ପରିବାର

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ରଣବୀର ସିଂହଙ୍କ ଅପକମିଙ୍ଗ ଫିଲ୍ମ 'ଧୁରନ୍ଧର୍' ରିଲିଜ୍ ପୂର୍ବରୁ ବିବାଦକୁ ଆସିଛି । ଅଶୋକ ଚକ୍ର ଓ ସେନା ପଦକ ବିଜେତା ସହିଦ ମୋହିତ ଶର୍ମାଙ୍କ ଅଭିଭାବକ ଫିଲ୍ମର ରିଲିଜ୍ ଉପରେ ତତକାଳ ରୋକ ଲାଗି ଦାବି କରି ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି । ଆବେଦନରେ ସହିଦ ଶର୍ମାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଫିଲ୍ମରେ ଭାରତୀୟ ସେନା କିମ୍ବା ମେଜର ଶର୍ମାଙ୍କ ପରିଜନଙ୍କଠୁ ଅନୁମତି ବିନା ଜଣେ ସ୍ପେଶାଲ ଫୋର୍ସ ଅଫିସରଙ୍କ ଜୀବନ, ଅପରେସନ୍ ଓ ପ୍ରାଣବଳିକୁ ସିଧାସଳଖ ଫିଲ୍ମରେ ପ୍ରଦର୍ଶନ କରାଯାଇଛି ।

ପରିବାରର ଯୁକ୍ତି ଅନୁସାରେ, ଗଣମାଧ୍ୟମର ରିପୋର୍ଟ ଓ ଅନଲାଇନ୍ ଚର୍ଚ୍ଚା 'ଧୁରନ୍ଧର୍'କୁ ମେଜର ଶର୍ମାଙ୍କ କାହାଣୀ ସହ ଯୋଡିଛି । କିନ୍ତୁ ଫିଲ୍ମ ନିର୍ମାତା ଏହାକୁ ସ୍ୱୀକାର କରିନାହାନ୍ତି କିମ୍ବା କୌଣସି ବିନ୍ଦୁ ଉପରେ ପରିବାରଠୁ ପରାମର୍ଶ ନେଇନାହାନ୍ତି । ଆବେଦନରେ ସ୍ପଷ୍ଟ ହୋଇଛି, ସହିଦ କୌଣସି ବ୍ୟବସାୟିକ ବସ୍ତୁ ନୁହନ୍ତି । ନିଜର ଲାଭ ପାଇଁ ଅନୁମତି ବିନା ସୈନ୍ୟଙ୍କ ସତ୍ୟ, ମର୍ଯ୍ୟାଦା ଓ ଜୀବନକୁ ପରିବର୍ତ୍ତନ କରିବାର ଅଧିକାର କାହା ପାଖରେ ନାହିଁ । ପରିବାର ଆହୁରି ଅଭିଯୋଗ କରିଛି, ଅନଧିକୃତ ଚିତ୍ରଣ ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଗତ ସହିଦଙ୍କ ମରଣୋତ୍ତର ବ୍ୟକ୍ତିତ୍ୱ ଅଧିକାରଗୁଡିକର ଉଲ୍ଲଂଘନ କରୁଛି । ଏଥିସହ ପରିବାରର ଗୋପନୀୟତା ଓ ମର୍ଯ୍ୟାଦା ଅଧିକାରର ମଧ୍ୟ ଉଲ୍ଲଂଘନ ହୋଇଛି । ଆବେଦନରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ସେଣ୍ଟ୍ରାଲ ବୋର୍ଡ ଅଫ୍ ସାର୍ଟିଫିକେସନ୍, ଭାରତୀୟ ସେନା ଏବଂ ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ପକ୍ଷଭୁକ୍ତ କରାଯାଇଛି । ଫିଲ୍ମର ରିଲିଜକୁ ରୋକିବା ସହିତ କୌଣସି ସାର୍ବଜନୀନ ପ୍ରିମିୟର ପୂର୍ବରୁ ମେଜର ଶର୍ମାଙ୍କ ପରିବାର ପାଇଁ ବ୍ୟକ୍ତିଗତ ସ୍କ୍ରିନିଂକୁ ଅନିବାର୍ଯ୍ୟ କରିବାକୁ ଆବେଦନରେ କୋର୍ଟଙ୍କୁ ଅନୁରୋଧ କରାଯାଇଛି । ଆସନ୍ତା ଡିସେମ୍ବର ୫ରେ 'ଧୁରନ୍ଧର୍' ମୁକ୍ତିଲାଭ କରିବ । 'ଉରି' ଫେମ୍ ଆଦିତ୍ୟ ଧର୍ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି । ରଣବୀରଙ୍କ ସମେତ ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା ଓ ଆର୍ ମାଧବନ ଏଥିରେ ଅଭିନୟ କରିଛନ୍ତି ।

### ସିନେମାଫିନେମା ଟିଭିଫିବି




## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସର ପ୍ରବେଶ ଉତ୍ସବ

**କଣାସ: ଏକ୍ସପ୍ରେସ ନ୍ୟୁଜ୍**

କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଭିଭାଗ ତରଫରୁ ନୂତନ ସ୍ୱୟଂ ସେବକମାନଙ୍କର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ସଂଜିବ ପଟ୍ଟନାୟକଙ୍କ କର କମଳରେ ଉଦଘାଟନ କରାଯାଇଥିଲା । ଏହି ଉତ୍ସବରେ ରେଡକ୍ରସ ପୁରୀ ଜିଲ୍ଲା ସଂଯୋଜକ ରବିନ୍ଦ୍ର କୁମାର ସାହୁ କଲେଜର ଇଂରାଜୀ ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ ଇଂରାଜୀ ଅଧ୍ୟାପକ ବୃନ୍ଦାବନ ପାତ୍ର ସମେତ ଅଧ୍ୟାପକ ପ୍ରମୋଦ ହୋତା, ଗଦାଧର ଶତପଥୀ, ସନ୍ନମିତା ହାତୀ ଶୁଭସ୍ମିତା ଭାରିମଲ । ପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଜିଲ୍ଲା ସଂଯୋଜକ ଶ୍ରୀ ସାହୁ ଉପାଦେୟ ତଥ୍ୟମାନ ରଖି ରେଡକ୍ରସର ଆବିଷ୍କାର ତଥା ଆବଶ୍ୟକତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଏକ ପେଡ ମା କେ ନାମ'ରେ ମହାଘୋଟାଲା



**୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ନଦୀଗାଁ ପଞ୍ଚାୟତ ଓ ନିଶ୍ଚିନ୍ତପୁର ପଞ୍ଚାୟତ ଏମିତି ଚିତ୍ର ଦେଖିବାକୁ ମିଳିଛି, ପରିବେଶ ପ୍ରତି ସତର୍କ ରହିବା ସହିତ ପରିବେଶକୁ ସବୁଜିମା କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଉପଲକ୍ଷେ ପ୍ରତି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମତେ ବ୍ଲକର ପ୍ରତି ପଞ୍ଚାୟତରେ ଏକ ପେଡ ମା କେ ନାମ ପେ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷ ରୋପଣ କରାଯାଇଥିଲା । ଏ ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ କରାଯାଇଛି । ମାତ୍ର ଏଥିରେ ମହା ଘୋଟାଲା ହୋଇଥିବା ଅଭିଯୋଗ ହୋଇଛି । ଲଗାଯାଇଥିବା ଗଛର ସଂଖ୍ୟା ଓ ବାସ୍ତବ ଚିତ୍ର ମଧ୍ୟରେ ଅନେକ ପାର୍ଥକ୍ୟ ଦେଖାଯାଇଛି । ଗଛ ଲଗାଇବା ବାବଦକୁ ମଜୁରୀ ଓ ରକ୍ଷଣାବେକ୍ଷଣା ପାଇଁ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏବେ ଅଧିକାଂଶ ସ୍ଥାନରେ ଗଛ ନଥିବା ଜଣାପଡିଛି । ଏପରି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସୋର ବ୍ଲକରେ । ସୋର ବ୍ଲକର ୨୪ଟି ପଞ୍ଚାୟତରେ ୧୮ ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଯାଇଥିଲା । ତନ୍ମଧ୍ୟରୁ ନଦିଗାଁ ପଞ୍ଚାୟତରେ କାନପୁର, ନଦୀଗାଁ, ବାଇନଣ୍ଡା, ଗୁହାଳଡ଼ିହିରେ ୪୦୦ ଓ ନିଶ୍ଚିନ୍ତପୁର ପଞ୍ଚାୟତରେ ବିରିବଧାରେ ମଧ ୪୦୦ ଗଛ ଲଗାଯାଇଛି । ଶ୍ରମିକ ଓ ରକ୍ଷଣା ବେକ୍ଷଣା ବାବଦକୁ ବ୍ଲକ ତରଫରୁ ପଞ୍ଚାୟତକୁ ଟଙ୍କା ମଧ ପ୍ରଦାନ କରାଯାଇଛି । ମାତ୍ର ଦୁଃଖ ଓ ପରିତାପର ବିଷୟ ଉକ୍ତ ଗଛଗୁଡିକ ଲଗାଯାଇଥିବା ସ୍ଥାନରେ କେବଳ ଗଛକୁ ଆବଦ୍ଧ କରିବାକୁ ବତା ଓ ଜାଲ ଥିବା ବେଳେ ଅନେକ ଗଛଗୁଡିକ ସେଠାରେ ନାହିଁ । ଗଛ ଗୁଡିକର ରକ୍ଷଣା ବେକ୍ଷଣା କରାଯାଇନଥିବା କିମ୍ବା ଦେଖାଯାଇଥିବା ସଂଖ୍ୟକ ଗଛ ଲଗାଯାଇନଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହିପରି ସମାନ ଦୃଶ୍ୟ ସୋର ବ୍ଲକର ଅନ୍ୟ ପଞ୍ଚାୟତ ଓ ସ୍କୁଲ କଲେଜ ଗୁଡିକରେ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏପରି ଘୋଟାଲାର ସଠିକ ଭାବେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅକ୍ଷୟ କୁମାର ଜେନା, ଶାଶ୍ୱତ ପାଣିଗ୍ରାହୀ, ଅମର ବେହେରା, ସବ୍ୟସଚୀ ପାଢୀ ଓ ବିକ୍ରମ କେଶରୀ ମିଶ୍ର ପ୍ରମୁଖ ଦାବି କରିଛନ୍ତି । ଏନେଇ ସୋର ବିଡିଓ ସତ୍ୟନାଥ ନାୟକଙ୍କୁ ପଚାରିବାରୁ ଏବାବଦରେ କୌଣସି ଅଭିଯୋଗ ହୋଇନାହିଁ । ଅଭିଯୋଗ ହେଲେ ଘଟଣା ବାବଦରେ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଥିଲେ । ଏବାବଦରେ ନଦୀଗାଁ ଓ ନିଶ୍ଚିନ୍ତପୁର ପଞ୍ଚାୟତର ପିଇଓଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ସେ ଫୋନ ଉଠାଇନଥିଲେ ।

## ଆଜିର ରାଶିଫଳ

| ତାରିଖ | ରବିବାର– ଦଶମୀ |
| --- | --- |
| ୩୦.୧୧.୨୦୨୫ | ନକ୍ଷତ୍ର– ଉତ୍ତରାଭାଦ୍ର, ମୀନଚନ୍ଦ୍ର |

- **ମେଷ** : ଅଯଥାରେ ଖର୍ଚ୍ଚାନ୍ତରେ ପଡ଼ିବେ ।
- **ବୃଷ** : ଚାକିରିରେ ପଦୋନ୍ନତି ପାଇବେ ।
- **ମିଥୁନ** : କାର୍ଯ୍ୟ ସିଦ୍ଧି ହେବ ।
- **କର୍କଟ** : ପାକସ୍ଥଳୀରେ ପୀଡ଼ା କଷ୍ଟ ଦେବ ।
- **ସିଂହ** : ଅପବାଦ ଭୟ ରହିଛି ।
- **କନ୍ୟା** : ସୁଖଲାଭ କରିବେ ।
- **ତୁଳା** : ଭୋଜନେ ଶାନ୍ତି ପାଇବେ ।
- **ବିଛା** : ବନ୍ଧୁଙ୍କ ସହ କଳହ ହେବ ।
- **ଧନୁ** : ମନସ୍ତାପ କରିବେ ।
- **ମକର** : ସ୍ୱାସ୍ଥ୍ୟରେ ଉନ୍ନତି ହେବେ ।
- **କୁମ୍ଭ** : ଆୟ କମ୍ ହେବ ।
- **ମୀନ** : ସୁଖାଦ୍ୟ ପ୍ରାପ୍ତି ହେବେ ।

## ନିଖୋଜ ଛାତ୍ର 'ସାଗର' ଭୁବନେଶ୍ୱରରୁ ଉଦ୍ଧାର

**କଳିଙ୍ଗନଗର, ୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଟମକା ଥାନା ଅନ୍ତର୍ଗତ ଟୋଲକାନି ଅଞ୍ଚଳରୁ ଚାରି ଦିନ ତଳେ ହଠାତ୍ ନିଖୋଜ ହୋଇଥିବା ୧୫ ବର୍ଷର ଛାତ୍ର ଅଙ୍କିତ କୁମାର ସେଠୀ (ସାଗର) ଶୁକ୍ରବାର ଭୁବନେଶ୍ୱର ମଞ୍ଚେଶ୍ୱର ରେଲୱେ ଷ୍ଟେସନରେ ଲୋକମାନଙ୍କ ଦ୍ୱାରା ଠାବ ହେବା ପରେ ପୋଲିସ ପକ୍ଷରୁ ପରିବାରକୁ ହସ୍ତାନ୍ତର କରାଯାଇଛି । ଏହି ନିଖୋଜ ଘଟଣାକୁ 'ଓଡିଶା ଏକ୍ସପ୍ରେସ' ନ୍ୟୁଜ ଦ୍ୱାରା ପ୍ରଚାର ପରେ ଅଞ୍ଚଳରେ ଲୋକମାନେ ସଜାଗ ହେବାସହ ପୋଲିସ ତଦନ୍ତ ଆଉ ତେଜ ହୋଇଥିଲା । ଶେଷରେ ସମାଜ ଓ ପୋଲିସର ଏକତ୍ର ପ୍ରୟାସରେ ହଜିଥିବା ପିଲାଟି ମିଳିଯିବାରେ ପରିବାର ମଧ ଆତ୍ମସନ୍ତୋଷ ଜଣାଇଛନ୍ତି । ନଛିପୁରା ଗ୍ରାମର ଛାତ୍ର ସାଗର ତାରିଖ ୨୪ ନଭେମ୍ବର ସକାଳ ୫ଟାରେ ସବୁଦିନପରି ଘର ଆଖପାଖରେ ଖେଳିବାକୁ ବାହାରିଥିଲା । କିନ୍ତୁ ପରେ ଘରକୁ ଫେରି ନଆସିବାରୁ ପରିବାର, ସାଙ୍ଗମାନେ ଓ ଗ୍ରାମବାସୀ ଅଞ୍ଚଳରେ ଖୋଜାଖୋଜି କରିଲେ ମଧ କୌଣସିଠାରେ ଅଙ୍କିତର ସନ୍ଧାନ ମିଳିନଥିଲା । ପରିବାର ପକ୍ଷରୁ ଟମକା ଥାନାରେ ଅଭିଯୋଗ ଦିଆଯାଇଥିଲା, ଯାହା ପରେ ପୋଲିସ ପକ୍ଷରୁ ବ୍ୟାପକ ତଲାସି ଆରମ୍ଭ କରିଥିଲା । ପରିବାର ସୂଚନା



ଅନୁସାରେ, ପ୍ରତିଦିନ ବିକ୍ରମ ବସ ନଛିପୁରା ଦେଇ କଟକକୁ ଯାଉଥିବାରୁ ସନ୍ଦେହରେ ପରିବାର ଲୋକେ କଣ୍ଡକ୍ଟରଙ୍କ ସହ ସମ୍ପର୍କ କରିଥିଲେ । ସାଗରଙ୍କ ଫଟୋ ପଠାଇଲାପରେ କଣ୍ଡକ୍ଟରଙ୍କ ଉତ୍ତରରୁ ସନ୍ଦେହ ହୋଇଥିଲା–ସାଗର ବସରେ ଚଢ଼ି କଟକ ଯାଇଥିବା ସୂଚନା ମିଳିଥିଲା । ଏହି ନୂଆ ତଥ୍ୟ ଆଧାରରେ ପୋଲିସ କଟକ ଓ ଭୁବନେଶ୍ୱର ଅଞ୍ଚଳରେ ଖୋଜ ତୀବ୍ର କରିଥିଲା । ମଞ୍ଚେଶ୍ୱର ଷ୍ଟେସନରେ ୪ଦିନ ପରେ ଠାବ ହେଲା ସାଗର । ଭୁବନେଶ୍ୱର ମଞ୍ଚେଶ୍ୱର ରେଲୱେ ଷ୍ଟେସନ ନିକଟରେ ସ୍ଥାନୀୟ ଲୋକମାନେ ସାଗରଙ୍କୁ ଦେଖି ସନ୍ଦେହ କରି ଟମକା ପୋଲିସକୁ ଖବର ଦେଇଥିଲେ । ପରିବାର ଲୋକେ ପୁଅ ଅଙ୍କିତକୁ ଚିହ୍ନିଥିଲେ । ପୋଲିସ ଯାଇ ପରିଚୟ ପ୍ରମାଣ କରି ପରେ ପିଲାଟିଙ୍କୁ ସୁରକ୍ଷାରେ ନେଇ ପରିବାରକୁ ହସ୍ତାନ୍ତର କରିଦେଲେ । ପରିବାର ସହ ଅଙ୍କିତ ଟମକା ଥାନକୁ ଯାଇ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କ ନିକଟରେ ପାଠର ପ୍ରେସର ହେବାରୁ ଭୟରେ ଘର ଛାଡିବାକୁ ନିଷ୍ପତ୍ତିନେଇଥିଲି ବୋଲି କହିଥିଲେ । ପୋଲିସ ପରିବାରକୁ ପୁତ୍ରକୁ ହସ୍ତାନ୍ତର କରିଥିଲେ । ପରିବାରର ଲୋକେ ପୁଅ ଅଙ୍କିତ ପାଇ ଖୁସି ବ୍ୟକ୍ତ କରିବା ସହ ଏକ୍ସପ୍ରେସ ନ୍ୟୁଜର ଧନ୍ୟବାଦ ଦେଇଥିଲେ । ପିଲାଟି ମିଳିଯାଇଥିବାରୁ ପରିବାର ଲୋକମାନେ ଭାବବିହ୍ୱଳ ହୋଇକି କହିଛନ୍ତି–ବିଭିନ୍ନ ଗଣଣମାଧମ, ପଟିବାର ଲୋକ, ଗ୍ରାମବାସୀ, ସରପଞ୍ଚ, ବନ୍ଧୁବାନ୍ଧବ ଓ ଟମକା ପୋଲିସ ଆମ ପୁଅ ଖୋଜାରେ ବଡ଼ ଭୂମିକା ନେଇଥିଲେ ପରିବାର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ନାବାଳିକାକୁ ଏସିଡ୍ ପକାଇବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଯାଜପୁର, ୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନୈକା ନାବାଳିକାକୁ ଏସିଡ୍ ପକାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ । ସୂଚନା ଅନୁଯାୟୀ ଗତ ୨୦୧୪ ମସିହା ଜୁନ ୬ ତାରିଖରେ ବିଞ୍ଝାରପୁର ଥାନା ଅଞ୍ଚଳର ଜନୈକା ୧୪ ବର୍ଷୀୟା ନାବାଳିକା ଗାଧୋଉଥିବା ବେଳେ ସେହି ଅଞ୍ଚଳର ଜଣେ ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍ ଲୁଚିକି ଦେଖୁଥିଲା। ନାବାଳିକା ଜାଣି ପାରି ଏ ସମ୍ପର୍କରେ ନିଜ ମା'କୁ ଜଣାଇଥିଲା । ନାବାଳିକାର ମା' ସଂପୃକ୍ତ ସୌମ୍ୟରଞ୍ଜନକୁ ଏ ବିଷୟରେ ପଚାରିଥିଲେ। ଏହି ଘଟଣାକୁ ନେଇ ଜୁନ ୮ ତାରିଖ ରାତି ୧୧ଟା ବେଳେ ନାବାଳିକା, ତାଙ୍କ ମା' ଓ ଭାଇ ପରିସ୍ରା କରିବା ପାଇଁ ପଦାକୁ ଉଠିଥିବା ବେଳେ ସୌମ୍ୟ ରଞ୍ଜନ ଓ ତାର ସାଥୀ ବିଟୁ ଓରଫ ପ୍ରଶାନ୍ତ ରାୟ ନାବାଳିକା ଉପରକୁ ଏସିଡ୍ ଫୋପାଡ଼ିଥିଲେ। ଏହି ଏସିଡ୍ ମାଡ଼ରେ ନାବାଳିକା ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ନାବାଳିକାକୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ନାବାଳିକାର ମା' ଜୁନ ୧୦ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୁଲିସ କେଶ ନଂ. ୧୦୨/୧୪ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହ ବିଟୁ ଓରଫ ପ୍ରଶାନ୍ତ ରାୟ ଓ ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍‌କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାକୁ ଶୁକ୍ରବାର ଦିନ ଅତିରିକ୍ତ ଜିଲା ଦୌରା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ୧୧ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ବିଟୁ ଓରଫ ପ୍ରଶାନ୍ତ ରାୟ ଓ ସୌମ୍ୟ ରଞ୍ଜନ ଓରଫ ପୁଅ ସାର୍‌କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟ ୨ ବର୍ଷ ଅଧିକ କାରାଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ଅତିରିକ୍ତ ସରକାରୀ ଓକିଲ କ୍ୟାଡର ବିପ୍ଳବ କୁମାର ମୁଦୁଲି ଓ ଅତିରିକ୍ତ ସରକାରୀ ଓକିଲ ଜୟଦୀପ ମିଶ୍ର ପରିଚାଳନା କରୁଥିଲେ।

## ବ୍ରିକ୍ସ-ଏଜିଏସି ସଂଘର କାଉନସିଲ ସଦସ୍ୟ ହେଲେ ଓଡ଼ିଆ ପୁଅ

**ଖଣ୍ଡପଡ଼ା, ୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ହାଇଦ୍ରାବାଦ ସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ସାହୁ ଭାରତ ସମେତ ୫ଟି ଦେଶକୁ ନେଇ ଗଠିତ ବ୍ରିକ୍ସ–ଏଜିଏସ ସଂଘର କାଉନସିଲ ସଦସ୍ୟ ଭାବେ ମନୋନୀତ ହୋଇଥିବା ଜଣାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ବୈଜ୍ଞାନିକ ଶ୍ରୀ ସାହୁଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ଜାନୁୟାରୀ ୧ ତାରିଖରୁ ଆରମ୍ଭ ହେବ ଓ ସେ ୪ ବର୍ଷ ଧରି କାର୍ଯ୍ୟ କରିବେ ବୋଲି ଜଣାପଡିଛି । ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ସହ ମାଡ୍ରାସ ଆଇଆଇଟିର ପ୍ରଫେସର ଏଲ



ଶ୍ରୀରାମ କୁମାର, ଦିଲ୍ଲୀ ଆଇଆଇଟିର ପ୍ରଫେସର ସୁପ୍ରିତ ସିଂହ ଓ ଗାନ୍ଧୀନଗର ଆଇଆଇଟିର ପ୍ରଫେସର ସୁଦୀପ୍ତ ସର୍କାର ମଧ ଭାରତ ପକ୍ଷରୁ ଉକ୍ତ କାଉନସିଲରେ ସଦସ୍ୟ ଭାବେ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ମିଳିଛି । ପୃଥିବୀର ୫ଟି ଦେଶ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ–ଏଜିଏସି ସଂଘର କାର୍ଯ୍ୟକଳାପ ମୁଖ୍ୟତଃ ମାଧ୍ୟାକର୍ଷଣ, ଜ୍ୟୋତିର୍ବିଜ୍ଞାନ ଓ ବ୍ରାହ୍ମଣ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ସହଯୋଗ ଓ ଗବେଷଣା ଉପରେ ପର୍ଯ୍ୟବେସିତ ବୋଲି ଜଣାପଡିଛି । ଉପରୋକ୍ତ ୫ଟି ଦେଶର କାର୍ଯ୍ୟରତ ବୈଜ୍ଞାନିକ, ଗବେଷକମାନଙ୍କୁ ସହଯୋଗ କରିବା ସହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଏ ସମ୍ବନ୍ଧୀୟ ଜ୍ଞାନର ଆଦାନ ପ୍ରଦାନ କରିବାରେ ମନୋନୀତ କାଉନସିଲ ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଜଣାପଡିଛି । କାଉନସିଲ ସଦସ୍ୟ ଭାବେ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନ ପାଇଥିବାରୁ ନୟାଗଡ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ଘର ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଞ୍ଚାୟତର କୁଆହାରା ଗ୍ରାମରେ ହୋଇଥିବା ବେଳେ ମାଟିର ପୁଅ ପ୍ରଦ୍ୟୁମ୍ନଙ୍କୁ ନେଇ ଗ୍ରାମବାସୀ ବେଶ ଗର୍ବ ଅନୁଭବ କରିଛନ୍ତି । ଏବେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି । ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବୈଜ୍ଞାନିକ ଶ୍ରୀସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିବା ଜଣାଯାଇଛି । ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁଆହରା ଗ୍ରାମର ଦାମୋଦର ସାହୁଙ୍କ ପୁଅ ବୋଲି ଜଣାପଡିଛି ।

## ଦୁର୍ବୃତ୍ତ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

**କୋରେଇ, : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାସନଗର ପାଣିକୋଇଲି ଥାନା ଛୋଟରାୟପୁର ଗାଁର ଦାମୋଦର ପାଢ଼ୀଙ୍କ ସ୍ତ୍ରୀ ସରସ୍ୱତୀଙ୍କ ବେକରୁ ଶୁକ୍ରବାର ସନ୍ଧ୍ୟାରେ କିଛି ଦୁର୍ବୃତ୍ତ ସୁନାଚେନ୍ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି । ଛୋଟରାୟପୁର ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ସିସିଟିଭିରେ ଘଟଣା କଏଦ ହୋଇଥିବା ବେଳେ ଫୁଟେଜ୍ ଆଧାରରେ ଯାଜପୁରରୋଡ଼ ପୁଲିସ ତଦନ୍ତ ଜାରି ରଖିଛି । ଦାମୋଦର ସରସ୍ୱତୀଙ୍କୁ ଏକ ସ୍କୁଟିରେ ବସାଇ ଯାଜପୁରରୋଡ଼ରୁ ଘରକୁ ଫେରୁଥିବା ବେଳେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ କଳାରଙ୍ଗର ପଲସର୍ ବାଇକ୍ରେ ପିଛା କରିଥିଲେ । କିଛିବାଟ ଯିବାପରେ ସେମାନେ ସରସ୍ୱତୀଙ୍କ ବେକରୁ ଚେନ୍ ଝାମ୍ପିନେଇ ଆଖିପିଛୁଳାକେ ଦଳା–ଶଙ୍ଖଚିଲା ରାସ୍ତାରେ ଉଭାନ ହୋଇଯାଇଥିଲେ । ଖୋଜାଖୋଜି ହୋଇଥିଲେ ହେଁ ଦୁର୍ବୃତ୍ତଙ୍କ ପତ୍ତା ମିଳିନଥିଲା । ପରେ ଏନେଇ ଦାମୋଦର ଯାଜପୁରରୋଡ଼ ଥାନାରେ ଅଭିଯୋଗ କରିଥିଲେ । ମାତ୍ର ଯାଜପୁରରୋଡ୍ ପୁଲିସ ଘଟଣା ଘଟିଥିବା ସ୍ଥାନ ପାଣିକୋଇଲି ଥାନା ଅଧୀନରେ ଆସୁଥିବା କହି ପ୍ରଥମେ ଅଭିଯୋଗ ରଖିନଥିଲେ । ଶେଷରେ ଯାଜପୁରରୋଡ୍ ଥାନା ପୁଲିସ ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରିଥିବା ଜଣାପଡ଼ିଛି । ସିସିଟିଭି ଫୁଟେଜ୍ରେ ଲୁଟେରାଙ୍କ ଚିତ୍ର କଏଦ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୁଲିସ କହିଛି ।

## ସିଆଇଏସ୍ ଯବାନ ଶହୀଦ



**ବରଗଡ଼, ୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲା ଅତାବିରା ଥାନା ସୋଢାପାଲି ଗ୍ରାମର ଦୂର୍ବାଦଳ ଭୁଏ । ତାମିଲନାଡୁର ମହେନ୍ଦ୍ରଗିରିରେ କାର୍ଯ୍ୟରତ ସମୟରେ ଶହୀଦ ହୋଇଛନ୍ତି । ଆଜି ଆଉ କିଛି ସମୟ ପରେ ତାଙ୍କ ଗ୍ରାମକୁ ତାଙ୍କର ପାର୍ଥିବଶରୀର ପହଞ୍ଚିଛ ସେଠାରେ ତାଙ୍କୁ ସିଆଇଏସ୍‌ଏଫ୍ ତରଫରୁ ଗାର୍ଡ ଅଫ ଅନର ଦିଆଯିବଛ ତାଙ୍କ ପରିବାରରେ ସେ ପଛରେ ବାପା ମା' ଓ ଦୁଇଟି ଭାଇଙ୍କୁ ଛାଡ଼ି ଯାଇଛନ୍ତି । ଗତ ୫ ବର୍ଷ ଧରି ସେ ସିଆଇଏସ୍‌ଏଫ୍‌ରେ କାର୍ଯ୍ୟ କରି ଆସୁଥିଲେ । ଅତାବିରା ଥାନାରେ ତାଙ୍କ ପାର୍ଥିବ ଶରୀର ଗ୍ରାମବାସୀ ରିସିଭ କରି ଏକ ଶୋଭାଯାତ୍ରାରେ ତାଙ୍କ ଜନ୍ମଭୂମି ସୋଢାପାଲି ନିଆଯାଉଛି ।

## ଜରି ପାଲ ତଳେ ୫ପ୍ରାଣୀଙ୍କ ଦୁର୍ବିସହ ଜୀବନ

**ଜଳେଶ୍ୱର, ୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ ଆଦୀବାସୀ ବହୁଳ ରାଇବଣିଆ ଅଞ୍ଚଳରେ ଏବେବି ବହୁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଆଦିବାସୀଙ୍କ ଗାଁକୁ ପକ୍କା ସଡକ କିମ୍ବା ଭଲ ରାସ୍ତା ଖଣ୍ଡିଏ ନଥିବା ବେଳେ ମୁଣ୍ଡ ଗୁଞ୍ଜିବା ଲାଗି ଆବାସ ଘର ସାତ ସପନ ପାଲଟିଛି । ଖୁଆର୍ଡ ପଞ୍ଚାୟତ ହରିଣାବନ୍ଧ ଗାଁର ସ୍ୱର୍ଗତ କାନ୍ଦରୁ ମୁର୍ମୁଙ୍କ ବଡପୁଅ ଓ ତାଙ୍କ ଧର୍ମପତ୍ନୀ ବର୍ଷା ମୁର୍ମୁ(୩୦)୩ ପିଲା ସହ ପାଞ୍ଚ ଜଣିଆ ପରିବାର ୨ବର୍ଷ ହେବ ଛିଣ୍ଡା ଜରି ପାଲ କୁଡ଼ିଆରେ ଦୁର୍ବିସହ



ଜୀବନ ବିତାଉଛନ୍ତି । ରାସନ ଚାଉଳ ରେ ପରିବାର ପ୍ରତିପୋଷଣ ହେଉଥିବା ବେଳେ ଆର୍ଥିକ ସ୍ଥିତ ଶୋଚନୀୟ ରହିଛି । ବଡପୁଅ ରାହୁଲ(୯) ଗାଁ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ବେଳେ ମଝିଆ ଝିଅ ପ୍ରିୟା(୫)ଅଙ୍ଗନବାଡ଼ି ଯାଉଛି । ସାନପୁଅ ଆଲୋକ ମାତ୍ର ୬ ମାସର ହୋଇଥିବା ବେଳେ ଜୀବନ ଧାରଣ ପ୍ରତିକୂଳ ପରିବେଶ ରେ ହେଉଛିଛଦିନ ମଜୁରିଆ ପରିବାର ମୁଲ ଲାଗି ଖଟିଲେ ପରିବାର ଚାଳିଥାଏ । ଗାଁ ସନ୍ନିକଟରେ ଜଙ୍ଗଲ ରହିଥିବା ବେଳେ ହାତୀର ଗତିବିଧି ଯୋଗୁଁ ବିପଦପୂର୍ଣ୍ଣ ଜୀବନ ଜୀବିକା ସହ ଭୟଭୀତ ମଧ୍ୟରେ କାଳାତିପାତ କରିଥାନ୍ତ । ଏହିଭଳି ସ୍ଥିତରେ ଛିଣ୍ଡା ଜରି ପାଲ ଘୋଡ଼ା ଖୋଲା କୁଡ଼ିଆରେ ଦୁଃଖକଷ୍ଟରେ ଦୟନୀୟ ଭାବେ ଜୀବନ ଅତିବାହିତ ହେଉଛି । ତେଣୁ ପ୍ରଶ୍ନ ଉଠୁଛି ସରକାରୀ ଯୋଜନା କାହା ପାଇଁଛ ଅତି ଶିଘ୍ର ପ୍ରସାଶନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରି ଆବାସ ଯୋଜନାରେ ସାମିଲ୍ କରିବା ସହିତ ଅନ୍ତଦ୍ୟୋୟ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସାଧାରଣ ରେ ଦାବି କରାଯାଇଛି ।

## ବେତନଟୀ ଏନଏସି ଘୋଷଣା ପରେ ନୋଟିଫିକେସନ କେବେ?

**ବୈଶିଙ୍ଗା, ୨୯।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସର୍ବ ବୃହତ ମୟୂରଭଞ୍ଜ ଜିଲାର ବେତନଟୀକୁ ସରକାରୀ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିବ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ବିଗତ ବିଜେଡି ସରକାର ର ଚବିଶ ବର୍ଷର ଶାସନ କାଳ ମଧ୍ୟରେ ଏବଂ ବିଜେପିର ଡବଲ ଇଞ୍ଜିନ ସରକାରର ଦେଢ଼ ବର୍ଷର ଶାସନ ଅବଧି ମଧ୍ୟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନଏସି ଘୋଷଣା କରାଯାଇଛି ସତ ମାତ୍ର ନୋଟିଫିକେସନ ନାହିଁ । ଅଥଚ ବେତନଟୀ ଏନଏସି ଗଠନ ପାଇଁ ବେତନଟୀ ଗ୍ରାମପଞ୍ଚାୟତର ୬ଟି ରାଜସ୍ୱ ଗ୍ରାମ ଏବଂ ସଠିଲୋ ଗ୍ରାପର ଆଠଟି ରାଜସ୍ୱ ଗ୍ରାମ ମୋଟ ୧୪ଟି ରାଜସ୍ୱ ଗ୍ରାମର ୧୮୮୪୩ ଜନସଂଖ୍ୟା ଯାହା ୨୦୧୧ ଜନଗଣନା ଅନୁସାରେ ତାଲିକାଭୁକ୍ତ ହୋଇଥିବା ବେଳେ ୨୦୨୫ ସୁଦ୍ଧା ଏହା ୩୫ ହଜାର ଟପି ବାକୁ ବସିଥିବା ସତ୍ତ୍ୱେ ସହର ବାସୀମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ ଚାଲିଛନ୍ତି । ସରକାରୀ କଳର ନିଷ୍କ୍ରିୟତା କାଳକ୍ଷେପଣ ନୀତି ଯୋଗୁଁ ସହରରେ ଲୋକ ମାନେ ବସବାସ କରୁଥିଲେ ବି ସର୍ବନିମ୍ନ ସୁବିଧା ଯାହା ଆବଶ୍ୟକ ଯାହା ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଯୋଗାଇ ପାରିବା କଥା ସେତିକି ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ମିଳି ପାରୁ ନ ଥିବା କାରଣରୁ ପୁରଣ ହୋଇ ପାରୁନାହିଁ । ଏହି ଅଘୋଷିତ ସହରରେ ଷାଠିଏ ପ୍ରତିଶତ ପରିବାର ସ୍ଥାନୀୟ ବାସିନ୍ଦା ହୋଇ ନ ଥିବାରୁ ସହରର ବିକାଶ ତଥା ସର୍ବନିମ୍ନ ଆବଶ୍ୟକତା ପାଇଁ ଯାହା ବ୍ୟବସ୍ଥା ଆବଶ୍ୟକ ସେ ଦିଗରେ ସଚେତନ ନ ଥିବା କାରଣରୁ ଏନଏସିର ଦାବିକୁ ନେଇ ଜୋରଦାର ଆନ୍ଦୋଳନ କରାଯାଇ ପାରୁ ନ ଥିବା ହେତୁ ସରକାର ମଧ ତାଙ୍କ ଆଡୁ ଗୁରୁତ୍ୱ ଦେଉ ନ ଥିବା ଅଭିଜ୍ଞ ସଚେତନ ବରିଷ୍ଠ ବ୍ୟକ୍ତି ବିଶେଷ ମାନେ ସେମାନଙ୍କ ପ୍ରତିକ୍ରିୟାରେ ଗଣମାଧମକୁ ଜଣାଇଛନ୍ତି । କ୍ଷମତାସୀନ ସରକାରୀ ଦଳର ନେତା ମାନଙ୍କର ଇଚ୍ଛାକୃତ ଅବହେଳା ସାଂଗକୁ ବିରୋଧୀ ରାଜନୈତିକ ଦଳର ନେତା ମାନେ ଏନଏସି ପାଇଁ ଯୁଦ୍ଧଂ ଦେହି ଡାକରା ଦେଇ ନ ପାରିବା ଯୋଗୁଁ କେବଳ ବେତନଟୀର ଅଣ ରାଜନୈତିକ ସଂଗଠନ ବିକାଶ ମଞ୍ଚ ଓ କେତେଜଣ ସଚେତନ ଗଣମାଧମର ପ୍ରତିନିଧି ମାନଙ୍କ ଉଦ୍ୟମରେ ଏହି ଏନଏସି ଦାବିକୁ ଜୋରଦାର କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିବା ହେତୁ ବେତନଟୀ ବିଡିଓଙ୍କ ପକ୍ଷରୁ ଚିଠି ନଂ ୩୬୬ ତା ୪/୨/୨୫ ରିଖରେ ସରକାରଙ୍କ ଚିଠି ନଂ ୧୪୬ ତା ୧୫/୩/୨୪ ରିଖ ରେଫରେନ୍ସ ଅନୁସାରେ ସମସ୍ତ ଆବଶ୍ୟକ ତଥ୍ୟ ପ୍ରଦାନ କରାଯିବା ସହିତ ମୟୂରଭଞ୍ଜ ଜିଲାପାଳଙ୍କୁ ମଧ ସମସ୍ତ ଆବଶ୍ୟକ ତଥ୍ୟ ଓ ପରିସଂଖ୍ୟାନ ଚିଠି ନଂ ୩୬୭ ତା ୪/୨/୨୫ ରିଖ ରେ ପ୍ରଦାନ କରାଯାଇ ଅଛି । ଏହି ଏନଏସି ପ୍ରକ୍ରିୟା ଏବଂ ଦାବି ବିଗତ ପଚିଶ ବର୍ଷ ଧରି ଗଣମାଧମରେ ଉପସ୍ଥାପନ କରାଯାଇ ଆସୁଥିବା ଏବଂ ବଡସାହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀମାନେ ଏବଂ ପରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଧାନ ସଭାରେ ବେତନଟୀକୁ ଏନଏସି ଘୋଷଣା ପାଇଁ ଦାବି ଉଠାଇ ନିଜ ଲୋକ ପ୍ରିୟତା ବଜାୟ ରଖିବା ପାଇଁ ଏବଂ ଚର୍ଚ୍ଚାରେ ରହି ଆସିବା ପାଇଁ ବେଶ ସୁଯୋଗ ମଧ ସୃଷ୍ଟି କରି ଆସି ନିଜ ବାହାଦୁରୀ ମୋବାଇଲରେ ଭାଇରାଲ କରିଥାନ୍ତି । ବେତନଟୀ ସହର ମଧ୍ୟରେ ଥିବା ସଠିଲୋ ପଞ୍ଚାୟତର ୮ଟି ଓ ବେତନଟୀ ପଞ୍ଚାୟତର ୬ଟି ମୋଟ ଦୁଇଟି ଗ୍ରା.ପ.ର ୧୪ଟି ରାଜସ୍ୱ ଗ୍ରାମ ଏନଏସି ତାଲିକାଭୁକ୍ତ ହେବା ପାଇଁ ଦୁଇ ଗ୍ରା.ପ.ର ସରପଞ୍ଚମାନେ ମଧ ନିଜ ଗ୍ରାପ ବୈଠକରେ ଅନୁମୋଦନ କରାଇ ବେତନଟୀ ବିଡିଓଙ୍କୁ ପ୍ରୋସିଡିଂର କପି ପ୍ରଦାନ କରି ସାରିଛନ୍ତି । ଯେଉଁଥିରେ ଏହି ଏନଏସିର ଏରିଆ ୫୮୭୩.୮୯ ଏକର ଥିବାବେଳେ ସରକାରୀ ଏରିଆ ୨୦୫୦.୦୬ ଏକର ଥିବା ଏବଂ ୬୫ ରୁ ୭୦ ଭାଗ ଜନସଂଖ୍ୟା ଅଣକୃଷି ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଅନ୍ୟ ମାନଙ୍କ ଜୀବିକା କୃଷିଭିତ୍ତିକ ବୋଲି ଜଣାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ କି ବେତନଟୀରେ ଉପଖଣ୍ଡ ସ୍ତରୀୟ ରାଜସ୍ୱ କାର୍ଯ୍ୟାଳୟ ନ ଥିବା ବେଳେ ଅନ୍ୟ ସମସ୍ତ ବିଭାଗର ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ଜେଏମଏଫସି କୋର୍ଟ ରେଳ ଷ୍ଟେସନ ଅଗ୍ନିଶମ ଓ ଦୂର ସଞ୍ଚାର ନିଗମର ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ରେଳ ଓ ସଡ଼କ ପଥର ସଂଯୋଗ ରାସ୍ତା ରହିଅଛି । ଏଣୁ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ବେତନଟୀକୁ ଏନଏସି ମାନ୍ୟତା କରାଯିବା ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାକୁ ୨ ଗ୍ରାମ ପଞ୍ଚାୟତ ର ସରପଞ୍ଚ ମାନଙ୍କ ପକ୍ଷରୁ ଓ ବଜାର ବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏଥିପ୍ରତି ନଜର ଦେବା ପାଇଁ ବେତନଟୀ ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ମୃତ ଡ଼ଲଫିନ ଉଦ୍ଧାର

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ବାସୁଦେବପୁର କଷିଆ ସମୁଦ୍ର ମୁହାଣରୁ ବିରାଟକାୟ ଡଲଫିନ୍‌ର ମୃତଦେହ ଉଦ୍ଧାର ହୋଇଛିଛ ଡଲଫିନ୍‌ର ଲମ୍ବ ୧୨ରୁ ୧୫ ଫୁଟ୍ ହୋଇଥିବା ଜଣାପଡିଛି । ଏବଂ ଏହାର ଓଜନ ୧ ଟନରୁ ଅଧିକ ହେବ । ମତ୍ସ୍ୟଜୀବୀମାନେ ଡଲଫିନଟିକୁ ସମୁଦ୍ରରେ ମୃତ ଅବସ୍ଥାରେ ଉଦ୍ଧାର କରି ମୁହାଣକୁ ଆଣିବା ପରେ ବନ ବିଭାଗ ଉଦ୍ଧାର କରିଛି ।

## ସାଂସଦଙ୍କ କାର୍ ଦୁର୍ଘଟଣା ଗ୍ରସ୍ତ

**ଜଗତସିଂହପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ହାଜିପୁରରେ ସାଂସଦ ବିଭୂ ତରାଇଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ସାଂସଦଙ୍କ କାର୍‌କୁ ପଛରୁ ଆଉ ଏକ କାର୍ ଧକ୍କା ଦେଇଛି । ଦୁର୍ଘଟଣାରେ ସାଂସଦ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦୁର୍ଘଟଣା ଘଟାଇ ଥିବା କାର୍ ସହ ଡ୍ରାଇଭର ବିରିଡି ଥାନାରେ ଅଟକ ରଖାଯାଇଛି ।

## ପ୍ରଶାସନର ଆଢୁଆଳରେ ଗିଲ ଦେଉରୀ, ମୁଣ୍ଡ ଗୁଞ୍ଜିବାକୁ ନାହିଁ ଚାଳଘର

**କାଳିଆପାଣି, ୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରତ୍ନଗର୍ଭା ସୁନାର ବିକଶିତ ସୁକିନ୍ଦା ଓ ଶିଳ୍ପ ନଗରୀରେ ଦୀପ ତଳ ଅନ୍ଧାର ପରି ରହିଯାଇଛନ୍ତି ଏହି ଗରିବ ଆଦିବାସୀ ବର୍ଗର ଦମ୍ପତି । ପ୍ରଚଣ୍ଡ ଖରା ଓ କାଳ ବୈଶାଖୀ ପବନରେ ତାଙ୍କ କୁଡ଼ିଆଟି ଭାଙ୍ଗି ଗଲାଣି ବହୁ ଦୁଃଖ କଷ୍ଟର ପରିବାର । ରାଜ୍ୟ ସରକାରଙ୍କ ବୃଦ୍ଧ ଓ ବୃଦ୍ଧାମାନଙ୍କ ପାଇଁ କେତେ କ'ଣ ଯୋଜନା ପ୍ରଣୟନ କରିଛନ୍ତ, କିନ୍ତୁ ଦୁଃଖର କଥା ଏହିସବୁ ଯୋଜନା ବହୁ ଦୂରରେ ରହିଯାଉଛି । ପ୍ରକୃତ ହିତାଧିକାରୀ ଏହି ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି । ପରିଣତ ବୟସରେ ଖରା ବର୍ଷା ଶୀତ କାକରରେ କେତେ ଯେ ଦୁଃଖ ଯନ୍ତ୍ରଣା ସହିବାକୁ ହେଉଛି ଏହି ଗରିବ ଦମ୍ପତିଙ୍କୁ ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ପେଟ ଚାଖଣ୍ଡକ ପାଇଁ ଓ ମୁଣ୍ଡ ଗୁଞ୍ଜିବା ପାଇଁ କେତେ ଯେ କଷ୍ଟ କରିବାକୁ ପଡେ ତା'ର ଏକ ଚିତ୍ର ଦେଖିବାକୁ ମିଳିଛି ଦେଉଳକଣ ପଞ୍ଚାୟତ ବଗପାଟିଆ ବଡଧର ସାହିରେ । କେଇ ମିଟର ଦୂରରେ ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତ ବଡଧର ବସ୍ତିରେ ଦୃଶ୍ୟ । ଏହି ବସ୍ତିରେ ରୁହନ୍ତି ବୃଦ୍ଧା ଗିଲ ଦେହୁରୀ(୭୪) ଓ ତାଙ୍କ ଝିଅ ଲକ୍ଷ୍ମୀ ଦେହୁରୀ (୨୯) ପାଖରେ ଜଣେ ମାନସିକ ବିକୃତ ପୁଅ । ବୃଦ୍ଧା ଗିଲ ବୟସର ଅପରାହ୍ନରେ । ଦୃଷ୍ଟି ଶକ୍ତି କମି ଗଲାଣି, ଚାଲିବାକୁ ଅଣ୍ଟାରେ ବଳ ନାହିଁ, କିଛି ବାଟ ଗଲେ ହାଲିଆ ହୋଇ ବସି ପଡୁଛନ୍ତି । ଚମ ଧୁଡୁଧୁଡ ହୋଇଗଲାଣି କଥା କହିବାକୁ ସକ୍ଷମ ହେଉନାହିଁ । ଏହି ବୟସରେ ସେ କେମିତି ବଞ୍ଚିବା ପାଇଁ ସଂଘର୍ଷ



କରୁଛନ୍ତି ତାହା କେହି ସ୍ୱଚକ୍ଷୁରେ ନ ଦେଖିଲେ ଅନୁଭବ କରିପାରିବେ ନାହିଁ । ବହୁତ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି । କେଉଁଦିନ ପାଇଲେ ଗଣ୍ଡିଏ ଖାଉଛନ୍ତି ନ ହେଲେ ଉପାସ, ବାର୍ଦ୍ଧକ୍ୟ ଆବାସ ପାଇବା ପାଇଁ ବୟସ ହୋଇଯାଇଥିଲେ ମଧ ବାରମ୍ବାର ନେତାଙ୍କୁ କହି କହି ବ୍ଲକ ଅଫିସ ଯାଇ ଯାଇ ନୟାନ୍ତ ହେଲେଣି କିନ୍ତୁ ଆବାସ ମୁଳୁନାହିଁ । ରହିବେ ବା କିପରି? ମୁଣ୍ଡ ଉପରେ ଜରିପାଲ ଘେରା ଝାଟିମାଟିର କୁଡ଼ିଆଟି ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ, ଦିନରେ ଖରା ରାତିରେ ଜନ୍ତୁ ଦେଖାହେଉଛି । କେତେବେଳେ ବର୍ଷା ପବନରେ କ'ଣ ହେବ ତାହା କହିହେବ ନାହିଁ, ବାସ୍ତବରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ସରକାରଙ୍କର ମାଳ ମାଳ ଯୋଜନା ହେଉଛି କିନ୍ତୁ ଏହି ଆଦିବାସୀ ଦମ୍ପତିଙ୍କ ପାଇଁ ଏହା ସାତସପନ ପାଲଟିଛି । ବିଭାଗୀୟ ଅଧିକାରୀଙ୍କର ଉଦାସୀନତା ମନୋଭାବ, ସ୍ଥାନୀୟ ଲୋକ ପ୍ରତିନିଧି ସରପଞ୍ଚଙ୍କର ଅବହେଳା ପାଇଁ ଆଜି ଏହି ବୃଦ୍ଧା ଓ ତାଙ୍କ ଝିଅ ଦୁଇଜଣ ପରିଣତ ବୟସରେ ପହଁଚିଥିଲେ ମଧ ତାଙ୍କୁ ଆବାସ ମିଳୁନାହିଁ । ଏହି ବୟସରେ ଆଉ କେତେ ଦିନ ବାର ଦୁଆର ଶୁଣ୍ଡିପିଣ୍ଡା ହେବେ ଏହି ଗରିବ ବୃଦ୍ଧା । ଏମାନେ କ୍ଷୋଭର ସହ କୁହନ୍ତି ଆମେ ମଲା ପରେ କ'ଣ ସରକାର ଆବାସ ଦେବେ, ବାବୁ ସତରେ ଗରିବଙ୍କ ପାଇଁ ଦୁନିଆରେ କେହି ନାହାନ୍ତି? ଦେଖାଯାଉ ଏହି ବୃଦ୍ଧାଙ୍କ ଦୁଃଖ ଦୂର ହେବାପାଇଁ ଆଉ କେତେ ଦିନ ଲାଗିବ? ଗ୍ରାମବାସୀ ମାନେ ଏହି ଅସହାୟ ଦମ୍ପତିଙ୍କ ପାଇଁ ଘର ଖଣ୍ଡେ ଆବାସ ଯୋଜନାରେ ସରକାର ଯୋଗାଇ ଦେବାପାଇଁ ନିବେଦନ କରିବା ସହ ଅନ୍ତୋଦୟ ଯୋଜନାରେ ଝିଅଟିକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିବେଦନ କରିଛନ୍ତି । ଏହି ଘଟଣା ଜାଣିବା ପରେ ଯୁବମୋର୍ଚ୍ଚା ସଭାପତି ଯୁଧିଷ୍ଠିର ମହାନ୍ତ, ୮ନମ୍ବର ଜୋନ ସଭାପତି ସନ୍ତୁଷ ପାଣିଗ୍ରାହୀ, ଯୁବ ସାମ୍ବାଦିକ ଅଜୟ କୁମାର ଦେହୁରୀ, ରାଜୁ ପାତ୍ର, ସାନ୍ତୁଷ ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ହରେ କୃଷ୍ଣ ପାତ୍ର, ରାଜୁ ସାମଲ ପ୍ରମୁଖ ଅସହାୟ ଗିଲ ଦେଉରୀ ପାଖରେ ପହଞ୍ଚି ତାଙ୍କର ଦୁଃଖ ଶୁଣିବା ପରେ ଶୀତବସ୍ତ୍ର ସହିତ ଚଳିବା ପାଇଁ ରାସନ୍ ସାମଗ୍ରୀ ଯୋଗାଇ ଦେଇଥିଲେ । ପ୍ରଶାସନ ପକ୍ଷରୁ କେବେ ଗିଲ ଦେଉରୀଙ୍କୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବେ ତାହା ଦେଖିବାକୁ ବାକି ରହିଲା ।

ଚାଷ ଆଡୁ ମୁହଁ ଫେରାଇ ନେଲେଣି ଅନେକ ଚାଷୀ । ଅନେକ ଏବେ ଦାଦନମୁହାଁ । ବାପା ମା’ ଦାଦନ ଖଟିବାକୁ ଯାଉଥିବା ବେଳେ ତାଙ୍କ ପିଲାଏ ପାଠ ଛାଡ଼ି ବାପା ମା’ଙ୍କ ସାଙ୍ଗରେ ଯିବାକୁ ବାଧ ହେଉଛନ୍ତି । ଏହି କାରଣରୁ ଡ୍ରପ୍‌ଆଉଟ୍ ସଂଖ୍ୟା ବଢୁଛି । ଖବରରୁ ଜଣାଯାଇଛି ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ରେ ୧୮୩୨୧୬ଜଣ ଛାତ୍ରଛାତ୍ରୀ ସ୍କୁଲ୍‌କୁ ଆସୁନାହାନ୍ତି । ଅଧାରୁ ସେମାନେ ପାଠ ଛାଡ଼ିଛନ୍ତି । କୃଷକଙ୍କୁ କେବଳ ଆର୍ଥିକ ଅନୁଦାନ ଦେଇଦେଲେ ଯେ ଚାଷର ବିକାଶ ହୋଇଯିବ ଏକଥା ଚିନ୍ତା କରିବା ଉଚିତ୍ ନୁହେଁ । କୃଷି କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସମାଧାନ କରାଯିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମଣ୍ଡି, ଶୀତଳ ଭଣ୍ଡାର, କ୍ଷେତକୁ ପାଣି ଏଥିସହିତ ବିପଣନର ବ୍ୟବସ୍ଥା ମଧ୍ୟ କରାଯିବା ଦରକାର ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୩୦ ନଭେମ୍ବର ୨୦୨୫ | ରବିବାର


# ଓଡ଼ିଶା ଏକ୍ସପ୍ରେସ୍

## ଚାଷ ଅଛି ଯାହାର...

ଚାଷୀଙ୍କ ପାଇଁ ବଜେଟ୍‌ରେ ଅନେକ ପଦକ୍ଷେପ ନିଆଯାଇଛି । କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଣାଯାଇଛି । ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଗାଁ ଗହଳିର ଲୋକଙ୍କ ଜୀବିକା ହେଲା ଚାଷ । କିନ୍ତୁ ଦେଖାଯାଉଛି ଚାଷ ଆଡୁ ଲୋକେ ମୁହଁ ଫେରାଇ ନେଲେଣି । କୃଷି ପାଇଁ ଆଗ୍ରହ କମୁଛି ।

ଆମ ରାଜ୍ୟରେ କୃଷି ଏକ ଲାଭଜନକ ବୃତ୍ତି ହୋଇପାରିନି । ଏହାର ଅନେକ କାରଣ ରହିଛି । ସେଥି ଭିତରୁ ମୁଖ୍ୟ କାରଣଗୁଡ଼ିକ ହେଲା– ଆମ ରାଜ୍ୟର ପ୍ରତିଟି କ୍ଷେତ ଜଳସେଚିତ ନୁହେଁ । ବର୍ଷା ଉପରେ ଚାଷ ନିର୍ଭରଶୀଳ। ମୌସୁମୀ ସାଥ୍ ନଦେଲେ ଚାଷ ଉଜୁଡ଼ିଯାଏ । ପୁଣି କେତେବେଳେ ବନ୍ୟା, ବାତ୍ୟାର ଭୟ । ଏଇ କିଛିବର୍ଷ ହେଲା ହାତୀ ଉପଦ୍ରବ ଚାଷୀଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ରୂପେ ଉଭା ହୋଇଛି । ଧାନକ୍ଷେତ ପାଚି ଆସିଲା ବେଳକୁ ହାତୀ ଉଜାଡ଼ି ଦେଉଛନ୍ତି କ୍ଷେତ । ବର୍ଷକର ଶ୍ରମ ବେକାର ଯାଉଛି । ଯଦିବା ଏସବୁଥିରୁ କ୍ଷେତ ବର୍ତ୍ତିଗଲା ତଥାପି ଚାଷୀଙ୍କ ଦୁଃଖ ସରୁନି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀଙ୍କୁ ଅଭାବୀ ବିକ୍ରିର ସାମ୍ନା କରିବାକୁ ପଡୁଛି ପ୍ରତିବର୍ଷ । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ବାଧ ହୋଇ ଦଲାଲଙ୍କ ହାତକୁ ଟେକି ଦେଉଛି ତା’ର ବର୍ଷକର ଅମଳକୁ ।

ପରିବା ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି ଶୀତଳ ଭଣ୍ଡାର ନଥିବା କାରଣରୁ । ଅମଳ ସମୟରେ ଶାଗମାଛ ଦରରେ ବିକିବାକୁ ପଡୁଛି । ଅମଳ ଭଲ ହେଲେ କ୍ଷତି ଅଧିକ ସହିବାକୁ ପଡୁଛି ଚାଷୀଙ୍କୁ । ସାଇତି ରଖିବାର କୌଣସି ବ୍ୟବସ୍ଥା ନାହିଁ । ଯଦି ଥାଆନ୍ତା ତା’ହେଲେ ଅଭାବ ସମୟରେ ଦର ବଢ଼ିପାରନ୍ତା ।

ବିରୋଧୀ ଦଳ ନେତା ପ୍ରସନ୍ନ କୁମାର ଆଚାର୍ଯ୍ୟ ବିଧାନସଭାରେ ମଣ୍ଡି ପ୍ରସଙ୍ଗ ଉତ୍ଥାପନ କରି କହିଛନ୍ତି– ଧାନ ଅମଳ କରି ମାସ ମାସ ହେଲା ଚାଷୀ ମଣ୍ଡି ଅପେକ୍ଷାରେ ବସିଛନ୍ତି, କିନ୍ତୁ ମଣ୍ଡି ଖୋଲୁନି । ଯେଉଁଠି ଖୋଲିଛି ସେଠି ଧାନ କିଣାଯାଉନି । ସେ କହିଛନ୍ତି– ଧାନ କିଣାକୁ ବିଳମ୍ବ କରି ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳୁଛନ୍ତି ସରକାର । ପୂର୍ବରୁ ନଭେମ୍ବର ପ୍ରଥମ ସପ୍ତାହରେ ଧାନ କିଣା ଆରମ୍ଭ ହେଉଥିଲା । ଚଳିତବର୍ଷ ନଭେମ୍ବର ୨୮ରେ ବି ଧାନ କିଣା ଆରମ୍ଭ ହୋଇପାରିଲାନି । ଏଥର ପ୍ରଚୁର ଧାନ ହୋଇଛି । କିନ୍ତୁ ଧାନ ରଖିବାକୁ ଗୋଦାମ ନାହିଁ କି ଧାନ ସଂଗ୍ରହ ହେଉନି । ମିଲର କେତେ ଧାନ କିଣିବ ତା’ର ହିସାବ କରିନାହାନ୍ତି କି ଟାର୍ଗେଟ ଦେଇନାହାନ୍ତି । ଗତ ରବି ଓ ଖରିଫ ଧାନ ଏଯାଏ ଉଠନି । ଏବେ ପୁଣି ଧାନ କିଣିଲେ ରଖିବେ କେଉଁଠି? ସେ ଏକଥା ମଧ୍ୟ କହିଛନ୍ତି ଚାଷୀ ଋଣ କରି ଧାନଚାଷ କରୁଛି, ତେଣୁ ତାକୁ ଋଣ ସୁଝିବାକୁ ପଡ଼ିବ । ଏଇ କାରଣରୁ ସିଏ ଦଲାଲଙ୍କୁ କମ୍ ଦାମ୍‌ରେ ଧାନ ବିକିବାକୁ ବାଧ ହେଉଛି । ଧାନର ଅଭାବୀ ବିକ୍ରି ଆରମ୍ଭ ହୋଇଗଲାଣି ।

ପିଲାଦିନେ ଆମ ପଢ଼ା ବହିରେ ଗୀତଟିଏ ଥିଲା– ଚାଷ ଅଛି ଯାହାର, କି ଆନନ୍ଦ ତାହାର– ଏବେ ଏ ଗୀତଟି ତା’ର ପ୍ରାସଙ୍ଗିକତା ହରାଇଲାଣି ।

ପ୍ରଶ୍ନ ଉଠୁଛି– ମଣ୍ଡିକୁ ଆଜିଯାଏଁ ବ୍ୟବସ୍ଥିତ କରାଯାଇପାରୁନି କାହିଁକି? ଅମଳର ବହୁ ପୂର୍ବରୁ ସରକାର ଏଥିପାଇଁ ପ୍ରସ୍ତୁତ ହେବା ଉଚିତ୍ । ଦେଖାଯାଉଛି ମଲର୍ସଙ୍କ ଇଚ୍ଛା ଉପରେ ନିର୍ଭର କରୁଛି ମଣ୍ଡି ଖୋଲିବା । ମିଲର୍ସ ଧାନ ରଖିବାକୁ ଜାଗା ନାହିଁ କହି ଧାନ କିଣା ବିଳମ୍ବ କରୁଛି, ଏହା ଦଲାଲଙ୍କ ପାଇଁ ବରଦାନ ପାଲଟିଛି । ଧାନର ସହାୟକ ମୂଲ୍ୟ ବଢ଼ିବାର ସୁଫଳ ଚାଷୀ ପାଇପାରୁନାହାନ୍ତି ।

ଚାଷ ଆଡୁ ମୁହଁ ଫେରାଇ ନେଲେଣି ଅନେକ ଚାଷୀ । ଅନେକ ଏବେ ଦାଦନମୁହାଁ । ବାପା ମା’ ଦାଦନ ଖଟିବାକୁ ଯାଉଥିବା ବେଳେ ତାଙ୍କ ପିଲାଏ ପାଠ ଛାଡ଼ି ବାପା ମା’ଙ୍କ ସାଙ୍ଗରେ ଯିବାକୁ ବାଧ ହେଉଛନ୍ତି । ଏହି କାରଣରୁ ଡ୍ରପ୍‌ଆଉଟ୍ ସଂଖ୍ୟା ବଢୁଛି । ଖବରରୁ ଜଣାଯାଇଛି ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ରେ ୧୮୩୨୧୬ଜଣ ଛାତ୍ରଛାତ୍ରୀ ସ୍କୁଲ୍‌କୁ ଆସୁନାହାନ୍ତି । ଅଧାରୁ ସେମାନେ ପାଠ ଛାଡ଼ିଛନ୍ତି । କୃଷକଙ୍କୁ କେବଳ ଆର୍ଥିକ ଅନୁଦାନ ଦେଇଦେଲେ ଯେ ଚାଷର ବିକାଶ ହୋଇଯିବ ଏକଥା ଚିନ୍ତା କରିବା ଉଚିତ୍ ନୁହେଁ । କୃଷି କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର ସମାଧାନ କରାଯିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମଣ୍ଡି, ଶୀତଳ ଭଣ୍ଡାର, କ୍ଷେତକୁ ପାଣି ଏଥିସହିତ ବିପଣନର ବ୍ୟବସ୍ଥା ମଧ୍ୟ କରାଯିବା ଦରକାର ।

# ଦେଶର କରଜ ତିନିଗୁଣ



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ୟୁପିଏ ସରକାରଙ୍କ ଦଶବର୍ଷର ଅବ୍ୟବସ୍ଥିତ ଶାସନରେ ଦେଶବାସୀ ଅତିଷ୍ଠ ହୋଇ ପରିବର୍ତ୍ତନକୁ ଅପେକ୍ଷା କରିଥାନ୍ତି । ସୁଯୋଗ ଅପେକ୍ଷାରେ ଥିବା ଜାତୀୟ ଗଣତାନ୍ତ୍ରିକ ମେ ଗୁଜରାଟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ରଭାଇ ଦାମୋଦର ଦାସ ମୋଦିଙ୍କୁ ପରିବର୍ତ୍ତନର ବାହକ ରୂପେ ଦେଶ ସମ୍ମୁଖରେ ଉପସ୍ଥାପନ କଲା । ବିକାଶ ପରିବର୍ତ୍ତନ ଓ ଭଲ ଦିନ ଆଣିବାରେ ଗୁଜରାଟ ମଡେଲ ସମର୍ଥ ବୋଲି ଦେଶବାସୀଙ୍କ ନିକଟରେ ବାର୍ତ୍ତା ପହଞ୍ଚିଲା । ୨୦୧୪ ନିର୍ବାଚନରେ ଦେଶବାସୀଙ୍କୁ ମିଳିଲା ନୂତନ ପ୍ରଧାନମନ୍ତ୍ରୀ । ଦେଶର କୋଣ ଅନୁକୋଣ ମୋଦି ମନ୍ତ୍ରରେ ଗୁରିତ ହୋଇଗଲା । ଦେଶବାସୀଙ୍କ ମନରେ ‘ମୋଦି ବ୍ୟତିରେକ ସ୍ଥିତି ନାହିଁ’ ଭାବନା ସୃଷ୍ଟି ହେଲା । ଅବଶ୍ୟ ସୃଷ୍ଟି ହେବା ହିଁ ସ୍ୱାଭାବିକ, କାରଣ ଦେଶବାସୀଙ୍କ ସମ୍ମୁଖରେ ଏକମାତ୍ର ମନ୍ତ୍ର ଥିଲା– ପରିବର୍ତ୍ତନ । ପରିବର୍ତ୍ତନ ହିଁ ସୁଶାସନ ଓ ସମୃଦ୍ଧିର ମାପକାଠି । ଦେଶବାସୀ ସାଦରେ ଗ୍ରହଣ ନକରିବେ ବା କିପରି ? ବିକାଶ ଆଳରେ ଦେଶବ୍ୟାପି ସ୍ୱୟଂଶାସିତ ସଂସ୍ଥାର ନାମ ମଧ୍ୟ ବଦଳିଗଲା । ନୂତନ ଚିନ୍ତାଧାରା ଓ ପରିବର୍ତ୍ତିତ ଭାବଧାରାରେ ଦେଶର ଅର୍ଥନୈତିକ ପ୍ରଗତି ସମ୍ଭବ ହେବାର ଆଶା ଓ ଆକାଂକ୍ଷା ଦେଶବାସୀଙ୍କ ମନରେ ଭରିଗଲା । ଗୁଜରାଟରେ ବାରବର୍ଷ ଲଗାତର ଶାସନ କ୍ଷମତାରେ ରହି ମୋଦି ଆଣିଥିବା ପରିବର୍ତ୍ତନକୁ ଦେଶର ପରିବର୍ତ୍ତନରେ ମୂଳପିଣ୍ଡ କରିବେ ବୋଲି ସାଧାରଣରେ ଧାରଣା ସୃଷ୍ଟି ହୋଇଗଲା । ମାତ୍ର ଦେଶରେ ପରିବର୍ତ୍ତନ ଆଣିବାକୁ ହେଲେ ସବୁ ରାଜ୍ୟରେ ସମାନ ଭାବଧାରାରେ ‘ପରିବର୍ତ୍ତନ’ ହେବାର ଆବଶ୍ୟକତା ଦେଖାଦେଲା । ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ପରିବର୍ତ୍ତନ ସମ୍ଭବ ଭୋଟରଙ୍କ ହାତରେ । ବିଭିନ୍ନ ଭାଷା, ଜାତି, ଧର୍ମ ଓ ଭିନ୍ନ ବର୍ଗର ଲୋକଙ୍କୁ ସମାନ ଅଧିକାର ପ୍ରଦାନ କରିଥିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ୱାଭାବିକ ପରିବର୍ତ୍ତନ ଏତେଟା ସହଜ ହୋଇନପାରେ । କ୍ଷମତା ଦଖଲ ନିଶା ଯଦି ମଜବୁତ ହୋଇଯାଏ, ଗଣତନ୍ତ୍ରର ଅପବ୍ୟବହାର ଓ ଦୁର୍ବ୍ୟବହାର ହେବା କିଛି ନୂଆ କଥା ନୁହେଁ । ସମଗ୍ର ବିଶ୍ୱ ଏଭଳି ନଜିର ଦେଖିଛି ଓ ପରିଣାମ ଭୋଗିଛି ମଧ୍ୟ । ସମସ୍ତଙ୍କୁ ନେଇ ବିକାଶ ସ୍ୱପ୍ନ ଦେଖିଥିବା ନେତା ଓ ଦେଶ ନିଜସ୍ୱ ଭାବଧାରାରେ ନକରାତ୍ମକ ପରିବର୍ତ୍ତନକୁ ସୁଯୋଗ ଦେବାକୁ ପଛାନ୍ତି ନାହିଁ । ଦେଶର ବିକାଶ ପଛେ ଯୁଆଡେ ଯାଉଛି ଯାଉ, ‘କ୍ଷମତା ଦଖଲ ସମ୍ଭବ ହେଉ’ ମନ୍ତ୍ର ଯେ ଗଣତନ୍ତ୍ରର ପରିପନ୍ଥୀ ତାହା ଆଜି ଦେଶବାସୀଙ୍କୁ ଅଳ୍ପ ବହୁତେ ଅନୁଭୂତ ହେଲାଣି । ଦ୍ରୁତ ଅର୍ଥନୈତିକ ବିକାଶର ସ୍ୱପ୍ନ ଦେଖିଥିବା ଓ ଦେଖାଇଥିବା ରାଜନେତା ଶାସନ କ୍ଷମତା ପରିସରରୁ ନ ବାହାରିବା ପାଇଁ ନିଜସ୍ୱ ତ୍ରୁଟି ଲାଗି ପୂର୍ବ ପୁରୁଷ ସଂପୂର୍ଣ୍ଣ ଦାୟୀ ବୋଲି ଦୋଷାରୋପ କରିବାରେ ନୂତନତ୍ୱ ନାହିଁ । ସଂସଦ ହେଉ ବା ରାଜ୍ୟ ବିଧାନସଭା ହେଉ, ଏକକ ସଂଖ୍ୟାଗରିଷ୍ଠତାର ଦୁରୂପଯୋଗ ପ୍ରଚଳିତ ନୀତି ନିୟମରେ ପରିବର୍ତ୍ତନର ବାହକ ସାଜିବାର ନଜିର ରହିଛି । ମିଥ୍ୟା ପ୍ରତିଶ୍ରୁତିର ଗ୍ୟାରେଣ୍ଟି ଓ ଲୋକଙ୍କ ମନରେ ସତ୍ୟତାର ପ୍ରଲେପ ବୋଳିବା ଲାଗି ଶାସନମୁଖ୍ୟ ଓ ଶାସକ ଦଳ ସମଭାବାପନ୍ନ ଗୋଷ୍ଠୀ ଓ ଦଳକୁ ନିଜ ସହ ମିଶାଇବାରେ ଆଶ୍ଚର୍ଯ୍ୟ କ’ଣ?

ସତ୍ୟ ଆଧାରିତ ଏସବୁ ନକରାତ୍ମକ ଭାବନା ମନକୁ ଆସିବାର କାରଣ ହେଲା ଆଜିର ନିମ୍ନମୁଖୀଗାମୀ ଅର୍ଥନୀତି ଓ ଶାସନ ବ୍ୟବସ୍ଥା । ମାତ୍ର ଦଶବର୍ଷର କେନ୍ଦ୍ରୀୟ ଶାସନ ଦେଶର ବାହ୍ୟ ଋଣଭାରକୁ ୧୭୩ ଲକ୍ଷ କୋଟି ଟଙ୍କାକୁ ଟାଣି ନେଲାଣି । ଦଶବର୍ଷ ପୂର୍ବେ ଏହା ମାତ୍ର ୬୪ ଲକ୍ଷ କୋଟି ଟଙ୍କା ଥିଲା । କେଇଟା ବର୍ଷ ମଧ୍ୟରେ ଦେଶର କରଜ ବୋଝ ତିନିଗୁଣା ଛୁଇଁବା ବେଳେ ବିହାର ନିର୍ବାଚନ ଘୋଷଣା ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ମାଗଣାରେ ଦଶହଜାର କୋଟିରୁ ଉର୍ଦ୍ଧ୍ୱ ନଗଦ ରାଶି ପଠାଇଛନ୍ତି । ବ୍ୟାଙ୍କରୁ ଋଣ ନେଇ ମହିଳାଙ୍କୁ ସ୍ୱାବଲମ୍ବନ ପ୍ରକ୍ରିୟାରେ ସାମିଲ କରାଇବା ପାଇଁ ସରକାରଙ୍କ ପକ୍ଷରୁ ଏହା କୁଆଡ଼େ ‘ସିଡମନି’ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସାକ୍ଷାତ୍‌କାରରେ ସ୍ପଷ୍ଟ କରିଦେଇଛନ୍ତି । ଦେଶରେ ଖାଦ୍ୟ ସୁରକ୍ଷା ଆଇନ ବଳରେ ଅଶୀ କୋଟି ଜନତାଙ୍କ ପେଟକୁ ଦାନା ଦେବା ପାଇଁ ସରକାର ପାଞ୍ଚବର୍ଷିଆ ମାଗଣା ରାସନ ଯୋଜନା କାର୍ଯ୍ୟକାରୀ କରି ଲକ୍ଷ ଲକ୍ଷ କୋଟି ଟଙ୍କାର ବୋଝ ମୁଣ୍ଡାଇ ଚାଲିଛନ୍ତି । ବିଶ୍ୱ ବ୍ୟାଙ୍କର କରଜଦାର ତାଲିକାରେ ଦେଶକୁ ପ୍ରଥମ ସ୍ଥାନରେ ପହଞ୍ଚାଇ କେନ୍ଦ୍ର ସରକାର ଗରିବୀ ହଟାଇବା ପାଇଁ ମାଗଣା ରାସନ ଯୋଜନା ଜାରି ରଖିଥିବା କୁହାଯାଉଛି । କଥାରେ ଅଛି– ‘ବାପପୁଅ ରାତି ଅନିଦ୍ରା– ମୁଗୁରା ପଛ ମେଲା’ ଭଳି ଦେଶର ଅର୍ଥନୈତିକ ପ୍ରଗତି ଆଗକୁ ବଢି ଚାଲିଛି । ବିଶ୍ୱର ଚତୁର୍ଥ ବୃହତ ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିବା ଭାରତ ନିଜସ୍ୱ ସାମଗ୍ରିକ ଜାତୀୟ ଉତ୍ପାଦନ ବା ଜିଡିପିର ୪୨ ପ୍ରତିଶତ କରଜ ଭାରରେ ଉବୁଟୁବୁ । ଏଗାର ବର୍ଷ ତଳେ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ଏକଷଠି ଟଙ୍କା ଥିବା ଏବେ ଅଠାଅଶୀ ଟଙ୍କାକୁ ଟପିଲାଣି । ଦେଶର ବାଣିଜ୍ୟିକ ନିଅ କାୟା ଏତେ ବିସ୍ତାରିତ ହୋଇଗଲାଣି ଯେ, ମୁଦ୍ରାର ଅବମୂଲ୍ୟାୟନ ବର୍ଷ କେଇଟାରେ ଅର୍ଦ୍ଧାଧିକ ସଂଖ୍ୟା ଛୁଇଁଲାଣି । ଆଉ ବାଇଶ ବର୍ଷ ପରେ ଭାରତ ବିକଶିତ ରାଷ୍ଟ୍ର ମର୍ଯ୍ୟାଦା ହାସଲ କରିବ ବୋଲି ଭାବାବେଗପୂର୍ଣ୍ଣ ପ୍ରଚାର କରୁଥିବା କେନ୍ଦ୍ର ସରକାର ଅର୍ଥନୀତିର ନିମ୍ନମୁଖୀ ଗତିକୁ ରୋକି ନ ପାରିବାର କାରଣ ବହୁମୁଖୀ ରୂପ ନେଲାଣି । ବେକାରୀ ସମସ୍ୟା ଦେଶବାସୀଙ୍କୁ ନିଜର ଭୟଙ୍କର ରୂପ ପ୍ରଦର୍ଶନ କରୁଥିବାବେଳେ ସରକାରଙ୍କ ମନତୋଷା ନୀତି କ୍ଷଣିକ ସୁଖ ଦେବ ସିନା ଦୀର୍ଘମିଆଦୀ ହେବାର ପ୍ରଶ୍ନ ନାହିଁ । ଭାରତୀୟଙ୍କ ମୁଣ୍ଡପିଛା ଋଣ ଭାର ପ୍ରାୟ ପାଞ୍ଚଲକ୍ଷ ଟଙ୍କାରେ ପହଞ୍ଚିଥିଲେ ସୁଦ୍ଧା ସରକାର ବିହାରରେ କୋଟିଏ ମହିଳାଙ୍କୁ ମାଗଣା ‘ସିଡମନି’ ଦେଇ ପୁଣି ଋଣ ବୋଝ ବଢାଇବାକୁ ପ୍ରୟାସ ଜାରି ରଖିଛନ୍ତି । ମାତ୍ର ଏହାର ମୂଳ କାରଣ ହେଲା ରାଜ୍ୟରେ ‘ଯେନ ତେନ ପ୍ରକାରେଣ’ କ୍ଷମତା ଦଖଲ । ବିହାର କ୍ଷମତା ହାତରୁ ଖସିଗଲେ କେନ୍ଦ୍ରୀୟ କ୍ଷମତାର ଚିତ୍ର ଅସ୍ୱଷ୍ଟ ହେବାରେ ଅଧିକ ସମୟ ନ ଲାଗିବା ମଧ୍ୟ ସ୍ୱାଭାବିକ ।

ଦେଶର ଆର୍ଥିକ ସ୍ଥିତି ମାନ୍ଦାବସ୍ଥା ଆଡକୁ ଗତି କରୁଥିବା ସ୍ଥଳେ ଜିଏସ୍‌ଟିରେ ସଂସ୍କାର ଜନିତ ପ୍ରକ୍ରିୟା ରାଜକୋଷକୁ ଯେ ପ୍ରଭାବିତ ନ କରିବ, ତାହା କିଏ କହିବ? ଅବଶ୍ୟ ଟିକସଦାତାଙ୍କ କଷଣ ବୁଝିବାକୁ ସରକାରଙ୍କୁ ଆଠବର୍ଷ ଲାଗିଯିବା କେତେ ଦୂର ଯୁକ୍ତି ସଂଗତ ତାହା କହିହେବ ନାହିଁ । ଜିଡିପି ବୃଦ୍ଧି ଏକମାତ୍ର ଲକ୍ଷ୍ୟ ରହିଛି ଓ ରହିବା ଜରୁରୀ, ହେଲେ ଚରମ ଆର୍ଥିକ ଅସମତାରେ ପରିବର୍ତ୍ତନ ଆସିବ କିପରି ? ଦେଶର ଏକ ପ୍ରତିଶତ ଶ୍ରେଷ୍ଠ ବ୍ୟକ୍ତିଙ୍କ ହାତରେ ଚାଳିଶ ପ୍ରତିଶତ ସଂପି ରହିଛି ଓ ଅବଶିଷ୍ଟ ୯୯ ପ୍ରତିଶତ ଦେଶବାସୀ ଷାଠିଏ ଅଂଶ ସମ୍ପତ୍ତିର ଅଧିକାରୀ । ବେରୋଜଗାରୀ ସହ ଆର୍ଥିକ ଅସମତା ହାତ ମିଳାଇଲେ ସାମାଜିକ ସୁରକ୍ଷା ସମ୍ଭବ ହେବ ବା କିପରି?

ଭିତ୍ତିଭୂମି ବିକାଶ ଅର୍ଥନୈତିକ ପ୍ରଗତିର ବଳିଷ୍ଠ ଅଙ୍ଗ ହୋଇଥିବାରୁ ସରକାର ଏ ବାବଦରେ ପଚାଶ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ରାଶି ବିନିଯୋଗ କରିସାରିଲେଣି । ରାସ୍ତାଘାଟ, ସଡ଼କ ଓ ବିମାନ ବନ୍ଦର ଆଦି ଭିତ୍ତିଭୂମିର ବିକାଶ ପ୍ରକ୍ରିୟା ସରକାରୀ ହେଉ ବା ଘରୋଇ ସହଯୋଗରେ ହେଉ ଆଗେଇ ଚାଲିଛି । ମାତ୍ର ସବୁ ଉନ୍ନତମାନର ଉପଯୋଗିତାରେ ଦେଶବାସୀ କେତେଦୂର ଭାଗୀଦାର ହେଉଛନ୍ତି ତାହା ହିଁ ହେବ ଅର୍ଥନୈତିକ ବିକାଶର ନିର୍ଣ୍ଣାୟକ । ଉପଗ୍ରହ ମାଧ୍ୟମରେ ସଡ଼କ ନିର୍ମାଣର ଯାଞ୍ଚ ଚାଲିଛି ଓ ସେ କ୍ଷେତ୍ରରେ ଉନ୍ନତ କାରିଗରୀ କୌଶଳର ଉପଯୋଗ କରାଯାଉଥିବା ପ୍ରଧାନମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି, ହେଲେ ରାସ୍ତାଘାଟର ବାସ୍ତବ ଚିତ୍ର ଯେ କେତେ ଲୋକାଭିମୁଖୀ ତାହା ଉପଗ୍ରହ ଜ୍ଞାନକୌଶଳରୁ ସ୍ପଷ୍ଟ ହୋଇଯାଉଛି । ଘୋଷଣା ଓ ବାସ୍ତବତା ମଧ୍ୟରେ ଥିବା ଅସୀମ ପ୍ରଭେଦ ଦେଶର ବିକାଶ ସ୍ଥିତିକୁ ବିନାଶ ଆଡକୁ ନ ନେବାରେ ପ୍ରୟାସ କାହିଁ । ଅର୍ଥ, କ୍ଷମତା ଓ ପରିସ୍ଥିତି ସର୍ବଦା ପରିବର୍ତ୍ତନଶୀଳ । ସେହି ପରିବର୍ତ୍ତିତ ସତ୍ୟତାରେ ବିଶ୍ୱାସ ନରଖି ଭଲ ଦିନ ଆଣିବାକୁ ଯେତେ ପ୍ରୟାସ ଜାରି ରହିଲେ ସୁଦ୍ଧା ତାହା ବାସ୍ତବରୂପ ନେବା ଅସମ୍ଭବ ।

ବିକାଶ ଶୀଳ ରାଷ୍ଟ୍ର ଚୀନ ବିଶ୍ୱବ୍ୟାଙ୍କର ପ୍ରମୁଖ କରଜ ତାଲିକାରେ ସପ୍ତମ ସ୍ଥାନରେ ରହିଛି ଓ ଭାରତ ଠାରୁ ବେଇଜିଂର କରଜ ପରିମାଣ ବହୁ ନିମ୍ନରେ । ଜାପାନ ଓ ଆମେରିକା ଭଳି ବିକଶିତ ରାଷ୍ଟ୍ର କରଜ ତାଲିକାରୁ ବାଦ ପଡି ନାହାନ୍ତି । ହେଲେ ସେସବୁ ରାଷ୍ଟ୍ର କରଜ ରାଶିକୁ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ କରି ଋଣ ପରିଶୋଧ ପଥ ଉନ୍ମୁକ୍ତ କରିବାକୁ ପସନ୍ଦ କରୁଛନ୍ତି । ହେଲେ ଭାରତ ଋଣ ପରିଶୋଧ ବୋଝକୁ ପରବର୍ତ୍ତୀ ସରକାର ଉପରେ ଛାଡି ଦେଇ ବିକାଶର ଡିଣ୍ଡିମ ପିଟିଲେ ବିଶ୍ୱସ୍ତରରେ ମର୍ଯ୍ୟାଦା ବଢିବାର ପ୍ରଶ୍ନ ନାହିଁ । କରଜ ରାଶିକୁ କ୍ଷମତା ହାସଲ ଓ ବୃହତ ଶିଳ୍ପର ଅନାଦେୟ ପୁଂଜି ଛାଡ ଓ ଭରଣା ଆଦି ଅଣଉତ୍ପାଦନଭିତ୍ତିକ ଯୋଜନାରେ ବିନିଯୋଗ କରାଗଲେ ଦେଶବାସୀଙ୍କୁ ଋଣଭାର ମୁଣ୍ଡାଇବା ହିଁ ସାର ହେବ । ଆଗକୁ ସାମଗ୍ରୀକ ଋଣଭାର ତିନିଗୁଣ ପରିବର୍ତ୍ତେ ବହୁଗୁଣିତ ଯେ ନହେବ ସେ ଗ୍ୟାରେ କିଏ ଦେବ ?


*ସିଡିଏ, ସେକ୍ଟର-୬, କଟକ,*
*ମୋ- ୯୪୩୭୧୩୪୪୦୦*


# ପ୍ରଶ୍ୱାସରେ ପଶିବ ବିଷ

■ **ତୁଷାର ରଞ୍ଜନ ସାହୁ** ■

ଶୀତ ଗମ୍ଭୀର ରୂପ ନେଲାଣି। ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତଦ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ମୁସ୍କିଲ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ଼), ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । କେବଳ ସେତିକି ନୁହେଁ ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ। ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ । ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ଏହା ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ । ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡିଜିଜ ଯୋଗୁ ହେଉଛି। ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବାବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି ‘ଶବ୍ଦ ପ୍ରଦୂଷଣ’ର ବଡ଼ କାରଣ। ଏନଭାର୍ନମେ ପ୍ରୋଟେକ୍ସନ ରୁଲସ୍-୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ କରିଥାନ୍ତି। ଘର ଭିତରେ ମଧ୍ୟ ରେଡ଼ିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ବା ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ର ଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ଼, ନାଇଟ୍ରୋଜେନ ଅକସାଇଡ଼, ସଲଫର ଡାଇଅକସାଇଡ଼ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଏବଂ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ନଟ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି। ତଥାପି ଆମର ପରୱା ନାହିଁ। ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି। ଆମର କିଛି ହେବନି। ଦିନକରେ କ’ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ। ହେଲେ ମନେରଖିବା ଦରକାର ଆନନ୍ଦ, ଦୁଃଖ ବା ବିପଦର କାରଣ ନ ହେଉ।


ଏମ୍ପୋରିୟମ ଲେନ୍,
ରାଣୀହାଟ, କଟକ,
ମୋ. ୯୮୬୧୦୪୭୫୭୫


# ଏସିଆର ଉଇହୁଙ୍କାରେ ଓଁକାର

■ **ମାୟାଧର ନାୟକ** ■

ଏସିଆ ଏକ ଭାବଭୂମି, ମହର୍ଷିର ମହାଦେଶ । ଏହାର ପ୍ରାଚୀନତମ ପ୍ରବାହରେ ଅଛି ମହାମାନବିକ ମୂଲ୍ୟବୋଧର ମାନବଧର୍ମ । ଏହି ମାନବଧର୍ମର ମୂଳମନ୍ତ୍ର ହେଲା– ଧନ ନୁହେଁ, ଧାନ... ତନ୍ତ୍ର ନୁହେଁ, ମନ୍ତ୍ର... ସ୍ୱତ୍ୱ ନୁହେଁ, ସତ୍ୟ... ସଂହାର ନୁହେଁ, ସଂହତି... ବିସ୍ଥାପନ ନୁହେଁ, ସଂସ୍ଥାପନ! ଗତିରୁ ପ୍ରଗତୀ – ଚରୈବେତି ଚରୈବେତି!

ଏହି ମାନବଧର୍ମର ବିବର୍ତ୍ତିତ ବିଶ୍ୱଧର୍ମ ହେଉଛି ବୌଦ୍ଧଧର୍ମ, ଯାହାର ମହାପ୍ରବକ୍ତା ଗୌତମବୁଦ୍ଧଙ୍କୁ କୁହାଯାଏ ଏସିଆର ଆଲୋକ । ବୌଦ୍ଧଧର୍ମର ବାଲ୍ୟଲୀଳା ଭାରତବର୍ଷରେ – ଚୈତନ୍ୟପ୍ରାପ୍ତି ଚିନ୍‌ରେ – ମାତ୍ର ଅମରତ୍ୱ ଲାଭ ଜାପାନ୍ ଦେଶରେ । ହିଂସା, ଆତଙ୍କବାଦ, ଯୁଦ୍ଧ ଓ ଅମାନୁଷିକତାର ଉପସଂହାରରେ ଯଦି ପ୍ରକୃତରେ କୌଣସି ପ୍ରାଚୀନ ଧର୍ମ ମଣିଷର ମର୍ଯ୍ୟାଦା ପ୍ରତି ଅଙ୍ଗୀକାରବଦ୍ଧ, ତାହେଲେ ଏହି ବୌଦ୍ଧଧର୍ମ । ଏହି ବୌଦ୍ଧଧର୍ମ ହିଁ ସେଇ ବୀଜମନ୍ତ୍ରିତ ବିଶ୍ୱଧର୍ମ । ଯେଉଁ ଧର୍ମ ଧାରାରେ ମଣିଷ ହିଁ ଈଶ୍ୱର, ଜୀବ ହିଁ ଶିବ, କରୁଣା ହିଁ କିରଣ । ଏଇ ବୌଦ୍ଧଧର୍ମ ହିଁ ସେଇ ବିଶ୍ୱୈକପ୍ରାଣ ବୀଜଧର୍ମ, ଯାହା ମଧ୍ୟମମାର୍ଗର ମଧୁସାଁନ୍ତନାରେ ସାଧକକୁ ସାଧବ ଓ ସାଧାରଣ ପର୍ଯ୍ୟନ୍ତ ସମୁଦାୟର ସମବାୟ ସିଦ୍ଧିକୁ ସ୍ୱିକୃତୀ ପ୍ରଦାନ କରିଛି, ସଂସାରକୁ ଅସାର କହିନାହିଁ କଦାପି । ଏହା ସେଇ ପ୍ରାକୃତ ପ୍ରଜାଧର୍ମ, ଯାହା ଇତିହାସର ରାଜକୀୟ ସ୍ପର୍ଦ୍ଧାକୁ ପରିଣତ କରିପାରିଛି ମାନବୀୟ ସ୍ପର୍ଦ୍ଧାର ପରମ ପ୍ରଶାନ୍ତିରେ ।

ବୌଦ୍ଧଧର୍ମକୁ ଇତିହାସ ଚିହ୍ନଟ କରିଛି ଭାରତବର୍ଷର ପ୍ରସ୍ଥାନ ପର୍ବରେ । ମାତ୍ର ସମୟ ସୂଚାଇ ଦେଇଛି ଚିନ୍ ଓ ଜାପାନ୍‌ରେ ତା’ର ସଂସ୍ଥାନ ଓ ସଂସ୍ଥାପନ । ସମ୍ପ୍ରତି ଏହି ମାନବଧର୍ମ ଜାପାନ୍ ଆନୁକୂଲ୍ୟରେ ଭାରତବର୍ଷରେ ପୁନରାୟ କେବଳ ଗୃହପ୍ରବେଶର ସ୍ୱପ୍ନ ଦେଖୁନାହିଁ, ଏହି ସ୍ୱପ୍ନର ବାସ୍ତବତାରେ ବଂଗ ଚିନ୍ ସହିତ ଭାରତର ସାମରିକ ବୈରତାର ବିଲୁପ୍ତି ଲାଗି ମଧ୍ୟ ସୁଯୋଗ ଓ ସମ୍ଭାବନା ସୃଷ୍ଟିକରୁଛି । ଭାରତ-ଚିନ୍-ଜାପାନ୍ ଯଦି କେବେ ନା କେବେ ପୁର୍ନଜାଗରଣର ମନ୍ତ୍ରଶକ୍ତି ଦ୍ୱାରା ଏକତ୍ରରେ ଉଦବୁଧ ହୋଇପାରିବେ, ତା’ହେଲେ ଏସିଆ ହୋଇଉଠିବ ଏକ ଅଦ୍‌ଭୁତ ପରାଜୟ ମହାଶକ୍ତି । ସାହା ସ୍ୱର୍ଗ ମର୍ତ୍ତ୍ୟ ପାତାଳକାମୀ ମାର୍କିନ୍ ଅପଶକ୍ତି ପାଇଁ ଅଦୂର ଭବିଷ୍ୟତରେ କେବଳ ଶକ୍ତଧକ୍କାର ଧମକ । ଆମେରିକାର ଅର୍ଥନୈତିକ ଆତଙ୍କବାଦ ଜନ୍ମନେଇଛି ଉପରୋକ୍ତ ମନସ୍ତାତିକ ବିପନ୍ନତା ବୋଧରୁ । ଏହି କାରଣରୁ ଏସିଆ, ଯାହାର ଉଇହୁଙ୍କାରୁ ଏକଦା ଉଚ୍ଚାରିତ ହୋଇଉଠିଥିଲା ମହର୍ଷିର ଓଁକାର, ଆଜି ଆମେରିକାର ମହାବିଲୟ ଯୋଜନାରେ ଏକ ଚିରଚିହ୍ନିତ କ୍ଷେତ୍ର ।

ଏସିଆର ସମାଜ, ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହେଲେ ଭାବ ଉପରେ ସାବ୍ୟସ୍ତ ହେବ ବସ୍ତୁର ବିଜୟ – ଯାହା ଆତଙ୍କବାଦର ଅହିରାଜ ଆମେରିକା ହିଁ ଦିଗ୍‌ବିଜୟ । ଏସିଆର କୃଷିକ୍ଷେତ୍ରର କବର ଉପରେ ନଗର ଗଢିବ ସୌଦାଗର । ସଇତାନି ଶକ୍ତିଶାଳୀ ହେବ ମୁନାଫାର ମୁଖଶାଳା – କୃଷିଭିତିକ ଗ୍ରାମସଂଗଠନର କଙ୍କାଳ କେବଳ ସ୍ମାରକିତ କରୁଥିବ ଏକ ମୃତ ସଭ୍ୟତାର ସମାଧି! ପ୍ରଜ୍ଞା, ପ୍ରଶାନ୍ତି ଧନଶକ୍ତି ପରିବର୍ତ୍ତେ ମାର୍କିନ୍ ମାର୍କେଟରୁ ମିଳୁଥିବ ଏସିଆର ଅସ୍ଥି, ଅଙ୍ଗାର, ଚିତାଭସ୍ମ!

ପୃଥିବୀକୁ ଆତ୍ମା, ହୃଦୟ ଓ ବିବେକର ବାର୍ତ୍ତାରେ ଉଦ୍ଦୀପିତ କରିବା ପାଇଁ ଏସିଆର ଐକ୍ୟ ଆଜି ସମୟର ଆହ୍ୱାନ । ଆମେରିକା ପ୍ରୟୋଜିତ ଏହି ଗୂଢ ଅଭିସନ୍ଧିସଂପନ୍ନ ଅର୍ଥନୈତିକ ଆତଙ୍କବାଦର କଡା ମୁକାବିଲା ନିହାତି ଜରୁରୀ । ଏଥିପାଇଁ ଯଦି କୌଣସି ରାଷ୍ଟ୍ର ଆଜି ଅସ୍ଥିର ଏସିଆକୁ ଏକଜୁଟ୍ କରିବାର ନେତୃତ୍ୱ ନେଇପାରେ, ତା’ହେଲେ ସେ ହେଉଛି ସୂର୍ଯ୍ୟୋଦୟର ଦେଶ ଜାପାନ୍ ।

ଆଜି ଭ୍ରଷ୍ଟ ଭାରତର ନଷ୍ଟନଥିବାରୁ ନିଶ୍ଚିହ୍ନ କରିଦେବାକୁ ପଡିବ ଆମେରିକାର ସ୍ପଷ୍ଟ ସ୍ୱାକ୍ଷର । ଚୀନ୍‌ର ଚିତ୍ରରୁ ଉଠାଇଦେବାକୁ ହେବ ମାର୍କିନ୍ ମାୟାଜାଲ । ଏସିଆର ମହାମଞ୍ଚରେ ଅଭିଷିକ୍ତ କରିବାକୁ ହେବ ବୌଦ୍ଧ ଜାପାନକୁ । ଜାପାନକୁ ନେବାକୁ ପଡିବ ନିଷ୍କାମ ନେତୃତ୍ୱ – ଏସିଆକୁ ଆଉଥରେ ଉଇହୁଙ୍କା ନକରିବାର ବଜ୍ରସଂକଳ୍ପରେ । ମାତ୍ର ଜାପାନ୍ ଏଥିପାଇଁ ଆଗେଇ ଆସିବ କେବେ?

ବହୁଦିନରୁ ଭାରତ-ଚିନ୍-ଜାପାନ୍ ସରକାରମାନେ କୃଷିରୁ ମୁହଁ ଫେରାଇ ଶିଳ୍ପସାମ୍ରାଜ୍ୟରେ ମସଗୁଲ ଥିଲେ । ଏବେ ଗାଁକୁ ଫେର, କୃଷି ହିଁ ଜୀବନ ବଂଚାଇବ । ଗାଁ, ମା, ମାଟି, ମଣିଷ ସବୁ ଏକାଠି ହୁଅ । ପୁଞ୍ଜିପତିମାନେ କେବେବି ଗାଁ, ମା’, ମାଟି, ମଣିଷକୁ ଅନାଇ ନାହାଁନ୍ତି। ସବୁବେଳେ ଗାଁରେ ରହୁଥିବା ମଣିଷ, କୃଷି ଉପରେ ନିର୍ଭର କରୁଥିବା ଲୋକେ ଖାଦ୍ୟବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା ଦରକାର ମୁତାବକ ପାଉନାହାଁନ୍ତି । ଯେଉଁମାନେ ସାରା ବିଶ୍ୱବାସୀଙ୍କ ମୁହଁରେ ଖାଦ୍ୟ ଦେଉଛନ୍ତି, ସେମାନେ ଅର୍ଦ୍ଧାହାର ଅନାହାରରେ ଦିନ ଦିନ ବିତାଇଦେଉଛନ୍ତି । ଅଭାବ, ଅସୁବିଧା, ଦୁଃଖ, କଷ୍ଟ ଏମାନଙ୍କର ଦେହସୁହା ହୋଇଯାଇଛି । ଏବେ ‘ଭାବ’ ଲୋକଙ୍କୁ ଦୁଃଖ ପଡିଛି । ସୁଧଖୋର ସାହୁକାର ପରି ସରକାର କୃଷକମାନଙ୍କୁ କେବଳ ଖାତକ କରିଚାଲିଛନ୍ତି । ଏସିଆର ଚାଷୀ ଆତ୍ମହତ୍ୟା କରି ମରୁଛି, ରାଷ୍ଟ୍ର ଶାସକମାନେ ଶିଳ୍ପପତିମାନଙ୍କ ସହିତ ସାମିଲ୍ ହୋଇ ମୁନାଫାର ମିନାର୍ ଗଢୁଛନ୍ତି – ନିରନ୍ନ ଜନତାର ଅସ୍ଥିଗଦା ଉପରେ ।

ସମୟ ଥିଲା, କଳକାରଖାନା ଶିଳ୍ପ ନଥିଲା । ଲୋକେ ସେତେବେଳେ ମଣିଷ ଥିଲେ । ମାଟିକୁ ‘ମା’ ମଣି ଚାଷ କରି ଖାଦ୍ୟ ଉତ୍ପାଦନ କରି ବଞ୍ଚିଥିଲେ । ଶିଳ୍ପ ବିପ୍ଳବ ପରେ କୃଷି ଧିରେ ଧିରେ ଧ୍ୱଂସମୁଖୀ ହେଲା । ଯନ୍ତ୍ର ସାହାଯ୍ୟରେ କୃତ୍ରିମ ଉପାୟରେ ଖାଦ୍ୟ ଉତ୍ପାଦନ ହେଲା । କୃଷିକ୍ଷେତ୍ରରେ ନିଯୁକ୍ତ ଶ୍ରମଜୀବିମାନେ ବାହୋଇ ଶିଳ୍ପରେ ନିଯୁକ୍ତି ପାଇଁ ସହରାଭିମୁଖୀ ହେଲେ । ଗାଁ ହେଲା ଖାଁ ଖାଁ । ହୁଡା, ହିଡ, ହାଡର ହାହାକାର ଆଉ ହା’ଅନ୍ନର ହତାଶରେ ହଜିଗଲା ସରଳସବୁଜ ସ୍ୱପ୍ନ... ଜୀବନ । କୃଷିକାର୍ଯ୍ୟକୁ ଲୋକେ ବେଶି ପସନ୍ଦ କଲେନି । କୃଷି-କୃଷକ ଅବହେଳିତ ହେଲେ ।

ଏବେ କଳକାରଖାନା ଶିଳ୍ପରେ ମାନ୍ଦାବସ୍ଥା ଭୟଙ୍କର ଭାବେ ଦେଖାଦେଇଥିବାରୁ ପୁଣି ସହରାଭିମୁଖୀ ଶ୍ରମଜୀବି କୃଷି କାର୍ଯ୍ୟକୁ ଆପଣେଇ ନେବା ହଠାତ୍ ସମ୍ଭବ ନୁହେଁ । ତେବେ ବଞ୍ଚିବା ପାଇଁ ପରିସ୍ଥିତିକୁ ଆପଣେଇ ନେଇ ସରକାରଙ୍କୁ ବାଧ କରିବାକୁ ହେବ ରାଜକୋଷରୁ ଆଖିବୁଜି ଅର୍ଥ ମୁକୁଳାଇ କୃଷି ଜଳସେଚନରେ ଖର୍ଚ୍ଚ କର । ନୁଆ କେନାଲ ଖୋଳ, ପୁରୁଣା କେନାଲ, ପୁର୍ତ୍ତି ହୋଇଯାଇଥିବା ନଦୀନାଳକୁ ସଜାଡ । ବ୍ୟାପକ ଜଳସେଚନ ପାଇଁ କେନାଲ ଓ ନଦୀର ସଂଯୋଗିକରଣ କର । ଜଳସେଚନ ହେଲେ ଟାଙ୍ଗରା ଭୂଇଁ ସବୁଜ ହୋଇଉଠିବ ପୁଣି । ପର୍ଯ୍ୟାପ୍ତ ଖାଦ୍ୟ ଉତ୍ପାଦନ ହୋଇ ଅନ୍ତତଃ ଲୋକେ ଦି’ଓଳି ଦି’ମୁଠା ଖାଇବାକୁ ପାଇବେ ।

କୃଷି ହିଁ କୃଷ୍ଟି । କାସ୍ପିୟାନ୍ ହ୍ରଦକୂଳରୁ ହିମାଦ୍ରି-ବିନ୍ଧ୍ୟାଦ୍ରି-ସହ୍ୟାଦ୍ରି-ଶେଷାଦ୍ରିର ପୁଣ୍ୟଭୂମି ଭାରତକୁ ଆସିଥିଲେ ଆର୍ଯ୍ୟମାନେ । ଏଇଠି ହିଁ ସେମାନେ ଆଦିମ ଅଧିବାସୀ, ବନବାସୀ ଓ ଦ୍ରାବିଡମାନଙ୍କ ସହିତ ସାମିଲ୍ ହୋଇଗଲେ ଏକ ମହାଭାରତୀୟ ଜନସ୍ରୋତରେ । ଚାରଣକ୍ଷେତ୍ରରୁ କୃଷିକ୍ଷେତ୍ର – ସଭ୍ୟତାରୁ ସଂସ୍କୃତି – ଏଇଠି ଏସିଆ ହେଲା ଅଗାମୀ ମାନବ ସଭ୍ୟତାର ଏନ୍ତୁଡିଶାଳ । ଚୀନ୍ ଓ ଜାପାନ୍ ମଧ୍ୟ ଏଇ କୃଷିକୁ କେନ୍ଦ୍ରବିନ୍ଦୁ କରି କୃଷ୍ଟି ରଚନା କଲେ । ଏସିଆର ଏଇ ଏନ୍ତୁଡିଶାଳକୁ ଆମେରିକା ଆଜି ମଶାଣିପଦା କରିବାକୁ ମତଲବରେ ମସ୍ତ । ଏସିଆର ଏକାନ୍ନବର୍ତ୍ତୀ ପାରିବାରିକତା ଲୋପ ପାଇଛି, ଯେତେବେଳେତାର କୃଷି କ୍ଷେତ୍ରଗୁଡିକ କୁରୁକ୍ଷେତ୍ର ପାଲଟିଛି । ଏବେ କୃଷି ଓ କୃଷକବର୍ଗଙ୍କୁ ପ୍ରବଞ୍ଚିତ କରିବାର ସରକାରୀ କାର୍ଯ୍ୟକ୍ରମ ପଛରେ ଆମେରିକାର ଆଭିମୁଖ୍ୟ ସ୍ପଷ୍ଟ ପ୍ରତିଫଳିତ । ଏ ଦିଗରେ ଅଧିକ ତର୍ଜମା ନିହାତି ଜରୁରୀ ।

ଏସିଆ ବଞ୍ଚାଅ ଅଭିଯାନ ଏକ ମାନବିକ ମହାଭିଯାନ। ଏ ମହାର୍ଘ ମହାଭିଯାନର ମହାନାୟକ ହେବ ଗଣଦେବତାର ସେଇ ଗରିବଗୋତ୍ର : କୃଷକ । ଯଦି ଏକ ସୁସ୍ଥ ସମାଜର କେନ୍ଦ୍ରବିନ୍ଦୁ କୃଷକର କୃତିକୁ ନେଇ ସୃଷ୍ଟି କରାଯାଏ, ତା’ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ଶଇତାନି ସକ୍ରିୟ ହୋଇପାରିବନାହିଁ । କୃଷକମାନେ ମାଟିର ମଣିଷ କେବଳ ନୁହଁନ୍ତି, ସେମାନେ ସ୍ୱାଭାବିକ ଭାବରେ ଜନସମାଜର ଜାଗ୍ରତ ପ୍ରହରୀ । କୃଷକର ସାହସିକ ସାମର୍ଥ୍ୟକୁ ଗୁଣ୍ଡା ଡକାୟତ, ଗ୍ୟାଙ୍ଗଷ୍ଟର କି ମାଫିଆଚକ୍ର ସୁଦ୍ଧା ସାମ୍ନା କରିବାର ସ୍ପର୍ଦ୍ଧା କରିପାରନ୍ତି ନାହିଁ । ମାତ୍ର ଆଜି ରାଜନୈତିକ ରାହୁ, କେତୁ ଓ ଭସ୍ମାସୁରମାନେ ଶିଳ୍ପପତି ଓ ମାଫିଆଚକ୍ରର ମିଳିତ ଇଶାରାରେ ଜନସମାଜର ବିଶ୍ୱାସରେ ବିଷ ଦେବାକୁ ସୁଦ୍ଧା ପଛଉନାହାନ୍ତି । ଏସିଆ ମହାଦେଶର ଏଇ ଲୋଭୀ ରାଜନୈତିକ ଚକ୍ର ଓ ପ୍ରବଞ୍ଚକ ପ୍ରଶାସକ ବ୍ୟୂହ ଭିତରେ ଅସାଧୁ ଆମେରିକା ନିଜ ଅଧର୍ମବିତକୁ କାମରେ ଲଗାଇସାରିଛି । ଶିଳ୍ପ ଗଢିଉଠୁଛି କୃଷିର କଙ୍କାଳ ଉପରେ – ଗାଆଁ ହଜିଯାଉଛି ସହର ସୁଅରେ ବ୍ୟଭିଚାର, ଭ୍ରଷ୍ଟାଚାର, ହତ୍ୟା, ଧର୍ଷଣ, ଅପରାଧର ମାତ୍ରା ବଢିଚାଲୁଛି ଦିନକୁ ଦିନ । ସାମାଜିକତା ଓ ବ୍ୟକ୍ତିକତା ଆଜି ବିପନ୍ନ । ପରିବେଶ ପ୍ରଦୂଷିତ -ଶିଳ୍ପାୟତନର ସଂକ୍ରମଣଶୀଳ ସଂକଟରେ । ଏବେ ସମୟ ଆସିଛି ଏସିଆର ସମାଜକୁ ବଞ୍ଚାଇବାକୁ ପଡିବ ।


*ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ








# ପ୍ରାଣଘାତୀ ଇ-ସିଗାରେଟ୍

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ନିକଟରେ କେନ୍ଦ୍ର ସରକାର ଇ-ସିଗାରେଟ୍ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ସହ ଏହାକୁ ନିଷିଦ୍ଧ କରିବାକୁ ଯାଉଛନ୍ତି । ଚାରିଶହରୁ ଊର୍ଦ୍ଧ୍ୱ ବ୍ରାଣ୍ଡ ରହିଥିବା ଓ ଦେଢ଼ଶହରୁ ଊର୍ଦ୍ଧ୍ୱ ସ୍ୱାଦରେ ଉପଲବ୍ଧ ହେଉଥିବା ଏହି ଇ-ସିଗାରେଟ୍ ଭାରତରେ ପ୍ରସ୍ତୁତ କରାଯାଇନଥାଏ । ଏହି ଇ-ସିଗାରେଟ୍ ବା ଇଲେକ୍ଟ୍ରୋନିକ ସିଗାରେଟ୍‌କୁ ବିଜ୍ଞାନ ଭାଷାରେ କୁହାଯାଉଛି ଇଲେକ୍ଟ୍ରୋନିକ ନିକୋଟିନ ଡେଲିଭରି ସିଷ୍ଟମ । ଏହା ଏକ ବ୍ୟାଟେରି ଚାଳିତ ଉପକରଣ । ବିଡ଼ି, ସିଗାରେଟ୍ କିମ୍ବା ସିଗାର୍‌ର ବିକଳ୍ପ ଭାବେ ଇ-ସିଗାରେଟ୍‌କୁ ବ୍ୟବହାର କରାଯାଉଥିଲା । ଏହା ତମାଖୁ କିମ୍ବା ସିଗାରେଟ୍‌ର ସ୍ୱାଦ ପ୍ରଦାନ କରୁଥିଲା । କିନ୍ତୁ ବାସ୍ତବରେ ଏହା ଭିତରେ କୌଣସି ଧୂଆଁ ସୃଷ୍ଟି ହୁଏନାହିଁ । ଇ-ସିଗାରେଟ୍‌କୁ ଏକ ଟ୍ୟୁବ୍ ଭଳି ପ୍ରସ୍ତୁତ କରାଯାଇଥାଏ ଏବଂ ଏହାର ବାହାର ରୂପକୁ ସିଗାରେଟ୍ ଭଳି ତିଆରି କରାଯାଇଥାଏ । ଇ-ସିଗାରେଟ୍‌ରେ ଯେଉଁ ତରଳ ପଦାର୍ଥ ବ୍ୟବହାର କରାଯାଏ ତାହା ବିଭିନ୍ନ ସ୍ୱାଦରେ ମିଳୁଛି । ନିକୋଟିନ୍ ଓ ବିନା ନିକୋଟିନ୍‌ର ତରଳ ପଦାର୍ଥ ମଧ୍ୟ ବଜାରରେ ମିଳୁଛି ଯାହାକୁ ଇ-ସିଗାରେଟ୍‌ରେ ବ୍ୟବହାର କରାଯାଏ । କେତେକ ଇ-ସିଗାରେଟ୍‌ରେ ଅତ୍ୟନ୍ତ କ୍ଷତିକାରକ ଫର୍ମାଲ୍‌ଡିହାଇଡ ରହିଥାଏ । ୨୦୦୩ରେ ଚୀନର ହୋନ୍ ଲିକ୍ ନାମକ ଜଣେ ବ୍ୟକ୍ତି ଇ-ସିଗାରେଟ୍ ବିକଶିତ କରିଥିଲେ । ୨୦୦୪ରେ ତାହା ବଜାରରେ ଉପଲବ୍ଧ ହୋଇଥିଲା । ୨୦୦୫-୦୬ରେ ତାଙ୍କ କମ୍ପାନୀ ଗୋଲ୍‌ଡେନ ଡ୍ରାଗନ୍ ଇ-ସିଗାରେଟ୍‌କୁ ବିଦେଶରେ ବିକ୍ରି କରିବା ଆରମ୍ଭ କରିଥିଲା ।

**ଇ**-ସିଗାରେଟ୍‌ର ବିଭିନ୍ନ ଅଂଶ ହେଲା ଏହାର ଅଗ୍ରଭାଗରେ ରହିଥାଏ ଏକ ଏଲ୍‌ଇଡି ଇଣ୍ଡିକେଟର । ତା'ପାଖରେ ଏକ ଲମ୍ବା ଲିଥିୟମ୍ ଆୟନ ବ୍ୟାଟେରି ଯାହାକୁ ୟୁଏସ୍‌ବି ପୋର୍ଟ ଜରିଆରେ ଚାର୍ଜ କରାଯାଇଥାଏ । ବ୍ୟାଟେରିର ତଳ ଭାଗରେ ରହିଥାଏ ଏକ ମାଇକ୍ରୋପ୍ରୋସେସର ଯାହା ଅଟୋମାଇଜର ଏବଂ ଆଲୋକକୁ ନିୟନ୍ତ୍ରଣ କରିବା କାମ କରେ । ମାଇକ୍ରୋ ପ୍ରୋସେସର ପଛରେ ରହିଥାଏ ଆଟୋମାଇଜର ଯାହା କାଟ୍ରିଜ୍‌ରେ ଥିବା ତରଳ ପଦାର୍ଥକୁ ଉତ୍ତପ୍ତ କରିଥାଏ । ଆଟୋମାଇଜର ତଳେ ରହିଛି ହିଟିଂ କଏଲ। ଶେଷରେ ମୁହଁରେ ପ୍ରବେଶ କରାଇବାକୁ ଥିବା ମାଉଥପିସ୍ । ମୁହଁ ଲଗାଇ ତାହାକୁ ଶୋଷିଲେ ଇ-ସିଗାରେଟ୍ ସକ୍ରିୟ ହୋଇଯାଏ । ଅଗ୍ରଭାଗରେ ଥିବା ଏଲଇଡି ଲାଇଟ ଜଣାଏ ତରଳ ପଦାର୍ଥ ବାଷ୍ପରେ ପରିଣତ ହୋଇଗଲା । ବଜାରେ ମିଳୁଥିବା ଦହନଶୀଳ ସିଗାରେଟ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ଏହି ଇ-ସିଗାରେଟ୍ ଜଳି ନଥାଏ ବରଂ ଏକ ଉତ୍ତାପ ସୃଷ୍ଟିକାରୀ ଯନ୍ତ୍ର ଦ୍ୱାରା ଏହା ଭିତରେ ଥିବା ତରଳ ନିକୋଟିନରୁ ବାହାରୁ ଥିବା ବାଷ୍ପକୁ ବ୍ୟବହାରକାରୀ ଶୁଙ୍ଘି ଆନନ୍ଦ ପାଇଥାନ୍ତି । ଏହି ସିଗାରେଟ୍ ଦିନକୁ ଦିନ ବଜାରରେ ଚାହିଦା ବଢ଼ାଉଥିବାରୁ ଭାରତୀୟ ମେଡ଼ିକାଲ ଗବେଷଣା ପରିଷଦ ସତର୍କ ସୂଚନା ଜାରି କରିଥିଲା । ଗବେଷଣା ପରିଷଦର ଜାରି ହୋଇଥିବା ଶ୍ୱେତପତ୍ର ଅନୁଯାୟୀ ଏହି ନିକୋଟିନ ପ୍ରବଣ ସ୍ୱାସ୍ଥ୍ୟହାନୀକରକ ବାଷ୍ପୀକରଣ କରୁଥିବା ଉପାଦାନ ରହୁଥିବାରୁ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିବା ସହ ଏହାର ମାତ୍ରାଧିକ ବ୍ୟବହାର ଦ୍ୱାରା ଡିଏନ୍‌ଏ ନଷ୍ଟ ହୋଇଥାଏ । ସେହିପରି କ୍ୟାନସର, ଶ୍ୱାସରୋଗ, ସ୍ନାୟବିକ ଦୁର୍ବଳତା, ଗର୍ଭଧାରଣ ତଥା ଭ୍ରୁଣର ବିକାଶକୁ ଏହା ଗୁରୁତର ଭାବେ ପ୍ରଭାବିତ କରିଥାଏ । ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଏହା ଏକ ପ୍ରକାର ସ୍ୱାସ୍ଥ୍ୟ ଟାଇମ୍‌ବମ୍ କହିଲେ ଅତ୍ୟୁକ୍ତି ହେବନାହିଁ । ନିଃଶ୍ୱାସ ପ୍ରଶ୍ୱାସ ଜନିତ ରୋଗ ସହ ଯୁବପିଢ଼ିଙ୍କ ଠାରେ ହୃତ୍‌ପିଣ୍ଡ ଜନିତ ରୋଗ ଓ ଏହାର ନିର୍ଗତ ନିକୋଟିନ ବାଷ୍ପ ମଣିଷ ଶରୀରର ଲିଭର ଓ ବିଭିନ୍ନ କୋଷିକାକୁ କ୍ଷତ ପହଞ୍ଚାଇଥାଏ । ସେହିପରି ରକ୍ତଜମାଟ ବାନ୍ଧିବା ସମସ୍ୟାକୁ ଏହା ଗୁରୁତର ଭାବେ ପ୍ରଭାବିତ କରିଥାଏ ।

ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ ହେଉଛି ଧୂମପାନ (୯୦ ପ୍ରତିଶତ) । ଗଲ୍‌ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ କ୍ୟାନସର, ଖାଦ୍ୟନଳୀ କ୍ୟାନସର, କିଡ୍‌ନୀ, ଅଗ୍ନ୍ୟାଶୟ, ପରିସ୍ରାଥଳି ଓ ସ୍ୱରଯନ୍ତ୍ରରେ କର୍କଟ ହେବାର ଆଶଙ୍କା ସର୍ବାଧିକ। ବିପଦ କେବଳ ସେତିକିରେ ରହିନାହିଁ, ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମପାନ ଠାରୁ ଦୂରେଇଥିବା ବ୍ୟକ୍ତି ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍‌ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମପାନ । ମନେରଖନ୍ତୁ ଇ-ସିଗାରେଟ ବ୍ୟବହାର ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନଶୀଳତା ନଷ୍ଟ ହୋଇଥାଏ, ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ହୃଦ୍‌ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ ଓ ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ। ସେହିପରି ସେହିପରି ଏହା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ୍ ପଡ଼ିଯାଇପାରେ । ମାଂସପେଶୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଶୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ବାଷ୍ପୀୟ ନିକୋଟିନଟି ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛ' ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷସ କବଳରୁ ଜଣେ ଯେ ମୁକ୍ତି ପାଇପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%) । ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବଜାରରେ ଦିନକୁ ଦିନ ଇ-ସିଗାରେଟ୍‌ର ବ୍ୟବହାର ଏହି ପ୍ରସଙ୍ଗକୁ ଆହୁରି ଜଟିଳ କରିଦେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର । ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କାରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟୁନ ୬୫% ଏବଂ କେବଳ ଭାରତରେ ୫୦% । ସାରା ଦେଶରେ ବର୍ଷରେ ଅନ୍ୟୁନ ୭ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ । ଓଡ଼ିଶା ସହିତ ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ଏବଂ ସାଧାରଣତଃ ଗୁଟ୍‌ଖା ଓ ତମାଖୁ ସେବନ ପାଇଁ ଏହା ଅଧିକ ହେଉଥିବା ଏକ ପରିସଂଖ୍ୟାନରୁ ସୂଚନା ମିଳିଛି । ଅନେକ କମ୍ପାନୀ ଇ-ସିଗାରେଟ ପ୍ରତି ନୂଆ ପିଢ଼ିର ନିକୋଟିନ ବ୍ୟବହାରକାରୀଙ୍କୁ ଆକୃଷ୍ଟ କରିବାକୁ ଚାହୁଁଛନ୍ତି। ଦେଶର ଯୁବବର୍ଗ ଓ ପିଲାମାନଙ୍କ ଲାଗି ଏହା ମହାମାରୀରେ ପରିଣତ ହେବା ପୂର୍ବରୁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଏହାକୁ ନିଷିଦ୍ଧ କରିଛନ୍ତି । ସୂଚନାଯୋଗ୍ୟ ଆମେରିକାରର ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ସ୍ୱାଦଯୁକ୍ତ ଇ-ସିଗାରେଟ୍ ଉପରେ କଟକଣା ଜାରି କରିବା ପରେ ଭାରତ ସରକାର ନିଜ ଦେଶରୁ ଏହାକୁ ନିଷିଦ୍ଧ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି । ଗତ ଫେବୃଆରୀରେ ଇ-ସିଗାରେଟ୍ ଓ ଇ-ହୁକାର ଉତ୍ପାଦନ, ବିଜ୍ଞାପନ ଓ ବିକ୍ରି ଉପରେ କଟକଣା ଲଗାଇବା ପାଇଁ ରାଜ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ଇ-ସିଗାରେଟ୍‌ରେ ବ୍ୟବହୃତ ନିକୋଟିନ ଡ୍ରଗ୍ସ ହୋଇନଥିବାରୁ ଦର୍ଶାଇ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ରସରକାରଙ୍କ ଉପରେ କଟକଣା ଲଗାଇଥିଲେ । ତେବେ ତାମିଲନାଡୁ, ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ପଞ୍ଜାବ ସମେତ ଅନେକ ରାଜ୍ୟ ଏହା ଉପରେ କଟକଣା ଲଗାଇ ସାରିଛନ୍ତି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଧମୂପାନ ସେବନ ବିରୁଦ୍ଧରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ହାତକୁ ନେଇଛନ୍ତି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସେବାଭିମୁଖୀ ସଂଗଠନମାନେ ମଧ୍ୟ ଧୂମ ରାକ୍ଷସର କବଳରୁ ସମାଜକୁ ରକ୍ଷା କରିବା ପାଇଁ ଆଗେଇ ଆସୁଛନ୍ତି ।















# ବ୍ରେନ୍ ଷ୍ଟ୍ରୋକ୍





**ପୁ**ରୁଷଙ୍କ ତୁଳନାରେ ମହିଳା ଅଧିକ ସଂଖ୍ୟାରେ ବ୍ରେନ୍‌ଷ୍ଟ୍ରୋକ୍ ବା ମସ୍ତିଷ୍କଘାତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ଜନ୍ମ ନିୟନ୍ତ୍ରଣ ଔଷଧ, ହରମୋନ ଥେରାପି ଏବଂ ଗର୍ଭଧାରଣ ଅବସରରେ ଏହି ରୋଗର ଆଶଙ୍କା ଅଧିକ । ଏହି ରୋଗ ହେଲେ ସିଧାସଳଖ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ । ମସ୍ତିଷ୍କ ଆଡ଼କୁ ଯାଇଥିବା ଧମନୀ ଫାଟିଯାଏ । ଫଳରେ ମସ୍ତିଷ୍କକୁ ରକ୍ତଦାହ ଏବଂ ଅମ୍ଳଜାନ ଯୋଗାଣ ବନ୍ଦ ହୋଇଯାଏ । ଏଠାରେ ଥିବା କୋଶିକା ନଷ୍ଟ ହୋଇଯାଏ । ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ଅଙ୍ଗ ପ୍ରଭାବିତ ହେବା ସାଙ୍ଗକୁ ଦେଖିବା, ସମନ୍ୱୟ ରକ୍ଷା ଏବଂ କଥା କହିବା ଇତ୍ୟାଦିରେ ଅସୁବିଧା ଉପୁଜେ । ୫୫ବର୍ଷ ଟପିଯିବା ପରେ ପ୍ରତି ଦଶ ବର୍ଷରେ ଷ୍ଟ୍ରୋକ୍‌ର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ । ସେହିପରି ୬୫ବର୍ଷରୁ ଅଧିକ ବୟସର ଲୋକଙ୍କ ଠାରେ ଷ୍ଟ୍ରୋକ୍‌ର ଆଶଙ୍କା ଦୁଇ ତୃତୀୟାଂଶ ହୋଇଥାଏ । ତେବେ କେବଳ ବୃଦ୍ଧାବସ୍ଥାରେ ଯେ ଷ୍ଟ୍ରୋକ୍ ହୁଏ ସେ କଥା ନୁହେଁ । ୩୦/୪୦ ବର୍ଷ ବୟସରେ ମଧ୍ୟ ଷ୍ଟ୍ରୋକ୍ ହୋଇଥାଏ । ବିଭିନ୍ନ ପ୍ରକାର ବ୍ରେନ୍ ଷ୍ଟ୍ରୋକ୍ ରହିଛି । ସେଗୁଡ଼ିକ ହେଲା ଇସ୍କମିକ ଷ୍ଟ୍ରୋକ୍, ହାମରେଜିକ୍ ଷ୍ଟ୍ରେକ୍, ସାଇଲେଣ୍ଟ ଷ୍ଟ୍ରୋକ୍, ଟ୍ରାନ୍‌ସିଏଣ୍ଟ ଇସ୍କିମିକ୍ ଷ୍ଟ୍ରୋକ୍ ଏବଂ ଆର୍ଟେରୀ ଡିସେକ୍ସନ୍ ଇସ୍କମିକ୍ ଷ୍ଟ୍ରୋକ୍, ମସ୍ତିଷ୍କ କିମ୍ବା ଏହାର ପାଖକୁ ଥିବା ଧମନୀରେ ଅବରୋଧ ଘଟିବା କାରଣରୁ ହୋଇଥାଏ । ଅବରୋଧ ଦୂର କରିବା ଔଷଧ ଦ୍ୱାରା ଏହାର ଚିକିତ୍ସା କରାଯାଇଥାଏ । ହାମରେଜିକ୍ ଷ୍ଟ୍ରୋକ୍ ରକ୍ତନଳୀ ଲିକ୍ କିମ୍ବା ଫାଟିଯିବା କାରଣରୁ ହୋଇଥାଏ, ଫଳରେ ମସ୍ତିଷ୍କ ଭିତରେ କିମ୍ବା ଆଖପାଖରେ ରକ୍ତସ୍ରାବ ହୁଏ । ଏହି କ୍ଷତିର ଭରଣା ସର୍ଜରୀ ଦ୍ୱାରା କରାଯାଇଥାଏ । ସେହିପରି ସାଇଲେଣ୍ଟ ଷ୍ଟ୍ରୋକ୍‌ର କୌଣସି ଲକ୍ଷଣ ନାହିଁ । ଏହା ସଂପର୍କରେ ହଠାତ୍ କିଛି ଜାଣିହୁଏ ନାହିଁ । ସିଟିସ୍କାନ କିମ୍ବା ଏମ୍‌ଆରଆଇ ଦ୍ୱାରା ଏହାର କ୍ଷତି ସଂପର୍କରେ ଜଣାପଡ଼େ । ଟ୍ରାନସିଏଣ୍ଟ ଇସ୍କମିକ୍ ଷ୍ଟ୍ରୋକ୍ ଟି.ଆଇ.ଏ ବା ମିନିଷ୍ଟ୍ରୋକ୍ ନାମରେ ପରିଚିତ । ମସ୍ତିଷ୍କକୁ ରକ୍ତ ପ୍ରବାହ କମିଗଲେ ଏହି ଷ୍ଟ୍ରୋକ୍ ହୋଇଥାଏ । କିନ୍ତୁ ରକ୍ତନଳୀ ସଂପୂର୍ଣ୍ଣ ବନ୍ଦ ହୁଏନାହିଁ । ଏହି ଷ୍ଟ୍ରୋକ୍ ହାଲ୍‌କା ହେଲେ ମଧ୍ୟ ମସ୍ତିଷ୍କର କ୍ଷତି କରିଥାଏ ଏବଂ ଏହା ବଡ଼ ଷ୍ଟ୍ରୋକ୍‌ର ସୂଚନା ଦେଇଥାଏ ଓ ଏହାର ଆଶଙ୍କା ବଢ଼ାଇଥାଏ । ଆର୍ଟେରୀ ଡିସେକ୍ସନ ଷ୍ଟ୍ରୋକ୍ ୪୫ରୁ କମ୍ ବୟସର ଲୋକଙ୍କୁ ହୋଇଥାଏ । ଏହାଦ୍ୱାରା ଗଳାରେ ଧମନୀର ରେଖା ଫାଟିଯାଏ ଏବଂ ରକ୍ତନଳୀ ବନ୍ଦ ହୋଇଯାଏ । ଏପ୍ରକାର ଷ୍ଟ୍ରୋକ୍‌ର କେତେକ କାରଣ ରହିଛି । ଦୁର୍ଘଟଣା ଯୋଗୁଁ ରକ୍ତନଳୀ ଦୁର୍ବଳ ହେବା, ଆଘାତଲାଗିବା ଆଦି ଏଥିରେ ଅନ୍ତର୍ଭୁକ୍ତ ।

ଷ୍ଟ୍ରୋକର ପ୍ରମୁଖ ଲକ୍ଷଣ ଗୁଡ଼ିକ ହେଉଛି କଥା କହିବାରେ ଅସୁବିଧା । ଝାପ୍‌ସା ଦେଖାଯିବା। ମୁଣ୍ଡ ବୁଲାଇ ହେବା ଅଥବା ପଡ଼ିଯିବା, ବେହୋସ୍ ହେବା ଅଥବା ଜୋରରେ ମୁଣ୍ଡ ବ୍ୟଥା ହେବା । ଦୁର୍ବଳ ଲାଗିବା ନିଶ୍ୱାସପ୍ରଶ୍ୱାସରେ ଅସୁବିଧା ଅନୁଭବ କରିବା । ଜୋରରେ ହୃତ୍‌ସ୍ପନ୍ଦ ହେବା । ଏହାକୁ ନେଇ ସଚେତନତା ହେଉଛି ଷ୍ଟ୍ରୋକ୍‌ର ବିପଦ କମାଇବା ପାଇଁ ଖାଦ୍ୟପେୟରେ ନିୟନ୍ତ୍ରଣ ରଖିବା ଉଚିତ । କୋଲେଷ୍ଟ୍ରୋଲ୍ ହ୍ରାସ କରିବା, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର ସେବନ, ଓଜନକୁ ନିଜ ନିୟନ୍ତ୍ରଣରେ ରଖିବା ଉଚିତ । ରକ୍ତଚାପ ପ୍ରତି ଧ୍ୟାନ ରଖିବା ଜରୁରୀ । ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଉଭୟ ମଧ୍ୟରେ ଗଭୀର ସଂପର୍କ ରହିଛି । ତେଣୁ ଏଥିରୁ ଗୋଟିଏ ରୋଗର ଆଶଙ୍କା ହ୍ରାସ ପାଇ ଉଦ୍ୟମ କଲେ ଅନ୍ୟଟି ସ୍ୱତଃ କମିଯାଏ । ଏକ ସୁସ୍ଥ ଜୀବନଶୈଳୀ, ଖାଇବା, ବିଶ୍ରାମ ଓ ଯୋଗ ପ୍ରାଣାୟମ ଅଭ୍ୟାସ ଖୁବ୍ ଭଲ।

ସମ୍ପ୍ରତି ଷ୍ଟ୍ରୋକ୍ ସମଗ୍ର ବିଶ୍ୱରେ ବିକଳାଙ୍ଗତାର ପ୍ରମୁଖ କାରଣ ଅଟେ ଏବଂ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ଅଟେ । ୩୦-୬୯ ବର୍ଷ ବୟସ ଶ୍ରେଣୀ ମଧ୍ୟରେ ୧.୩ ନିୟୁତ ମୃତ୍ୟୁ ହୃଦୟ ରୋଗ କାରଣରୁ ହେଉଥିବା ବେଳେ, ୦.୪ ନିୟୁତ (୨୮.୦%) ମୃତ୍ୟୁ ଷ୍ଟ୍ରୋକ୍ କାରଣରୁ ହୋଇଥାଏ । ଷ୍ଟ୍ରୋକ୍‌ଜନିତ ସମୟ ପୂର୍ବ ମୃତ୍ୟୁର ଏକ-ତୃତୀୟାଂଶ ଉତ୍ତର-ପୂର୍ବ ରାଜ୍ୟରେ ଘଟିଥାଏ, ଭାରତର ଜନସଂଖ୍ୟାର ଷଷ୍ଠଭାଗ ବାସ କରୁଥିବା ଏହି ଅଞ୍ଚଳରେ ଏହାର ହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ହେବାର ଦେଖାଯାଉଛି ଯାହାକି ଜାତୀୟ ହାରଠାରୁ ତିନିଗୁଣ ଅଧିକ ଅଟେ । ଭାରତର ବିଭିନ୍ନ ଭାଗରେ ଷ୍ଟ୍ରୋକ୍‌ର କ୍ରମ ବର୍ଦ୍ଧନଶୀଳ ଘଟଣା ବିଗତ ଦୁଇ-ଦଶନ୍ଧିରେ ବାର୍ଷିକ ୧୦୫ରୁ ୧୫୨/୧୦୦,୦୦୦ ବ୍ୟକ୍ତି ପିଛା ଥିଲା ।

ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋଲୋଜିକାଲ୍ ଡିସ୍‌ଅର୍ଡର ଆଣ୍ଡ ଷ୍ଟ୍ରୋକ୍ ଅନୁସାରେ ଏହି ପ୍ରମୁଖ ଲକ୍ଷଣଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବା ଉଚିତ୍:

- ମୁହଁ, ବାହୁ ବା ଗୋଡ଼ରେ ହଠାତ୍ ବଧିରାପଣ ବା ଦୁର୍ବଳତା
- ଅଚାନକ ଭ୍ରମ ବା ଅନ୍ୟକୁ କହିବା ବା ବୁଝିବାରେ ଅସୁବିଧା
- ଅଚାନକ ଗୋଟିଏ ବା ଦୁଇ ଆଖିକୁ ଦେଖିବାରେ ଅସୁବିଧା
- ଅଚାନକ ଚାଲିବାରେ ଅସୁବିଧା, ମୁଣ୍ଡ ବୁଲାଇବା ବା ସନ୍ତୁଳନ ବା ସମନ୍ୱୟର ଅଭାବ
- ବିନା କୌଣସି ଜ୍ଞାତ କାରଣରେ ଅଚାନକ ତୀବ୍ର ମୁଣ୍ଡବ୍ୟଥା ନା କୌଣସି ଜ୍ଞାତ କାରଣରେ ଅଚାନକ ତୀବ୍ର ମୁଣ୍ଡବ୍ୟଥା

ବିଶ୍ୱ ଷ୍ଟ୍ରୋକ୍ ସଂଗଠନ ଅନୁସାରେ, ଏବେ ଦୁନିଆର ପ୍ରାୟଃ ୮୦ ମିଲିୟନ୍ ଲୋକ ଷ୍ଟ୍ରୋକ୍ ଅନୁଭବ କରିଛନ୍ତି ଏବଂ ୫୦ ମିଲିୟନ୍‌ରୁ ଅଧିକ ବଞ୍ଚି ରହୁଥିବା ଲୋକମାନେ ପରିଣାମ ସ୍ୱରୂପ କୌଣସି ନା କୌଣସି ପ୍ରକାର ସ୍ଥାୟୀ ବିକଳାଙ୍ଗତାର ସମ୍ମୁଖୀନ ହୋଇଥାନ୍ତି ।





ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡା ୩୦ ନଭେମ୍ବର ୨୦୨୫ । ରବିବାର

# ଆମ ଗାଁରେ ତହସିଲ କାର୍ଯ୍ୟାଳୟ

**କେନ୍ଦ୍ରାପଡ଼ା,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ବ୍ଲକ ଅଧିନ କଂସାର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ତହସିଲଦାର ନାରାୟଣ ଆଚାର୍ଯ୍ୟ ଯୋଗଦେଇ ପଞ୍ଚାୟତବାସୀଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏଥିସହିତ ୧୫୦ଟି ଅଭିଯୋଗ ମଧ୍ୟରୁ ୫୦ଟିର ସମାଧାନ କରିଥିଲେ। ୩୮ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ରାଜସ୍ୱ ନିରୀକ୍ଷକ ଅରକ୍ଷ ଖୁଲାର, ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାସ, ଆରପି ସୌମ୍ୟକାନ୍ତ ପଟ୍ଟନାୟକ, ଓଏଲର ସ୍ୱେତପଦ୍ମ ବେହେରା, ଡିଲିପ ରଞ୍ଜନ କୁମାର ଦାସ, ରେକର୍ଡକିପର ଦୃଷ୍ଟିରେଖା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଂସାର ଗ୍ରାମ ପଞ୍ଚାୟତ ସରପଞ୍ଚ ସରୋଜିନୀ ନାୟକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ମହାନ୍ତି, ପଦ୍ମନ ବେହେରା, ଗଜେନ୍ଦ୍ର ପରିଡା, ସମାଜ ସେବୀ ମନୋଜ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ବକୁଲ ଜେନା, ଲାଲୁପ୍ରସାଦ ଜେନା, ବଂଶୀଧର ସାମଲ, ଉତ୍ତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବିରିରେ ଜଉଆ ଓ କାଳିମୁଣ୍ଡି ପୋକ: ଚିନ୍ତାରେ ଚାଷୀ

**ରାଜନଗର,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଧୋଆ ଅଂଚଳ ଭାବେ ପରିଚିତ ବଞ୍ଚପରା, ଓସ୍ତିଆ, ବେଙ୍ଗପାଳ, ରାଜପୁର ଓ କେରଡାଗଡ(ଆଂଶିକ) ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା। ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କାଁ ଭାଁ ଚାଷୀ ବନ୍ୟା ପରେ ବହୁ କଷ୍ଟରେ ତଳି ସଂଗ୍ରହ କରି ଧାନ ଚାଷ କରିଥିଲେ। ପୁନର୍ବାର ବନ୍ୟା ଆସିବା ଫଳରେ ଚାଷୀଙ୍କର ଆଶା ଭରସା ଧୋଇ ନେଇଗଲା। ଚାଷୀଟି ରବି ଋତୁରେ ବିରି ବୁଣି ଭଲ ଅମଳ ଆଶା କରିଥିଲେ। ବିରି ମଧ୍ୟ ଭଲ ହୋଇଥିଲା। ଏହି ଫସଲରେ ଜଉଆ ଓ କାଳିମୁଣ୍ଡି ପୋକ ଲାଗି ଯାଇଛନ୍ତି। ଏହି ପୋକଗୁଡିକ ପତ୍ରକୁ ଖାଇ ଧଳା ପକାଇ ଦେବା ପରେ ଗଛଗୁଡିକ ପତ୍ରଶୂନ୍ୟ ହୋଇଯାଉଛି। ଯାହାକି ଚାଷୀଙ୍କୁ ଚିନ୍ତା ବଢାଇ ଦେଇଛି। ଧାନ ଫସଲ ନଷ୍ଟ ହେବା ପରେ ଚାଷୀମାନେ ବିରି ଫସଲ କରି ଭଲ ଦି ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଥିବା ବେଳେ ଜଉଆ ଓ କାଳିମୁଣ୍ଡି ପୋକ ଭରସା ତୁଟାଇ ଦେଲାଣି। ଏନେଇ ବ୍ଲକ କୃଷି ଅଧିକାରୀ ଦେବବ୍ରତ ସେଠୀଙ୍କୁ ପଚାରିବାରୁ ଏ ଅଭିଯୋଗ ପାଇଛି। ଚାଷୀମାନଙ୍କୁ ଔଷଧ କିଣି ପକାଇବା ପାଇଁ ପରାମର୍ଶ ଦେଇଥିଲି। ମୁଁ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହାକିଛି ପ୍ରତିକାର କରିବାର ବ୍ୟବସ୍ଥା କରିବି ବୋଲି କହିଛନ୍ତି।

# କଳାକାର ସଂଘ ମହୋତ୍ସବ ଉଦଯାପିତ

**କେନ୍ଦ୍ରାପଡ଼ା,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ତୁଳସୀକ୍ଷେତ୍ର କଳାକାର ସଂଘର ଜିଲ୍ଲାସ୍ତରୀୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ତୁଳସୀକ୍ଷେତ୍ର କଳାକାର ସଂଘ ସଭାପତି କେଦାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ରାଜସ୍ୱ କମିଶନର ଶୋଭନ କର ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରଙ୍କ ସମାଜ ଗଠନରେ ମୁଖ୍ୟ ଭୂମିକା ରହିଥାଏ। କାରଣ କଳାକାରଙ୍କ ଅଭିନୟର ପ୍ରଭାବ ପ୍ରତ୍ୟେକ ମାନବ ଉପରେ ପଡିଥାଏ। କଳାକାରଙ୍କୁ ଆମ ସମାଜ ଉଚିତ ସମ୍ମାନ ପ୍ରଦାନ କରିବା ଆବଶ୍ୟକ ବୋଲି ଶ୍ରୀ କର ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ସବ ଚରଣ ମହାପାତ୍ର, ସମାଜସେବୀ ଦେବେନ୍ଦ୍ର କୁମାର ଦାସ, ସମବାୟବୀତ ପ୍ରଫୁଲ୍ଲ କୁମାର ରାଉତ (ନଙ୍ଗୁଳି) ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୫୫ଟି ସାଂସ୍କୃତିକ ଦଳ ଭଜନ, ଜଣାଣ, ସଂକୀର୍ତ୍ତନ, ଘୋଡାନାଚ, କେନ୍ଦରାଗୀତ, ଖଞ୍ଜଣୀ ଭଜନ, ସଖୀନାଟ, ଓଡିଶୀନୃତ୍ୟ, ଏକତାରା ଭଜନ, ଦାସକାଠିଆ, ଓଡିଶୀ ନୃତ୍ୟ ବିଦ୍ୟା, ଭଜନ ସନ୍ଧ୍ୟା ଓ ପାଲା ପ୍ରଭୃତି ପରିବେଷଣ କରିଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଗଗନବିହାରୀ ସିଂହ ମହୋତ୍ସବର ଉଦେଶ୍ୟ ଜ୍ଞାପନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ସତ୍ୟନାରାୟଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଉପସଭାପତି ସବିତା ବରଜ, ସାଂସ୍କୃତିକ ସମ୍ପାଦକ ବାବାଜି ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଦେବେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ଦାସ, ସଂସ୍କୃତି ଉପଦେଷ୍ଟା ମହେଶ ପାଢୀଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟସଭ୍ୟାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍‌ଏସି ଅଧକ୍ଷ ଓ ଅଧିକାରୀଙ୍କ ଉପସ୍ଥିତରେ ଓଡିଶା ଏକ୍ସପ୍ରେସ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର /କବିସୂର୍ଯ୍ୟନଗର /କୋଦଳା, ୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଟେଣ୍ଡରରେ ଜାଲିଆତି ଉଦ୍ୟମକୁ ପ୍ରତିବାଦ କରିବାରୁ କାଉନ୍ସିଲର ତଥା ସାମ୍ବାଦିକଙ୍କୁ ପିଟିଲେ, ତାହା ପୁଣି ଏନ୍‌ଏସି କାର୍ଯ୍ୟଳୟ ପରିସରରେ ଅଧକ୍ଷଙ୍କ ନିର୍ଦ୍ଦେଶ ଏବଂ ଅଧିକାରୀଙ୍କ ଉପସ୍ଥିତରେ ଲହୁଲୁହାଣ କଲେ ଦୁର୍ବୃତ୍ତ।

ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସି ପରିସରରେ। ଅଭିଯୋଗରୁ ଜଣାଯାଇଛି, କୋଦଳା ଏନ୍‌ଏସିରେ ଶୁକ୍ରବାର ୧୧ଟି କାମର ଅନିୟମିତତା ଆଶଙ୍କା କରି ହୋଇଥିବା ଟେଣ୍ଡର ତଥ୍ୟ ମାଗିବାରୁ ଓଡିଶା ଏକ୍ସପ୍ରେସ କୋଦଳା ପ୍ରତିନିଧି, ବରିଷ୍ଠ ସାମ୍ବାଦିକ ତଥା ଏନଏସିର ୧୧ ନମ୍ବର ୱାର୍ଡର କାଉସିଲର ଭଗବାନ ପାଢ଼ୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କ ସାର୍ଟ ଚିରି ସୁନା ଚେନ ଝିକି ନେଇଯାଇଥିବା କୋଦଳା ଥାନାରେ ଅଭିଯୋଗ ହୋଇଛି। ଯାହା ସୂଚନା ମିଳିଛି ସରକାରଙ୍କ ପକ୍ଷରୁ ଗୁରୁବାର କୋଦଳା ଏନଏସିର ୧୧ଟି ଉନ୍ନୟନ କାର୍ଯ୍ୟକୁ ନେଇ ଟେଣ୍ଡର ଅନୁଷ୍ଠିତ ହେବାପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏହି ଟେଣ୍ଡର ପ୍ରକ୍ରିୟା ଅଧକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବହୁ ଅନିୟମିତତା ହୋଇଥିବା ଦେଖି ୧୧ ନମ୍ବର କାଉସିଲର ଏହାକୁ ବିରୋଧ କରିଥିଲେ। ଟେଣ୍ଡର ପ୍ରକ୍ରିୟାର ସମସ୍ତ ତଥ୍ୟ ସହ ସିସିଟିଭି ଫୁଟେଜ ଆରଟିଆଇ ଜରିଆରେ ଅଧିକାରୀଙ୍କୁ ମାଗିଥିବା ଯୋଗୁଁ ଅଧକ୍ଷ ନିଜେ ପ୍ରତିକ୍ରିୟଶୀଳ ହୋଇ ଅପରାହ୍ନ ୩ଟା ସମୟରେ କାର୍ଯ୍ୟାଳୟ ପରିସରରେ ଭଗବାନ



ପାଢ଼ୀ ଠିଆ ହୋଇଥିବା ସମୟରେ ଅଧକ୍ଷଙ୍କ ନିର୍ଦ୍ଦେଶରେ ଏବଂ ଅଧିକରୀଙ୍କ ଉପସ୍ଥିତରେ ପାଞ୍ଚରୁ ଉର୍ଦ୍ଧ୍ୱ ଗୁଣ୍ଡା ଶ୍ରେଣୀର ଲୋକ ଆସି ତାଙ୍କ ସହ ଯୁକ୍ତିତର୍କ କରିବା ସହିତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଭଗବାନ ପାଢ଼ୀଙ୍କ ଗୋଡ଼ ଭାଙ୍ଗିବା ସହ ଛାତି, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ସୁନା ଚେନକୁ ଛଡାଇ ନେଇ ଚାଲିଯାଇଥିଲେ। ଆକ୍ରମଣ ପରେ ଗୁରୁତର ଭଗବାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥିତ ଏମକେସିଜି ମିଡିକାଲକୁ ସ୍ଥାନାନ୍ତର ନିର୍ଦ୍ଦେଶ ଦେଇଛନ୍ତି ଡାକ୍ତର। ଖବର ପାଇ ଶନିବାର ଜିଲ୍ଲାର ବହୁ ସାମ୍ବାଦିକ କୋଦଳାରେ ପହଁଚି ଭଗବାନ ପାଢୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଭଗବାନଙ୍କୁ ନେଇ ଏକ ଶୋଭାଯାତ୍ରା କରି କୋଦଳା ଥାନାରେ ପହଞ୍ଚି ଥାନା ଅଧିକରୀଙ୍କୁ ଏତଲା ଦେବା ସହ ସାମ୍ବାଦିକଙ୍କ ସୁରକ୍ଷା ଏବଂ ଅଧକ୍ଷ, ଅଧିକାରୀ ଓ ଆକ୍ରମଣକାରୀ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅନ୍ୟ ପକ୍ଷରେ, ଗଣତନ୍ତ୍ରରେ ହିଂସା ର ସ୍ଥାନ ନଥିବା କହୁଥିବା ଶାସକ ଦଳର ଅଧକ୍ଷଙ୍କ ଏଭଳି ବର୍ବୋରଚିତ ଆଚରଣକୁ ସାମ୍ବାଦିକମାନେ ନିନ୍ଦା କରିବା ସହ ଟେଣ୍ଡର ଦୁର୍ନୀତିର ତଦନ୍ତ ଦାବି କରାଯାଇଛି। ଆଜିର ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଅନିଲ ପାଣିଗ୍ରାହୀ, ଓଡିଶା ଏକ୍ସପ୍ରେସ ଜିଲ୍ଲା ପ୍ରତିନିଧି ଅନିଲ କୁମାର ପାଢ଼ୀ, ନାରାୟଣୀ ପ୍ରସାଦ ମିଶ୍ର, ସୁଶାନ୍ତ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ବଡ୍ଡୁ, କୃଷ୍ଣ ଚନ୍ଦ୍ର ପଲେଇ, ସରୋଜ କୁମାର ମିଶ୍ର, କ୍ଷୀରୋଦ ବେହେରା, ପୀତବାସ ଦାସ, ଗଣେଶ ଡାକୁଆ, ବାଲ୍ମୀକି ବିଶୋଇ, ବିଜୟ ନାୟକ, ବାପୁନି ମାଲୁ, କୃଷ୍ଣ ନାହାକଙ୍କ ସମେତ ଓଡିଶା ଏକ୍ସପ୍ରେସର ପୁରୁଷୋତ୍ତମପୁର ପ୍ରତିନିଧି ରମେଶ ଚନ୍ଦ୍ର ଗୌଡ଼, ଉପଖଣ୍ଡ ପ୍ରତନିଧି ବସନ୍ତ ପଟ୍ଟନାୟକ, ବୁଗୁଡ଼ା ପ୍ରତିନିଧି ହର ପ୍ରସାଦ ପାଢ଼ୀ, ସୋରଡ଼ା ପ୍ରତିନିଧି ଏ.ସାରଥୀ, ଖଲିକୋଟ ପ୍ରତିନିଧି ଶ୍ରିନିବାସ ସାହୁ, ଗଞ୍ଜାମ ପ୍ରତିନିଧି ନିଲୁ ପଣ୍ଡା, ଏବଂ ବିଭିନ୍ନ ବ୍ଲକରୁ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିବା ଜଣାଯାଇଛି।

# ତମାଖୁ ନିୟନ୍ତ୍ରଣ ସଚେତନତା



**ଘୁ.ଉଦୟଗିରି,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନା, ମୋ କଲେଜ୍ ମୋ ଗୌରବ, ଯୁବ ରେଡକ୍ରସ୍ ଏବଂ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ଏକ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧକ୍ଷ ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନନୀୟ ଅତିଥି ଭାବରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ରତିକାନ୍ତ ସାହୁ ଯୋଗଦେଇ ତମାଖୁ ସେବନ ଦ୍ୱାରା ମନୁଷ୍ୟ କିପରି କ୍ୟାନ୍ସର ଶୀକାର ହୁଏ ତା ସଂପର୍କରେ ଆଲୋଚନା କରିଥିବା ବେଳେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଷୟ ବିଶାରଦ ଭାବରେ ଯୋଗ ଦେଇଥିବା ଅଶୋକ କୁମାର ସାହୁ ତମାଖୁର ଭୟାବହତା ସଂପର୍କରେ ଆଲୋଚନା କରିବା ସହିତ ଯୁବ ସମାଜ ଏହା ଠାରୁ କିପରି ଦୂରେଇ ରହିବେ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁବ ରେଡକ୍ରସ୍ କାଉନସିଲର ତପନ ଚନ୍ଦ୍ର ନାୟକ ଅତିଥିଙ୍କୁ ମଞ୍ଚ ଉପରକୁ ସ୍ୱାଗତ କରିଥିବା ବେଳେ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗିରିଶ୍ କୁମାର ମୁଠାମାଝି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଅଧାପିକା ସରିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ମନସ୍ୱିନୀ ନାୟକ (ପ୍ରଥମ), ସାମସେନ୍ ପ୍ରଧାନ (ଦ୍ୱିତୀୟ) ଓ ପ୍ରବୀଣ ମଲ୍ଲିକ (ତୃତୀୟ)ଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ରାଜ କିଶୋର ସାହୁ ଛାତ୍ରଛାତ୍ରୀମାନଙ୍କୁ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଇଥିଲେ।

# ଲୋକଙ୍କ କାମରେ ଆସୁନି ୧୨ ଆରୋଗ୍ୟ ଉପ ସ୍ୱାସ୍ଥ୍ୟକେନ୍ଦ୍ର



**ନିଆଳି, ୨୯।୧୧: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ସ୍ୱାସ୍ଥ୍ୟ ବିଭାଗର ବିଚିତ୍ର ନିୟମ। ନିଆଳି ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଛି ଦୁଇ ଦୁଇଟି ଆୟୁଷ୍ମାନ ଆରୋଗ୍ୟ ଉପ ସ୍ୱାସ୍ଥ୍ୟ କେନ୍ଦ୍ର। ଚକାଚକ କୋଠା ଘର ଥାଇ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ନିଆଯାଇଛି ଭଡାରେ ଦୁଇ ଦୁଇଟି ଗୃହ। ନିଆଳି ପୂର୍ବଖଣ୍ଡ ମୌଜାରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଥାଇ ମଧ୍ୟ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଭଡାରେ ନିଆଯାଇ ଖୋଲାଯାଇଛି ଉପ ସ୍ୱାସ୍ଥ୍ୟ କେନ୍ଦ୍ର। ସେହିପରି ହଳଦୀ ବସନ୍ତ ବାରବୋଡିଆରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ସେଠାରେ ବି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଥାଇ ମଧ୍ୟ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଛ ରାସ୍ତାରେ ମାତ୍ର ୨ ଶହ ମିଟର ଦୂରରେ ଥିବା ପୂର୍ବଖଣ୍ଡ ମଉଜାରେ ଭଡା ନିଆଯାଇ ଖୋଲାଯାଇଛି ଉପ ସ୍ୱାସ୍ଥ୍ୟ କେନ୍ଦ୍ର। ଏଠି ପ୍ରଶ୍ନ ଉଠୁଛି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଟିଏ ମୌଜାରେ ସରକାରଙ୍କ ଅର୍ଥକୁ ଅପବ୍ୟବହାର କରି କାହା ସ୍ୱାର୍ଥରେ ଦୁଇ ଦୁଇଟି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଭଡାରେ ଖୋଲାଯାଇଛି। ଯଦି ସରକାର ଭଡାରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପାଖରେ କାହିଁକି ଖୋଲାଯାଇନାହିଁ। ନିଆଳି ବ୍ଲକରେ ୨୬ଟି ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୧୨ରୁ ଉର୍ଦ୍ଧ୍ୱ ଭଡାରେ ଚାଲୁ ଥିବା ଜଣାପଡିଛି। ୧୨ଟି ନୂତନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିର୍ମାଣ ହୋଇଛି। ଗୋଟିଏ କେନ୍ଦ୍ର ପିଛା ୬୫ ଲକ୍ଷ୍ୟ ଟଙ୍କା ବ୍ୟବବରାଦ କରାଯାଇଥିବା ବେଳେ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ୧୨ଟି ମଧ୍ୟରୁ ୧୦ଟି ନୂତନ ଗୃହକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଥିବା ନିଆଳି ବିଡ଼ିଓ ଧର୍ମରଂଜନ ପଣ୍ଡା କହିଛନ୍ତି କିନ୍ତୁ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏସ ନବୀନ କହିଛନ୍ତି ଛୋଟ ମୋଟ କାମ ଥିବାରୁ ଗୃହ ଗୁଡିକ କାର୍ଯ୍ୟ କରା ନଯାଇ ଭଡାରେ ନିଆଯାଇଛି। ସେହିପରି ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି କୃଷ୍ଣ ପ୍ରସାଦ ପଞ୍ଚାୟତର ବେତେଣ୍ଡା, ମାଧବ ପଞ୍ଚାୟତର ମାଧବ, ବିଳାଶୁଣୀ ପଞ୍ଚାୟତ ବିଳାଶୁଣୀରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ କାମ ସାରିଥିଲେ ମଧ୍ୟ ଦୁଇ ବର୍ଷ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ ଡାକ୍ତର ଆସିବା ତ ଦୂରର କଥା ଏଠାରେ ନିଯୁକ୍ତି ପାଇଥିବା ସିଏଚ୍‌ଓ ମଧ୍ୟ ଆସୁନାହାନ୍ତି। ଭଡାରେ ଉପ କେନ୍ଦ୍ର ଗୁଡିକ ଚାଲିଥିବା କାଗଜ କଲମରେ ଦର୍ଶାଯାଉଛି, ଏଭଳି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପ୍ରକାଶ ଚନ୍ଦ୍ର ମହାନ୍ତି, ତ୍ରିଲୋଚନ ସ୍ୱାଇଁ, କାଳନ୍ଦୀ ବେହେରା, ପର୍ଶୁରାମ ଭୋଇ, ଦଦିବାକର ମଲିକଙ୍କ ସହିତ ଅନେକ ଗ୍ରାମବାସୀ। ଉକ୍ତ ଘଟଣାରେ ନିଆଳି ସ୍ୱାସ୍ଥ୍ୟ ବିଭାଗରେ ବଡ଼ ଧରଣର ଦୁର୍ନୀତି ହେଉଛି ତାହା ଜଳ ଜଳ ଦିଶୁଚି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରର ଦୁର୍ନୀତିର ଚିଠା ଉଜାଗର ହେବ।

# ଠିକାଦାର ସଂଘର ବୈଠକ

**ସାକ୍ଷୀଗୋପାଳ,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଠିକାଦାର ମହାସଂଘ ଆବାହକ ପ୍ରଫୁଲ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସତ୍ୟବାଦୀ/କଣାସ ଠିକାଦାର ସଂଘ ସମସ୍ତ କର୍ମକର୍ତ୍ତାଙ୍କୁ ନେଇ କଣାସ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳିସ୍ତରୀୟ ବୈଠକ କଣାସ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ ଠିକାଦାରମାନଙ୍କ ଦୂରାବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ୧୪.୯୯ ପ୍ରତିଶତ କମରେ କାମକୁ ସମସ୍ତେ ବିରୋଧ କରିଥିଲେ। ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା ଯେ ପୁନଶ୍ଚ ଆଗକୁ ଯେଉଁ ନିର୍ମାଣ କାର୍ଯ୍ୟରେ କୌଣଷି ଠିକାଦାର ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସମସ୍ତ ଟେଣ୍ଡର ଲେସରେ ନ ପକାଇ ସିଡୁଲ୍ ରେଟରେ ଟେଣ୍ଡର ପକାଇ କାମର ଗୁଣବତ୍ତା ରକ୍ଷା କରି ଉନ୍ନତମାନର କାମ କରିବା ପାଇଁ ବୈଠକରେ କାମର ପୁଙ୍ଖାନୁପୁଙ୍ଖ କରାଯାଇ ପ୍ରସ୍ତାବ ଗୃହିତ ହେଲା। ବୈଠକରେ କମିଟିର ଉପଦେଷ୍ଟା ଅଜିତ କୁମାର ନନ୍ଦ, ସଭାପତି ପ୍ରତାପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସୁନୀଲ କୁମାର ମହାପାତ୍ର, ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଜିଲ୍ଲା କମିଟି ସଂଯୋଜକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ।

# ଏଥର ଝଲସିବ ବଲାଙ୍ଗିରର ମହାରାଣୀ ସାଗର



**ବଲାଙ୍ଗିର, ୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ସହରର ମହାରାଣୀ ସାଗରର ସୋନ୍ଦର୍ଯ୍ୟକରଣ କାମ ଆରମ୍ଭ ହେବ । ଶୁକ୍ରବାର ପୌରାଧକ୍ଷ ଲିକା ସାହୁ ଓ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ପରିଦର୍ଶନ କରି ଶୀଘ୍ର କାମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମହାରାଣୀ ସାଗରର ମାଟିର ପୁନଃ ଉଦ୍ଧାର, ବନ୍ଧ ଦୃଢ଼ି କରଣ, ଡ୍ରେନରେ ପଥର ପେଚିଂ କାମ, ଜନସାଧାରଣଙ୍କ ପାଇଁ ଚାଲିବା ରାସ୍ତା, ଚାରିପଟେ ଗଛ ଲଗାଯିବ, ପାର୍କ, ଗୋଷ୍ଠୀ ଶୌଚାଳୟର ବ୍ୟବସ୍ଥା,ଚାରି ପଟେ ଆଲୋକିକରଣ ସହିତ ସୋନ୍ଦର୍ଯ୍ୟକରଣର କାମ ଶୀଘ୍ର କରାଯିବ । ଯେଉଁ ବ୍ୟକ୍ତିମାନେ ବଲାଙ୍ଗିର ପୌର ପରିଷଦକୁ କିଛି ବ୍ୟକ୍ତି ବଦନାମ କରିବା ସହିତ ମିଥ୍ୟା ଓ ଜନସାଧାରଣଙ୍କୁ ଭ୍ରମିତ ପ୍ରଚାର କରି ନିଜର ରାଜନୀତି ଫାଇଦା ନେବାକୁ ଚେଷ୍ଟା କରି ନିଜର ମତ ଦେଉଛନ୍ତି ଯେ କୋଟି କୋଟି ଟଙ୍କା ଆସିଛି ଓ ଖର୍ଚ୍ଚ ହୋଇଛି ବୋଲି ଯେଉଁମାନେ କହୁଛନ୍ତି ସେମାନେ ଜାଣିବା ଉଚିତ ଯେ ପ୍ରକୃତରେ ମହାରାଣୀ ସାଗରରେ ୪୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । କୌଣସି ପ୍ରକାର ଦୁର୍ନୀତି କି ଅର୍ଥ ହେରଫେର ହୋଇନାହିଁ । ସମସ୍ତ ଖର୍ଚ୍ଚର ତଥ୍ୟ ପୌର ପରିଷଦ କାର୍ଯ୍ୟଳୟରେ ରହିଛି । ଯଦି ଜାଣିବାକୁ ଚାହୁଛନ୍ତି ତାହାହେଲେ ସମସ୍ତ କାଗଜ ପତ୍ର ଦେଖି ପାରିବେ ବୋଲି ପୌରଧକ୍ଷା ଲିକା ସାହୁ ସ୍ପଷ୍ଟ କରି କହିଛନ୍ତି । ଏଥିସହିତ ଅତି ଶୀଘ୍ର ବଲାଙ୍ଗିର ସହରର ଅନ୍ୟ ବନ୍ଧମାନଙ୍କର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ କରାଯିବ ବୋଲି ପୌରାଧକ୍ଷ ଶ୍ରୀମତୀ ସାହୁ କହିଛନ୍ତି । ଏହି ଅବସର ରେ ପୌର ପରିଷଦର ଇଞ୍ଜିନିୟର ରୋଜା ଲିସା ରାଉତ, ଇଞ୍ଜିନିୟର କୃଷ୍ଣ ଚନ୍ଦ୍ର ବେହେରା, କାଉନସିଲର ଗଙ୍ଗା ଚାନ୍ଦ, ଶ୍ୱେତ ତ୍ରିପାଠୀ, ତପି ସୁନା, ଦିଲୀପ ସାଏ , ଆଶିଷ କୁମାର ସ୍ୱାଇ ଓ ବରୁଣ ସେଠ୍ ଉପସ୍ଥିତ ଥିଲେ ।

# ଫାଇଲେରିଆ ନିରାକରଣ ପାଇଁ ଜିଲ୍ଲା ସମନ୍ୱୟ ସମିତି

**ଯାଜପୁର,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ପ୍ରଥମ ଜିଲ୍ଲା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ କର ଖଣି ପ୍ରଭାବିତ ଏବଂ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଗ୍ରାମୀଣ ଇଲାକାରେ ମ୍ୟାଲେରିଆ ଭଳି ବିଭିନ୍ନ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଔଷଧ ସେବନ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବିଭାଗର ସୁପରଭାଇଜରମାନେ ତଦାରଖ ସହ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଅଧିକାରୀଙ୍କୁ ଅବଗତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଗତ ଅଗଷ୍ଟ ମାସରେ ହୋଇଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡ଼ା. ନିଶିଥ ରଞ୍ଜନ ଫାଇଲେରିଆ ରୋଗର କାରଣ, ଲକ୍ଷଣ ଓ ଆଗାମୀ ଫେବୃଆରୀରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧକ୍ଷ ତଥା ଡିନ ଡା ସୀତାରାମ ମହାପାତ୍ର ଏକ ନିରୀକ୍ଷଣ ରିପୋର୍ଟ ଉପସ୍ଥାପନ କରିଥିଲେ, ଯେଉଁଥିରେ ଆଶା ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ବଳଦେବ ନନ୍ଦ ସହଯୋଗ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଶ୍ରୀ ବିଶ୍ୱରଂଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ରସୁଲପୁର ବ୍ଲକର ଅଧିକାରୀମାନେ ଯୋଗ ଦେଇଥିଲେ।

# ଗୁରୁତର ଛାତ୍ରକୁ ଉଦ୍ଧାର କଲେ ପ୍ରଦୀପ ମାଝୀ

**ନବରଙ୍ଗପୁର,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କକଡି ସେମଳା ଗ୍ରାମ ସ୍ଥିତ ସେବାଶ୍ରମରେ ଅଧ୍ୟୟନରତ ଧନେଶ୍ୱର ଭତ୍ରା ନାମକ ୭ମ ଶ୍ରେଣୀ ଛାତ୍ର ଛାତ୍ରାବାସର ରୋଷେଇ ଘରେ ଗୁରୁତର ଆହତ ହେବା ପରେ ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ପିଡୀତକୁ ଉଦ୍ଧାର କରିଛନ୍ତି। ଗୁରୁତର ଅବସ୍ଥାରେ ପ୍ରଦୀପ ଧନେଶ୍ୱରକୁ ଉଦ୍ଧାର କରି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କୁ ହସ୍ତାନ୍ତର କରିବା ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ପ୍ରଦୀପ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଘଟଣାରେ ଯୋଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏହା ବ୍ୟତୀତ ଗୁରୁତର ଅବସ୍ଥାରେ ଥିବା ଧନେଶ୍ୱରର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଇମସକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଏହି ଘଟଣାରେ ସେ ସିଧାସଳଖ ଜିଲ୍ଲାପାଳ ଓ ଡିଡବ୍ଲୁଓ ଦାୟୀ ବୋଲି କହିଛନ୍ତି। ପ୍ରଦୀପଙ୍କ କହିବାନୁଯାୟୀ, ଜିଲ୍ଲା ପ୍ରଶାସନ ସରକାରଙ୍କର କାଳେ ବଦନାମ ହେବ ବୋଲି ପିଡୀତକୁ ଚିକିତ୍ସା ନକରି ୮ ଦିନ ଧରି ଗୃହବନ୍ଦୀ କରି ରଖିଥିଲେ। ପିଲାଙ୍କ ଦ୍ୱାରା ବିଦ୍ୟାଳୟରେ ରନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ବାଧ କରାଯାଉଛି। ଅନୁରୂପ ଭାବେ ଧନେଶ୍ୱର ରୋଷେଇ କରୁଥିବା ବେଳେ କୁକର ଫାଟିବା ଯୋଗୁଁ ଗୁରୁତର ଆହତ ହୋଇଥିଲେ। ପିଡୀତଙ୍କୁ ଡାକ୍ତରଖାନା ନେବା ବଦଳରେ ମେଡିସିନ ଷ୍ଟୋରର ମଲମ କିଣ ଲେପ ଦିଆଯାଇଛି। ଏଭଳି ଘଟଣା ଜିଲ୍ଲାର ଏସସି/ଏସଟି ବିଦ୍ୟାଳୟରେ ବହୁବାର ଘଟିଛି, ଗତ ସେପ୍ଟେମ୍ବର ମାସରେ ଚନ୍ଦାହାଣ୍ଡି ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ଗିତାଞ୍ଜଳୀ ମାଝୀ, କରଚାମାଳ ସେବାଶ୍ରମରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ନିଳାଦ୍ରୀ ମାଝୀ, ତୁରୁଡିହି ଆଶ୍ରମରେ ୭ମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ୍ଡ, ସୁନାବେଡା ଆଶ୍ରମରେ ପ୍ରଥମ ଶ୍ରେଣୀ ଛାତ୍ର ତରୁଣ ଗଣ୍ଡ, ସାନ ବାସିନୀ, ବଡ ବାସିନୀ ସେବାଶ୍ରମରେ ୪ର୍ଥ ଶ୍ରେଣୀରେ ପଢୁଥିବା ପ୍ରିତୀ ସମରଥ ସାମାନ୍ୟ ରୋଗରେ ଉପଯୁକ୍ତ ସମୟରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ବରଣ କରିଛନ୍ତି। ଏହି ମୃତ୍ୟୁ ସରକାରୀ କୃତ। ଜିଲ୍ଲାପାଳ, ଡିଡବ୍ଲୁଓ, ଡିଇଓ, ବିଧାୟକ, ମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଟେଣ୍ଡର ବେପାର ଓ ନାଚ ଗୀତରେ ମସଗୁଲ। ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଚିନ୍ତା ସେମାନଙ୍କର ନାହିଁ। ଡିଡବ୍ଲୁଓ ଦୁର୍ନୀତି ଗ୍ରସ୍ତ ଅଧିକାରୀ ବୋଲି ବିଭିନ୍ନ ତଥ୍ୟ ପ୍ରମାଣ ସହ ଭିଜିଲାନ୍ସ ନିକଟରେ ଅଭିଯୋଗ ଦାଖଲ କରରାଯାଇଛି। ତଥାପି ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୁନ। ଏଭଳି ଅନୁକମ୍ପା ପଛରେ ରହସ୍ୟ କଣ ରହିଛି ବୋଲି ପ୍ରଦୀପ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏସସି/ଏସଟି ମନ୍ତ୍ରୀ ଖୋଦ ନବରଙ୍ଗପୁର ଜିଲ୍ଲାର ହୋଇଥିବା ବେଳେ ସେ ଏଭଳି ଦୁର୍ନୀତି ଗ୍ରସ୍ତ ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀମାନଙ୍କୁ ପ୍ରଶୟ ଦେଇ ଚାଲିଛନ୍ତି। ଏଥବପାଇଁ କୋଦ ମନ୍ତ୍ରୀ ଶ୍ରୀ ଗଣ୍ଡ ଦାୟୀ ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି। ଧନେଶ୍ୱରର କୌଣସି ପ୍ରକାର କ୍ଷତି ହେଲେ ଜିଲ୍ଲା ବ୍ୟାପୀ ଆନ୍ଦଳନ କରାଯିବ ବୋଲି ପ୍ରଦିପ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ନଗର ସଭାପତି ପ୍ରମୋଦ ରଥ, ମିଟୁ ପାତ୍ର, କୁନା ପାଢି, ଉତ୍ତମ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବ୍ଲକରେ ଆଳୁ ବିହନ ବଣ୍ଟନ

**ବୁଗୁଡ଼ା,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଉଦ୍ୟାନ କୃଷି ବିଭାଗ ତରଫରୁ ଆଳୁ ଚାଷ ନିମନ୍ତେ ଆଳୁ ବିହନ ବଣ୍ଟନ ଆରମ୍ଭ ହୋଇଛି। ବୁଗୁଡ଼ା ଅଞ୍ଚଳରେ ମୋଟ ୪୧ ହେକ୍ଟର ଜମିରେ ଆଳୁ ଚାଷ ନିମନ୍ତେ ୬୧୫ କ୍ୱିଣ୍ଟାଲ ଆଳୁ ବିହନ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ୩୫୦ କ୍ୱିଣ୍ଟାଲ ଆଳୁ ବିହନ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି। ଏହି ଉନ୍ନତମାନର କୁଫ୍ରି ପୋଖରାଜ ଆଳୁ ବିହନକୁ ଚାଷୀମାନଙ୍କ ମଧ୍ୟରେ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଳୁକୁ ସବସିଡି ମାଧ୍ୟମରେ ବଣ୍ଟନ ହେଉଥିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ବୁଗୁଡ଼ା ଉଦ୍ୟାନ କୃଷି କାର୍ଯ୍ୟାଳୟର ସହକାରୀ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଏମ୍.ଦେବାଶିଷ ଦୋରା, ସହକାରୀ କୃଷି ଅଧିକାରୀ ହରପ୍ରିୟା ବେହେରା, ଉଦ୍ୟାନ କୃଷି ସଂପ୍ରସାରଣ କର୍ମୀ ରାଜେଶ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ସତ୍ୟବାଦୀ ପାଲାଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ

**ସାକ୍ଷୀଗୋପାଳ,୨୯।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀ ନୀଳାଚଳ ନିକ୍ଷିଳୋତ୍କଳ ପାଲାଗାୟକ ପରିଷଦର ଉପଶାଖା ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର ୮ମ ବାର୍ଷିକ ସମ୍ମିଳନୀ ଶ୍ରୀ ହରିସହଦେବ (ହରିଆବୁଢା) ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଖ୍ୟାତ ଗବେଷକ, ସାହିତ୍ୟିକ ତଥା ମଣ୍ଡଳର ଉପଦେଷ୍ଟା ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ମଞ୍ଚ ଉପରେ ଯଥାବିଧି ପୂଜନ କରାଯିବା ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ଅଧିବେଶନରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା,ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ ଓ ଗାୟକ ଜ୍ଞାନବାରିଧି ନିରଞ୍ଜନ ବାହିନୀପତି ଅତିଥି ଭାବେ ଯୋଗଦେଇଥିଲେ। ପରେ ମଣ୍ଡଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ମଣ୍ଡଳର ମୁଖ୍ୟ ଉପଦେଷ୍ଟା ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର, ରାଜ୍ୟ ପାଲାଗାୟକ ପରିଷଦ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାସ, ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ଗାୟକ ବିଦ୍ୟାବାରିଧି ନିରଞ୍ଜନ ବାହିନୀପତି, ରାଜ୍ୟ ପାଲାଗାୟକ ପରିଷଦର ମୁଖ୍ୟ ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଗାୟକ ବନମାଳୀ ମିଶ୍ର, ସୂର୍ଯ୍ୟ ନାରାୟଣ ରାଉତ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଜ୍ୟୋତର୍ବିଦ, ବାସ୍ତୁ ବିଶାରଦ ତଥା ସାହିତ୍ୟିକ ଦେବୀପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ସଂଯୋଜନା କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗୀତ, ଶିକ୍ଷା, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ବିଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବଳପୁର ଦେଶକୋଠ ଏହି ସମ୍ମିଳନୀ ପାଇଁ ବିଶେଷ ସହାୟତା ଯୋଗାଇଦେଇଥିଲେ। ମଣ୍ଡଳ ସଦସ୍ୟ ଗାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁକାନ୍ତ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଗାୟିକା ସୁଭଦ୍ରା ନାୟକଙ୍କ ସହ ସୁଧୀର ସ୍ୱାଇଁ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା, ନାରାୟଣ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।


**OFFICE OF THE NOTIFIED AREA COUNCIL, CHATRAPUR.**

Letter No. 3150 Date.26.11.2025

**"e" Procurement Notice**

**Tender Reference No. – CTP – NAC - 05/2025 - 26**

Bid documents consisting of work Estimated cost, Cost of Tender Paper EMD, Time of completion, Class of contractor and the set of term and conditions of contract and other necessary documents can be seen in Govt. website, i.e.www.tendersorissa.gov.in .

1. Name of the Work — Civil work mentioned in DTCN
2. No of Work — 2
3. Estimated cost — Rs 9.68 Lakhs to Rs 32.75 lakhhs
4. Date & time of availability Of bid document in the portal — From 11.00 am of 29.11.2025 to 7.12.2025 up to 4.00 pm
5. Last date / Time for receipt of Bids in the portal — 7.12.2025 up to 4.00 pm
6. Bids received online shall be Opened on — 8.12.2025 at 11.00 am

Further details can be seen from the e-procurement portal https://tendersorissa.gov.in

Executive office
NAC Chatrapur

# ଓଡ଼ିଶା ଏକ୍ସପ୍ରେସ୍



## ୩୭କେଜି ଗଂଜେଇ ଜବତ: ୫ ଗିରଫ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ଚୋରା ଗଂଜେଇ ଚାଲାଣ କରୁଥିବା ଅଭିଯୋଗରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ଟିମ୍ ଶନିବାର ୨ଟି ପୃଥକ ପୃଥକ ଘଟଣାରେ ଟାଙ୍ଗୀ ଥାନା ଅନ୍ତର୍ଗତ ଟାଙ୍ଗୀ ଟୋଲଗେଟ ଓ ମଙ୍ଗୁଳି ଛକ ଠାରେ ଚଢ଼ାଉ କରି ୫ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମର ଶିଶିର ଗହିର (୨୬) ଓ ବିବିସିପଡ଼ା ଗ୍ରାମର ଶେଷଦେବ ସାହୁ (୩୧) ଏବଂ ପଶ୍ଚିମବଂଗ ରାଜ୍ୟ ନଦିଆ ପୋଲିସ ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ସରସ୍ୱତୀ ରାୟ (୩୯), ସାଧନା ମଣ୍ଡଳ (୩୯) ଓ ଟୁକଟୁକି ମଣ୍ଡଳ (୩୫) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୩୭କେଜି ଗଂଜେଇ ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୩ଲକ୍ଷ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଧୀରେନ ବେହେରା ଓ ଅବନୀ ବହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ଚନ୍ଦ୍ର ରାଉତ ଏବଂ କନେଷ୍ଟବଳ ରଂଜନ ପାତ୍ର, କିଶନ ସବୁତ, ଅଶ୍ୱିନୀ ପରିଡ଼ା, ବିଶ୍ୱନାଥ ଭୋଇ, ପ୍ରକାଶ ଶତପଥି, ରଜନୀ ପଂଚଭାୟା ଓ ସୁମିତ୍ରା ସାମଲ ପ୍ରମୁଖ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ପୂର୍ବତଟ ରେଳପଥର ମହିଳା ଅବକାଶ ଶିବିର




ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବତଟ ରେଳପଥର କର୍ମଚାରୀ ଲାଭ ପାଣ୍ଠି ଅଧୀନରେ ଆୟୋଜିତ ମହିଳା ଛୁଟି ଶିବିର-୨୦୨୫କୁ ଆଜି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ମୁଖ୍ୟାଳୟରୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

ମୁଖ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୭୨ ଜଣ ମହିଳା କର୍ମଚାରୀ ଏହି ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି, ଯାହା ୩୦ ନଭେମ୍ବରରୁ ୨ ଡିସେମ୍ବର ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ମହିଳା କର୍ମଚାରୀଙ୍କ ମଧ୍ୟରେ ମନୋରଞ୍ଜନ, ସୁସ୍ଥତା ଏବଂ ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି ଶିବିରର ଉଦ୍ଦେଶ୍ୟ। ଏହି ଅବସରରେ ଉଦବୋଧନ ଦେଇ ମହାପ୍ରବନ୍ଧକ କର୍ମଚାରୀ କଲ୍ୟାଣ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ମହିଳା କର୍ମଚାରୀଙ୍କ କଲ୍ୟାଣ, ସଶକ୍ତିକରଣ ଏବଂ ସୁରକ୍ଷା ପ୍ରତି ପୂର୍ବତଟ ରେଳପଥର ଦୃଢ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ଛୁଟିଦିନ ଶିବିର, ତାଲିମ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ବିକାଶ କାର୍ଯ୍ୟକଳାପ ଭଳି କଲ୍ୟାଣମୂଳକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେ ମହିଳା କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଏଭଳି ସମୃଦ୍ଧ ସୁଯୋଗର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଗସ୍ତ ସମୟରେ, ଏହି ଦଳ କୋରାପୁଟ ଅଞ୍ଚଳର ମନୋରମ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳର ଅନ୍ୱେଷଣ କରିବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ଓଡ଼ିଶାର ଦେଓମାଳି ପାହାଡ଼, ଗୁପ୍ତେଶ୍ୱର ମନ୍ଦିର, ଡୁଡୁମା ଜଳପ୍ରପାତ।

## ପରବ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା

କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍



ଜାତୀୟ ସ୍ତରୀୟ କୋରାପୁଟିଆ ପରବ ୨୦୨୫ ଉପଲକ୍ଷେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଉଦ୍ଘାଟନ ହେଇଯାଇଛି। କୋରାପୁଟସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରବ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ କ୍ରୀଡା ବିଭାଗର ରିବନ କାଟି ନିଜେ ତୀରନ୍ଦାଜର କଳା ପ୍ରଦର୍ଶନ କରିଥିଲେ। ଶତାଧିକ କ୍ରୀଡ଼ାବିତ ବିଭିନ୍ନ ବ୍ଲକରୁ ଆସି ତୀରନ୍ଦାଜ, ଦୌଡ ଭଳି ଭିନ୍ନଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସ୍ୱର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଆୟୋଜନ କରିଥିଲେ।

## ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ



ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ଜଗତସିଂହପୁର ପୌରପରିଷଦ କାର୍ଯ୍ୟାଳୟ ସଭା ଗୃହରେ ୧୬ ଦିନ ବ୍ୟାପୀ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷର ଚତୁର୍ଥ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ ଓ ରାଧା କୃଷ୍ଣ କ୍ଲବ ମିଳିତ ଆୟୋଜନରେ ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା ଯୋଗଦେଇ ଲିଙ୍ଗ ଭିତ୍ତିକ ହିଂସା ଦୂରେଇ ଦେବା ପାଇଁ ପ୍ରଥମେ ପୁରୁଷମାନଙ୍କୁ ଶିକ୍ଷା ଦେବା ସହ ପରିବାରରେ ପୁଅ-ଝିଅ ମଧ୍ୟରେ ଅନ୍ତର କରିବା ଉଚିତ୍ ନୁହେଁ ବୋଲି ଦର୍ଶାଇଥିଲେ। ମହିଳାଙ୍କ ମଧ୍ୟରେ ଯେତେ ସଚେତନତା କଲେ ମଧ୍ୟ ପୁରୁଷଙ୍କ ମଧ୍ୟରେ ସଚେତନତା ହେଲେ ଲିଙ୍ଗ ଭିତ୍ତିକ ହିଂସା ଶେଷ ହୋଇ ପାରିବ ଏବଂ ମହିଳା ଓ ଝିଅମାନେ ମୋବାଇଲର ଦୁରୁପଯୋଗରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇ ଥିଲେ। ସଭାପତି ଶ୍ରୀମତୀ ଅର୍ଚ୍ଚନା ସିଂ ତାଙ୍କ ଅଭିଭାଷଣରେ ମହିଳାମାନେ ମହିଳାଙ୍କ ଉପରେ ହିଂସା ନକରି ଲିଙ୍ଗ ଗତ ଭେଦ ଭାବକୁ ପରିବାର ମଧ୍ୟରେ ଦୂରେଇ ରଖିବା, ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନକରିବା, ନିଜ ପାଇଁ ନିଜେ ଲଢ଼ିବା ଓ 'ମୁଁ ନୁହେଁ ଆମେ' ସମସ୍ତଙ୍କୁ ନେଇ ମିଳି ମିଶି ଚଳିବା ଇତ୍ୟାଦି ବିଭିନ୍ନ ଉଦାହରଣ ମାଧ୍ୟମରେ ଲିଙ୍ଗ ଗତ ହିଂସା ଦୂରେଇ ଦେଇ ସମାନତା ପାଇଁ କାର୍ଯ୍ୟ କରିବାକୁ କହିଥିଲେ ।

ଅନ୍ୟତମ ଅତିଥି ଭାବେ ବିରିଷ୍ଟ ଆଡଭୋକେଟ ସାରଦା ପ୍ରସାଦ ଦାସ ଯୋଗ ଦେଇ ପାରିବାରିକ ହିଂସା ଆଇନ, ଯୌତୁକ ଆଇନ ଓ କର୍ମକ୍ଷେତ୍ରରେ ଯୌନ ଶୋଷଣ ଆଇନ ସମ୍ବଧରେ ବିଶେଷ ଭାବେ ବର୍ଣ୍ଣନା କରି ମହିଳା ମାନେ ସମସ୍ତ ପ୍ରକାର ହିଂସାକୁ ବିରୋଧ କରିବାକୁ କହିଥିଲେ। ପୌର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଉକ୍ତ ସଭାରେ ଅତିଥି ଭାବେ ଯୋଗଦେଇ ସରକାରୀ ସ୍ତରରେ ମହିଳାଙ୍କ ପାଇଁ ଥିବା ବିଭିନ୍ନ ଯୋଜନାର ଲାଭ ନେବାକୁ ଓ ସମ୍ମିଳିତ ହିଂସାକୁ ବିରୋଧ କରିବାକୁ ଉପଦେଶ ଦେଇଥିଲେ ।

ରାଧାକୃଷ୍ଣ କ୍ଲବର ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ମଲ୍ଲ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଅଧିକାରୀ ରାଜୀବ ଲୋଚନ ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାଉନସିଲର ଶ୍ରୀମତୀ କ୍ରିଷ୍ଣା ଦେଇ, ସକ୍ଷୀ ୱାନ ଷ୍ଟପ ସେଣ୍ଟରର ପ୍ରଶାଶିକା ମେନକା ସିଂ ନିଜର ବକ୍ତବ୍ୟ ରଖି 'ହିଂସା ନୁହେଁ ଶାନ୍ତି ଚାହୁଁ ' ବୋଲି କହିଥିଲେ। ଶେଷରେ ରାଧାକୃଷ୍ଣ କ୍ଲବ ତରଫରୁ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜାଭେଦ ଅଖତରଙ୍କ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯଦିଓ ବୈଷୟିକ ଜ୍ଞାନ କୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନସ୍ଥାପନ କରିପାରିବ ନାହିଁ।

ବର୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି ତେବେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ୨-ଦିନିଆ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନ ଅବସରରେ କହିଛନ୍ତି।

ସମାରୋହରେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମଭୂଷଣ ଜାଭେଦ ଅଖତର ଯୋଗ ଦେଇଥିବା ବେଳେ ତାଙ୍କୁ ଏହି ଅବସରରେ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଖତରଙ୍କୁ ଏକ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟ ମୂର୍ତ୍ତୀ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା, ସର୍ଜନଶୀଳତା ଏବଂ ବୌଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରତି ବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ।

ତୃତୀୟ ସୋଆ ସାହିତ୍ୟ ଉତ୍ସବ ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହି ଉତ୍ସବରେ ସାରା ଦେଶରୁ ୧୦୦ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇ ଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏବଂ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର




ଏବଂ କ୍ୟୁରେଟର ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟପାଳ ଡକ୍ଟର କମ୍ଭମପତି ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରିବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇବା ସହ ଜଣେ କବି, ସଂଳାପ ଲେଖକ ଓ ଗୀତିକାର ଭାବେ ଦୀର୍ଘ ୫ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ତାଙ୍କର ଉଲ୍ଲେଖନୀୟ ଅବଦାନ ଭାରତର ସାଂସ୍କୃତିକ ଦୃଶ୍ୟପଟକୁ ସମୃଦ୍ଧ କରିଛି ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। ସେ ଭାରତୀୟ ସାହିତ୍ୟ ଏବଂ ସିନେମାରେ ମଣିଷର ଆବେଗର ଭାଷାକୁ ବେଶ ସୁନ୍ଦର ଭାବେ ପ୍ରସ୍ଫୁଟିତ କରିଥିବା ରାଜ୍ୟପାଳ କହିଥିଲେ। ପ୍ରଥମ ବର୍ଷ ଅଖତରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଏହା ପୁରସ୍କାରର ମାନକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ କହିଛନ୍ତି। ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳାକୁ ମହାନ ସଂସାଧନ ବୋଲି ଅଭିହିତ କରି ଅଖତର କହିଥିଲେ ଯେ ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା ସେତେବେଳେ ଦେଶର ଗୋଟିଏ ଛୁଂଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନ ଥିଲା। କିନ୍ତୁ ବର୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର। କିନ୍ତୁ ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡି ଦେଇ ଆସିଛୁ। ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହିତ ସବୁକିଛି ସାଂଗରେ ନେଇ ଚାଲି ପାରିବୁ ନାହିଁ। ଏହା ମଧ୍ୟରୁ ଆମ ସଂସ୍କୃତି ଅନ୍ୟତମ ବୋଲି ସେ କହିଥିଲେ। ଏହି ଅବସରରେ ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ'ର ଦୁଇଟି ସଭାପର୍ବ ଏବଂ ମଧ୍ୟପର୍ବ ଉନ୍ମୋଚିତ ହୋଇଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କୁ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ବେଳେ ସୋଆର ଫ୍ୟାକଲ୍ଟି ମେମ୍ବର୍ସ ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତର ଦେଇଥିଲେ। ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଅର୍ଥାତ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତର ଦେଇ ଅଖତର କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ। ଏହାକୁ ଆମେ କିଭଳି ବ୍ୟବହାର କରୁଛୁ ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ।

ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇ ପାରିବ ନାହିଁ ବୋଲି ଅଖତର କହିଛନ୍ତି। ବର୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ ତାହା ଆମେ ବର୍ତମାନ କହିପାରିବା ନାହିଁ। କିନ୍ତୁ ବର୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

## ୨ ଘଣ୍ଟା ବିଳମ୍ବରେ ଖୋଲିଲା ନୂଆ ପିତାପଡା ସ୍କୁଲ

ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍



ନିଆଳି ଶିକ୍ଷା ବିଭାଗ ସତେ ଯେମିତି ମୁରବି ଶୂନ୍ୟ। ଯାହାଫଳରେ ସରକାରୀ ନିୟମକୁ ଖୋଲା ଖୋଲି ଉଲଂଘନ କରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀମାନେ। ଏଭଳି ଘଟଣା ନିତିଦିନିଆ ହୋଇଯାଇଥିଲେ ମଧ ଶନିବାର ଦିନ କୃଷ୍ଣପ୍ରସାଦ ପଂଚାୟତ ପିତାପଡା ଗ୍ରାମରେ ସରକାରୀ ଉପ ବିଦ୍ୟାଳୟ ନୂଆ ପିତାପଡାରେ ଦେଖିବାକୁ ମିଳିଥିଲା ଅଭାବନୀୟ ଦୃଶ୍ୟ। ଉକ୍ତ ବିଦ୍ୟାଳୟ ରେ ଶନିବାର ଥିବାରୁ ୬. ୩୦ ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀ ଆସିବା ବଦଳରେ ୮ଟାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଂଚି ଗେଟ ଖୋଲିଥିଲେ। ଏହାପରେ ଅନ୍ୟ ଶିକ୍ଷକମାନେ ଜଣକ ପରେ ଜଣେ ବିଦ୍ୟାଳୟକୁ ପ୍ରବେଶ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ବେହେରାଙ୍କୁ ପଚାରିବାରୁ ଚାବି ହଜି ଯାଇଥିଲା ଖୋଜିକି ଆଣିବାକୁ ବିଳମ୍ବ ହେଲା ବୋଲି କହିଥିବା ବେଳେ ଅନ୍ୟ ଶିକ୍ଷକମାନେ କେହି ବି ମୁହଁ ଖୋଲିନଥିଲେ। ଉକ୍ତ ବିଦ୍ୟାଳୟରେ ସେହି ଗ୍ରାମର ଜଣେ ଶିକ୍ଷୟିତ୍ରୀ ରହିଥିବା ବେଳେ ସେ ମଧ ଦିନ ୮ ବେଳେ ବିଦ୍ୟାଳୟକୁ ଆସିଥିଲେ। ସୂଚନା ଥାଉକି ରାଜ୍ୟ ସରକାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାସକୁ ହଜାର ହଜାର ଟଙ୍କା ଦରମା ଦେଉଥିବା ବେଳେ ଠିକ ସମୟରେ କାହିଁକି ବିଦ୍ୟାଳୟକୁ ଶିକ୍ଷକ ଶିକ୍ଷୟିତ୍ରୀ ଆସୁନାହାନ୍ତି। ଏମାନଙ୍କୁ ତଦାରଖ କରିବା ନିମନ୍ତେ ସିଆରସି ନିଯୁକ୍ତି ହୋଇଥିବା ବେଳେ ତଦାରଖ କରିବା ତ ଦୂରର କଥା ସିଆରସିମାନେ ବହୁ ସମୟ ଧରି ସ୍କୁଲ ସମୟରେ ନିଆଳି ବଜାରରେ ବସି ସମୟ ବିତାଉଛନ୍ତି। ଯାହାଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ମନ ଇଚ୍ଛାରେ ବିଦ୍ୟାଳୟକୁ ଆସୁଛନ୍ତି। ଏ ନେଇ ନିଆଳି ବିଇଓ କୁମର ବର ସାମଲଙ୍କୁ ପଚାରିବାରୁ, ବିଦ୍ୟାଳୟ ଛୁଟି ନାହିଁ, କାହିଁକି ବିଦ୍ୟାଳୟ ଗେଟ ଖୋଲା ଯାଇନାହିଁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ

ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟିରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା ବୈଠକ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀମତୀ କସ୍ତୁରୀ ବାଳା ଜେନା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ସମୁଚିତା ମଲ୍ଲିକ ମଞ୍ଚାସୀନ ଥିବା ବେଳେ ଇପିକଲ ବୃହତ୍ ବୃତ୍ତିଗତ ସେବା ସଂସ୍ଥା, ସହଯୋଗୀ ସମୀର ଦାସ, ଏସ କେ ବେହେରା, ପରିଚାଳକ ତେଜସ କୁଲକର୍ଣ୍ଣ, ପରିଚାଳିକା, ସିକିଲ ମିଶ୍ର, ଟିମ୍ ଲିଡର, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ସଂସ୍ଥା ଜୟ ପ୍ରକାଶ ସ୍ୱାଇଁ, ଆଇ.ପି. ଇ, ଓମ୍ ପ୍ରକାଶ ଶତପଥୀ, ଏ ପି ଇ, ଲୋକନାଥ ବିଶ୍ୱାଳ ଯୋଗଦେଇଥିଲେ। ବିଶୟ ବିଶେଷଜ୍ଞ ତେଜସ୍ କୁଲକର୍ଣୀ ଓ ସିକିଲ୍ ମିଶ୍ର ସରକାରଙ୍କ ୪୬ଟି ବିଭାଗର ବିଭିନ୍ନ ଯୋଜନାରେ ଜନସାଧାରଣମାନେ ଏକକ କୌଶଳ ସିଙ୍ଗିଲ ଉଇଣ୍ଡୋ ଗୋସ୍ୱିଫ୍ଟ ଅନଲାଇନ୍ ମାଧ୍ୟମରେ କିପରି ଉପକୃତ ହେବେ ସେ ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ବୈଠକରେ ଯୋଗ ଦେଇଥିବା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବାସହ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ।

ଜିଲ୍ଲାପାଳ କହିଲେ ଜିଲ୍ଲା ସ୍ତରରେ ଯେଉଁ ମାନେ ବ୍ୟବସାୟ କରିବା ନିମନ୍ତେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁ ଛନ୍ତି ସେମାନଙ୍କୁ ଇପିକଲ୍, ପି ଡବ୍ଲୁ ସି ତରଫରୁ ସୁବିଧା ଓ ସହଜ, ଡି ପି ଆର ପ୍ରସ୍ତୁତ କରିବା ଏବଂ ଜନସାଧାରଣମାନଙ୍କୁ ବ୍ୟାପକ ସଚେତନତା କରାଇବା, ବାଣିଜ୍ୟିକ ପ୍ରତିଷ୍ଠାନ ନିମନ୍ତେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସାଧନ ସୁବିଧା ସମସ୍ତ ତଥ୍ୟ ବିଭାଗ ଅନୁଯାୟୀ ଗୋସ୍ୱିଫ୍ଟରେ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଜନିତ ପ୍ରତ୍ୟେକ ବିଭାଗ ହିତାଧିକାରୀମାନଙ୍କୁ ସଠିକ୍ ସମୟରେ ସ୍ୱଛତା ବଜାୟ ରଖି ଯୋଜନାର ସୁଫଳ ପାଇ ପାରିବେ ବୋଲି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜିଲ୍ଲା ନୋଡାଲ ଅଧିକାରୀ ସମୁଚିତା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ରଶ୍ମିତା ଦାସ, ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଅବକାରୀ ଅଧିକ୍ଷକ ଭୁବନେଶ୍ୱର, ଦେବାଶିଷ ପଟେଲ, ଜିଲ୍ଲା ପଂଚାୟତ ଅଧିକାରୀ ଶୁଭେନ୍ଦୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଅଶୋକ କୁମାର ବେହେରା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ବାଙ୍କୀ ବିଜେପି ବିଧାୟକ ପାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଶତାଧିକ ଲୋକ ବିଜେପି କାର୍ଯ୍ୟାଳୟ ଠାରୁ ବାହାରି ବିରାଟ ଶୋଭାଯାତ୍ରାରେ ବାଙ୍କୀ ବଜାର ତ୍ରିରଙ୍ଗା ପତାକାକୁ ପ୍ରଦର୍ଶନ କରି ଟାଉନକ୍ଲବ ଠାରେ ପଂହଚିବା ପରେ ଏକ ସଭାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସଂପାଦକ ସାରଦା ଶତପଥୀ, ମୁଖ୍ୟବକ୍ତା ଭାବେ ଆତ୍ମନିର୍ଭରଶୀଳ ଭାରତର କାର୍ଯ୍ୟକର୍ତ୍ତା ସୁନୀଲ୍ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଡମପଡ଼ା ବ୍ଲକ ସାଂସଦ ପ୍ରତିନିଧି ସରୋଜ ମତଗଜ ସିଂହ, ବାଙ୍କୀ ବ୍ଲକ ସାଂସଦ ପ୍ରତିନିଧି ଜୟନ୍ତ ବେଉରା, ଏନ୍.ଏ.ସି ପ୍ରତିନିଧି ସରୋଜ ସାମନ୍ତରା, ବାରଙ୍ଗ ବ୍ଲକ ପ୍ରତିନିଧି ଭୂପତି ଭୂଷଣ ପାଣି, ବାଙ୍କୀ ବିଧାନ ସଭା ସଂଯୋଜକ ଜଗନ୍ନାଥ ପରିଡ଼ା, ବିଶିଷ୍ଟ ସମାଜସେବୀ ସୁରେନ୍ଦ୍ର ତ୍ରିପାଠୀ, ପୂର୍ବତନ ବ୍ଲକ ଅଧକ୍ଷ କାହ୍ନୁଚରଣ ସିଂହ, କଳାପଥର ମଣ୍ଡଳ ସଭାପତି ମନୋରଞ୍ଜନ ମହାପାତ୍ର, ବ୍ରହ୍ମପୁରା ମଣ୍ଡଳ ସଭାପତି ବିଜୟ କୁମାର ବରାଡ, ସୁବର୍ଣ୍ଣପୁର ମଣ୍ଡଳ ସଭାପତି ଶ୍ରୀରାମଚନ୍ଦ୍ର ରାଉତ, ଅନ୍ତର୍ଯ୍ୟାମୀ ମହାପାତ୍ର, ସୁନୀଲ୍ କୁମାର ସ୍ୱାଇଁ ପ୍ରମୁଖ ଯୋଗଦାନ କରି ସ୍ୱଦେଶୀ ଜନିଷ ବ୍ୟବହାର କରିବା ସହ ଦୋକାନୀମାନେ ସ୍ୱଦେଶୀ ତିଆରି ଜନିଷଗୁଡିକ ବିକ୍ରୟ କରିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ବିଜେପିର ବହୁକର୍ମୀ ଓ ମହିଳାମାନେ ଏଥିରେ ଯୋଗଦାନ କରିଥିଲେ।ଏ ସମସ୍ତ କାର୍ଯ୍ୟକ୍ରମକୁ ନଗରମଣ୍ଡଳ ସଭାପତି ସଂଜୟ କୁମାର ରଣା ସଂଚାଳନ କରିଥିଲେ।

## ଭିଜିଲାନ୍ସ ହାତରେ ଏନଏସି ଅଧିକାରୀ



ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

ପୁରୀ ଜିଲ୍ଲା ନିମାପଡ଼ା ଏନ୍‌ଏସି ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସୂଚନା ଅନୁଯାୟୀ ଗଡଟୋରିହଁ ଅଞ୍ଚଳ ନିବାସୀ ରଘୁନାଥ ଦାଶ ନାମକ ବ୍ୟକ୍ତିଙ୍କଠାରୁ ନୂତନ ଗୃହ ନିମନ୍ତେ ଡିଜାଇନ୍ ଓ ପ୍ଲାନ୍ ଆପ୍ରୁଭ ନିମନ୍ତେ ୧୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିବା ଜଣାପଡିଛି। ରଘୁନାଥ ଦୀର୍ଘଦିନ ହେବ ଭୁବନିପୁର ସ୍ଥିତ କଲେଜ ରୋଡରେ ନୂତନ ଘର ନିର୍ମାଣ ନିମନ୍ତେ ଡିଜାଇନ୍ ଓ ପ୍ଲାନ୍ ଆପ୍ରୁଭ ପାଇଁ ସମସ୍ତ କାଗଜ ପତ୍ର ଦାଖଲ କରିଥିଲେ ମଧ୍ୟ ତାଙ୍କୁ ଆପ୍ରୁଭ ମିଳିନଥିଲା। ଉକ୍ତ ପ୍ଲାନ ଆପ୍ରୁଭାଲ ପାଇଁ ବିଜୟ ତାଙ୍କୁ ମୋଟା ଅଙ୍କର ଅର୍ଥ ଦାବିକରି ଆସୁଥିଲେ। ଦୁଇଟି ପର୍ଯ୍ୟାୟରେ ବିଜୟ ରଘୁନାଥଙ୍କ ଠାରୁ ୩ହଜାର ଏବଂ ୧୦ହଜାର ଟଙ୍କା ନେଇ ସାରିଥିବା ବେଳେ ଆଜି ୧୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସର ୮ ଜଣିଆ ଟିମ୍ ତାଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଟିମ୍ ବିଜୟଙ୍କ ଅଫିସ ସମେତ ନିମାପଡ଼ାସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ବିଜୟ ଗିରଫ ହେବାପରେ ଭିଜିଲାନ୍ସ ଟିମ୍ ଗଣମାଧ୍ୟମକୁ କିଛି ତଥ୍ୟ ଦେବାକୁ ମନା କରିଥିବା ବେଳେ ଏନଏସି ଅଫିସ ସମ୍ମୁଖରେ ସାମାନ୍ୟ ଉତ୍ତେଜନା ଦେଖାଯାଇଥିଲା। ବିଜୟ ଗ୍ରହାଚାର୍ଯ୍ୟଙ୍କ ବିରୁଦ୍ଧରେ ଭିଜିଲାନ୍ସ ପିଏସ କେସ ନଂ ୨୬/୨୦୨୫ରେ ମାମଲା ରୁଜୁ କରିଥିବା ଜଣାପଡିଛି। ଏ ସମ୍ବନ୍ଧରେ ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କିଛି ଜାଣିନାହାନ୍ତି ବୋଲି କହିଛନ୍ତି।

## ହ୍ୟୁମାନଙ୍କ ମ୍ୟାନେଜରର ବଢ଼ିଲା ଅଡୁଆ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ହ୍ୟୁମାନଙ୍କ ମ୍ୟାନେଜରଙ୍କ ନାଁରେ ପୁଣି ଏତଲା । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ୧୦ଦିନରୁ ଅଧିକ ସମୟ ବିତିଯାଇଛି । ଘଟଣାକୁ ନେଇ ବିଭିନ୍ନ ଦିଗରୁ ପ୍ରଶ୍ନ ଉଠୁଥିବା ବେଳେ ମ୍ୟାନେଜର ଦିନେଶଙ୍କ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି । ହ୍ୟୁମାନଙ୍କ ମ୍ୟାନେଜର ଦିନେଶ ବେହେରାଙ୍କ ନାଁରେ ପୁଣି ଏକ ଏତଲା ଦିଆଯାଇଥିବା ସୂଚନା ମିଳିଛି । ଦିନେଶଙ୍କ ବିରୁଦ୍ଧରେ କଟକ ମହିଳା ଥାନାରେ ଏତଲା ଦିଆଯାଇଛି । ହ୍ୟୁମାନଙ୍କ ମାଙ୍କୁ ଗାଳି ଗୁଲଜ କରିଥିବା ଘଟଣାରେ ଦିନେଶଙ୍କ ବିରୋଧରେ କଟକ ସାମାଜିକ ସଂଗଠନ ପକ୍ଷରୁ ଅଭିଯୋଗ ଅଣାଯାଇଛି । ଦିନେଶଙ୍କ ବିରୁଦ୍ଧରେ ଅଭିଯୋଗ ଆଣିବା ସହ ହ୍ୟୁମାନଙ୍କ ମୃତ୍ୟୁ ଘଟଣାର ସଂଘ ପକ୍ଷରୁ ତଦନ୍ତ ଦାବି କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ଦିନେଶଙ୍କ ବିରୋଧରେ ବଲାଙ୍ଗୀର ଟାଉନ, ଟିଟିଲାଗଡ଼ ଓ ଯାଜପୁର ଥାନାରେ ସମାନ ପ୍ରସଙ୍ଗରେ ଅଭିଯୋଗ ହୋଇସାରିଛି ।

## ଏକାଠି ବସି ରାମାୟଣ ଦେଖିଲେ ଲୋକେ

ବ୍ୟାସନଗର:ଏକ୍ସପ୍ରେସ୍ ନ୍ୟୁଜ୍

ଘରେ ଘରେ ଟିଭି। କିନ୍ତୁ ସମୟ ଥିଲା ଯେତେ ବେଳେ କାଁ ଭାଁ କାହା ଘରେ ଟିଭି ଥିଲା, ସକାଳୁ ହେଉ କି ସଂଜ ବିଭିନ୍ନ ସିରିଏଲ ଦେଖିବାକୁ ଟିଭି ଆଗରେ ଭିଡ ଜମୁଥିଲା ପାଖପଡିଶାଙ୍କ। ବିଶେଷ କରି ରାମାୟଣ ହେଉ କି ମହ ଭାରତ ଦେଖିବାକୁ ମହିଳାଙ୍କଠାରୁ ଆରମ୍ଭ କରି ପୁରୁଷଙ୍କ ଭିଡ ଟିଭି ଆଗରେ ଜମୁଥିଲା। କିନ୍ତୁ ସମୟ ବଦଳିବା ଗଲା। ସେ ଗରୀବ ହେଉ କି ଧନୀ ଏମିତି କେହି ନାହିଁ କାହା ଘରେ ଟିଭି ନାହିଁ। ସେଥିପାଇଁ ପୂର୍ବପରି କେହି କାହା ଘରକୁ ସିରିଏଲ ହେଉ କି ନ୍ୟୁଜ ଦେଖିବାକୁ ଯାଉନାହାନ୍ତି। ହେଲେ ଏକାଠି ବସି ରାମାୟଣ କି ମହାଭାରତ ଦେଖିବାର ମଜା ଯିଏ ଜାଣିଛି, ସେମାନେ ଗୋଟିଏ ସ୍ଥାନରେ ବସି ଟିଭି ହେଉ କି ପରଦାରେ ରାମାୟଣ ଏବଂ ମହାଭାରତ ଦେଖିବାକୁ ପଛାଉ ନାହାନ୍ତି। ଏଭଳି ଦୃଶ୍ୟ କୋରେଇ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଂଚାୟତ ତରାପୁର ହାଟରେ ଦେଖିବାକୁ ମିଳିଛି। ତରାପୁର, ଯୋଉଠି ସପ୍ତାହକରେ ହାଟ ବସେ। ତରାପୁର ଏକ ଛୋଟକାଟିଆ ବଜାର କହିଲେ ଚଳେ। ଲକ୍ଷ୍ମୀନଗର ପଂଚାୟତ ସହ ପହଗାଁ ପଂଚାୟତ ଲୋକଙ୍କ ବସାଉଠା ହୁଏ। ସକାଳୁ ସଂଜ ପର୍ଯ୍ୟନ୍ତ ଲୋକଙ୍କ ଚଳପ୍ରଚଳ ଲାଗିରହିଥାଏ। ହାଟ ପାଇଁ ନିର୍ମିତ ଘରେ ଲାଗେ ପରଦା। ଯେଉଁ ପରଦାରେ ଚାଲେ ରାମାୟଣ, ମହାଭାରତ ବା ଅନ୍ୟାନ୍ୟ କିଛି ସିରିଏଲ। ବୁଢ଼ାଠାରୁ ଟୋକା ପର୍ଯ୍ୟନ୍ତ ତଳେ ଚକା ମାରି ବସି ତାହା ଦେଖିଥାନ୍ତି ଆଉ ସରିଲା ପରେ ଘରକୁ ଫେରିଥାନ୍ତି। ଏକାଧିକ ଲୋକ ଏକାଠି ବସି ରାମାୟଣ ଦେଖିବା ଗୋଟିଏ କଥା ସ୍ପଷ୍ଟ କରିଛି, ଘରେ ବସି ଦେଖିବା ଠାରୁ ମେଳରେ ବସି ଦେଖିବାର ମଜା ନିଆରା।

## ତ୍ରିଭାଷୀ ଗଣମାଧ୍ୟମ ପଦକୋଷ ବିଶେଷଜ୍ଞ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଗୁରୁତ୍ୱ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍



ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବୈଜ୍ଞାନିକ ଓ ବୈଷୟିକ ପଦାବଳୀ ଆୟୋଗ (କମିଶନ୍ ଫର୍ ସାଇଣ୍ଟିଫିକ୍ ଏଣ୍ଡ୍ ଟେକ୍ନିକାଲ୍ ଟର୍ମିନୋଲୋଜି) ପକ୍ଷରୁ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ତ୍ରିଭାଷୀ ମୌଳିକ ପଦକୋଷ (ଇଂରାଜୀ-ହିନ୍ଦୀ-ଓଡ଼ିଆ) ପ୍ରସ୍ତୁତି ନିମନ୍ତେ ଏକ ଅଭିନବ ଉଦ୍ୟମ ହାତକୁ ନିଆଯାଇଛି। ତଦନୁଯାୟୀ, ଛାପା, ବୈଦ୍ୟୁତିକ ଓ ଡିଜିଟାଲ୍ ଗଣମାଧ୍ୟମରେ ବ୍ୟବହାର ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ବିଶେଷ କରି ଯେଉଁ ଶବ୍ଦଗୁଡ଼ିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି, ସେଥିରେ ସାମଞ୍ଜସ୍ୟ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଏହା କରାଯାଉଛି। ୨୦୨୩ ମସିହାରେ ଏଥିପାଇଁ ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ସେଥିପାଇଁ ଏକ ଦଶଜଣିଆ ବିଶେଷଜ୍ଞ କମିଟି ଚୟନ କରାଯାଇଛି। ଉକ୍ତ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ ସ୍ଥାନ ପାଇଛନ୍ତି। ସେଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧକ୍ଷା ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରାଧ୍ୟାପକ ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବିଶେଷଜ୍ଞ କମିଟିରେ ସ୍ଥାନ ପାଇଥିବା ଦଶଜଣ ବିଷୟ ବିଶେଷଜ୍ଞ ହେଲେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋର ଉପନିର୍ଦ୍ଦେଶକ ବିରାଜ ଭୂଷଣ ମହାନ୍ତି, କିଟ୍ ସ୍କୁଲ୍ ଅଫ୍ ମାସ୍ କମ୍ୟୁନିକେସନ୍ ସହକାରୀ ପ୍ରାଧ୍ୟାପକ ଡ. ପ୍ରଦ୍ୟୁମ୍ନ ସାଥୁଆ, କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ଯୋଗାଯୋଗ ପ୍ରବନ୍ଧକ ହିତାଂଶୁ ଶେଖର ମହାନ୍ତ, ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ ଡ. ଗୋପାଳକୃଷ୍ଣ ଦାଶ, ସହକାରୀ ପ୍ରାଧ୍ୟାପକ ଡ. ରୁଦ୍ରନାରାୟଣ ମହାପାତ୍ର, ପୂର୍ବତନ ସଂସ୍କୃତ ପ୍ରାଧ୍ୟାପକ ରଘୁନାଥ ପଣ୍ଡା, ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜର ସାମ୍ବାଦିକତା ଓ ଗଣ ଯୋଗାଯୋଗ ସହକାରୀ ପ୍ରାଧ୍ୟାପକ ଡ. ହରିକ୍ରିଷ୍ଣ ବେହେରା, ମନୋରଞ୍ଜନ ପଣ୍ଡା, ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଅନ୍ତର୍ଗତ ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେସନ୍ ସହକାରୀ ପ୍ରାଧ୍ୟାପକ ଡ. ଜ୍ଞାନରଞ୍ଜନ ମିଶ୍ର ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସମ୍ବିତ ମିଶ୍ର। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଏବଂ ପ୍ରକାଶନ ବ୍ୟୁରୋର ଉପନିର୍ଦ୍ଦେଶକ ବିରାଜ ଭୂଷଣ ମହାନ୍ତି ଏହାର ଆବାହକ ଅଛନ୍ତି।

## ଡକାୟତ ଗ୍ୟାଙ୍ଗର ଫେରାର ଅଭିଯୁକ୍ତ ଗିରଫ

ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ଗତ ଜୁଲାଇ ମାସରେ ଏକ ଡକାୟତି ଗ୍ୟାଙ୍ଗ ଉପରେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ତେଲେଙ୍ଗା କଟୁରୀ, ଭୁଜାଲି, ଲୁହା ଛଡ଼ ଓ ଏକ ବାଇକ୍ ମଧ୍ୟ ଜବତ କରାଯାଇଥିଲା। ହେଲେ ଅନ୍ଧାରରେ ସୁଯୋଗ ପାଇ ଅନ୍ୟ ଜଣେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ ଶୁକ୍ରବାର ବାଲେଶ୍ୱର ଜିଲ୍ଲାର ଖନ୍ତାପଡା ଅଞ୍ଚଳରୁ ଚନ୍ଦନ ମଣ୍ଡଳ ନାମକ ସେହି ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।


ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CAD-2517

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪

ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: https://oshb.org

ବିଜ୍ଞାପନ

ପତ୍ର ସଂଖ୍ୟା: ୨୫୪ ତା: ୧୯.୧୧.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନା- ୰ ଲାଲମୋହନ ସିଂ, ପିତା- ୰ ବୁଦ୍ଧିରାମ ସିଂ, ସା/ପୋ- ମଙ୍ଗଳପୁର, ଥାନା- ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜ | ଗୃହ ନଂ- ଏଲ.ଆଇ.ଜି.- ୫୫, ବରମୁଣ୍ଡା (LIG-55), ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧. ସନ୍ଦିପ କୁମାର ସିଂ (ପୁତ୍ର) ୨. ଅର୍ଚ୍ଚନା ସିଂ (ବି. କନ୍ୟା) ୩. ଅଞ୍ଜନା ସିଂ(ବି.କନ୍ୟା) |

OIPR-13030/11/0923/2526

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ବେହୋସ୍ ବାପା




ଗୋଟିଏ ମଦ ଦୋକାନ ସଂଲଗ୍ନ ବାର୍‌ରେ ଦୁଇଜଣ ବ୍ୟକ୍ତି ବସି ମଦ ପିଉଥିଲେ। ଏ ଦୁଇଜଣଙ୍କ ଭିତରୁ ଜଣକର ହୋସ ନଥାଏ। ସେ ନିଶାଶକ୍ତ ଅବସ୍ଥାରେ ଆର ଜଣକୁ କହିଲା- ସାଙ୍ଗ, ତୋ ମା' ବହୁତ ସୁନ୍ଦର ଦେଖିବାକୁ। ମତେ ଭାରି ଭଲ ଲାଗେ ତାଙ୍କୁ ଦେଖିବାକୁ। ମୁଁ ତାଙ୍କ ପାଇଁ ମରିଯାଏ। ଏହି ବୟସରେ ବି ସେ ପୂରା ସିନେମା ହିରୋଇନ୍ ଭଳି ଦେଖାଯାଆନ୍ତି।

ଏହି ଲୋକର ବକ୍‌ବାସ୍ ଶୁଣିବା ପରେ ବାର୍‌ରେ ଅଖଣ୍ଡ ନିରବତା। ସେଠାରେ ଉପସ୍ଥିତ ଅନ୍ୟ ମଦ୍ୟପମାନେ ଭାବିଲେ ଏଇନେ କିଛି ଗୋଟେ ଅଘଟଣ ହେବ। ଏ ଟୋକା ଉଠି ନିଶ୍ଚିତ ଖୋବିବ ମଦୁଆ ସାଙ୍ଗକୁ। ହେଲେ ଲୋକଙ୍କ ଭାବନାକୁ ଭୁଲ ପ୍ରମାଣିତ କରି ଯୁବକ ଜଣକ କହିଲା- ବାପା, ଶୀଘ୍ର ଘରକୁ ଚାଲ। ତମେ ଏତେ ପିଇଲଣି ଯେ ତମର ଆଉ ହୋସ୍ ନାହିଁ।

# ୩୫ ହଜାର ଅଙ୍ଗନବାଡିରେ ଶୌଚାଳୟ ନାହିଁ

**ଭୁବନେଶ୍ୱର,୨୯।୧୧**
**ତଥ୍ୟ**

ରାଜ୍ୟର ୨୭ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନଥିବାବେଳେ ୩୫ ହଜାରରୁ ଅଧିକ କେନ୍ଦ୍ରରେ ଶୌଚାଳୟ ସୁବିଧା ନାହିଁ । ରାଜ୍ୟ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦେଇଥିବା ତଥ୍ୟରୁ ଏହି ସୂଚନା ମିଳିଛି ।

ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରଗୁଡିକ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ମୋଟ୍ ୭୪,୨୨୪ଟି ଅଙ୍ଗନବାଡି କେନ୍ଦ୍ର ରହିଥିବାବେଳେ ଏଥି ମଧ୍ୟରୁ ୫୪,୦୭୪ ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ସେହିଭଳି ୨୭,୦୫୧ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ୍ ସୁବିଧା ନଥିବାବେଳେ ୩୫,୦୫୯ଟି କେନ୍ଦ୍ରରେ ଶୌଚାଳୟ ସୁବିଧା ନାହିଁ।

ରାଜ୍ୟରେ ଥିବା ଏହିସବୁ ଅଙ୍ଗନବାଡି କେନ୍ଦ୍ରଗୁଡିକରେ ୬ମାସରୁ ୬ବର୍ଷ ବୟସର ୨୭,୧୧,୮୮୬ ଜଣ ଶିଶୁ ପଞ୍ଜିକୃତ ହେଉଛନ୍ତି । ଯେଉଁସବୁ ସ୍ଥାନରେ ଅଙ୍ଗନବାଡିର ନିଜସ୍ୱ ଘର ନାହିଁ ସେଠାରେ ନିକଟସ୍ଥ ବିଦ୍ୟାଳୟ ଘର କିମ୍ବା ଭଡାଘରେ ଏହି କେନ୍ଦ୍ରଗୁଡିକ କାର୍ଯ୍ୟ କରୁଛି । ତେବେ ଛୋଟ ଛୋଟ ପିଲା ଖେଳିବା ଓ ପାଠପଢା ଶିଖିବାପାଇଁ ଥିବା କେନ୍ଦ୍ର ମଧ୍ୟରୁ ଏତେସବୁ କେନ୍ଦ୍ରରେ ବିଦ୍ୟୁତ୍ ଓ ଶୌଚାଳୟ ସୁବିଧା ନଥିବା ଏବେ ପିଲାମାନଙ୍କର ପରିଷ୍କାର ପରିଚ୍ଛନ୍ନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୫୧୬୨ଟି ଅଙ୍ଗନବାଡି କେନ୍ଦ୍ର ରହିଥିବାବେଳେ ଏଠାରେ ୨ଲକ୍ଷ ୩୩ହଜାରରୁ ଅଧିକ ପିଲା ପଞ୍ଜିକୃତ ହୋଇଛନ୍ତି । ତେବେ ଜିଲ୍ଲାରେ ମାତ୍ର ୩୩୦୮ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ଥିବାବେଳେ ୩୮୬୯ଟି କେନ୍ଦ୍ରରେ ବିଦ୍ୟୁତ ସୁବିଧା ଓ ୩୯୬୭ଟି କେନ୍ଦ୍ରରେ ଶୌଚାଳୟ ସୁବିଧା ରହିଛି । ତେବେ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାନୀୟଜଳର ସୁବିଧା ରହିଛି ।

ରାଜ୍ୟ ରାଜଧାନୀ ଥିବା ଖୋରଧା ଜିଲ୍ଲାରେ ୨୨୫୪ଟି ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ଏଠାରେ ୧ଲକ୍ଷରୁ ଅଧିକ ପିଲା ପଞ୍ଜିକୃତ ହୋଇଛନ୍ତି । ତେବେ ଏଠାରେ ମାତ୍ର ୧୬୨୨ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ ୨୧୧୬ ଟି କେନ୍ଦ୍ରରେ ବିଜୁଳି ଓ ୧୭୪୫ଟି କେନ୍ଦ୍ରରେ ଶୌଚାଳୟ ସୁବିଧା ରହିଛି ।

କୁନି କୁନି ପିଲାମାନେ ଅଙ୍ଗନବାଡିରେ ଖେଳ କୁଦ ସହିତ ଖାଦ୍ୟ ଗ୍ରହଣ କରିଥାନ୍ତି । ଏଠାରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହେଉଥିବାବେଳେ ସେମାନଙ୍କୁ ଅଙ୍ଗନବାଡି ଦିଦି ଓ ସହାୟିକାମାନେ ମଧ୍ୟ ରହିଥାନ୍ତି। ତେବେ ବିନା ବିଜୁଳି ଓ ଶୌଚାଳୟରେ ଏହି ପିଲା ଓ ସେମାନଙ୍କ ତତ୍ତ୍ୱାବଧାରକମାନେ କିଭଳି ସମୟ କାଟୁଥିବେ ତାହା ସହଜରେ ଅନୁମେୟ। ତେଣୁ ନିଜସ୍ୱ ଘର ତିଆରି ସହିତ ବର୍ତ୍ତମାନ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ ସୁବିଧା କରିବାପାଇଁ ମତପ୍ରକାଶ ପାଉଛି।

## ଖୋଲିବ ଆଉ ୧୫ ପୋକ୍‌ସୋ ଅଦାଲତ

**ଭୁବନେଶ୍ୱର,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଖୋଲିବ ଆଉ ୧୫ ପୋକ୍‌ସୋ ଅଦାଲତ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝରରେ ଖୋଲିବାକୁ ଯୋଜନା କରାଯାଇଛି। ସେହିପରି ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ମଧ୍ୟ ପୋକ୍‌ସୋ ଅଦାଲତ ଖୋଲିବା ନେଇ ସୂଚନା ରହିଛି। ଏହା ସହ ଦେବଗଡ଼, ମାଲକାନଗିରି, ସୋନପୁରରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଛନ୍ତି।

## ରାଜ୍ୟରେ ୧୩,୦୯,୨୫୦ ପଞ୍ଜିକୃତ ବେକାରୀ

**ଭୁବନେଶ୍ୱର/କେନ୍ଦ୍ରାପଡ଼ା ୨୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ବିଭିନ୍ନ ଜିଲ୍ଲା ଦକ୍ଷତା ବିକାଶ-ଶ୍ରମ ନିୟୋଜନ କାର୍ଯ୍ୟାଳୟରେ ହୋଇଥିବା ନାମ ପଞ୍ଜିକରଣ ଅନୁଯାୟୀ ରାଜ୍ୟରେ ୧୩,୦୯,୨୫୦ ପଞ୍ଜିକୃତ ବେକାରୀ ଅଛନ୍ତି। ବିଧାନସଭାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପଚାରିଥିବା ଏ ସମ୍ପର୍କୀତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା ଦର୍ଶାଇଛନ୍ତି। ରାଜ୍ୟରେ ଏବେ ସୁଦ୍ଧା ବିଭିନ୍ନ ଜିଲ୍ଲା ଶ୍ରମ ନିୟୋଜନ କାର୍ଯ୍ୟାଳୟରେ କେତେ ନିଯୁକ୍ତି ଆଶାୟୀ ଶିକ୍ଷିତ ଯୁବକ ଯୁବତୀ ନାମ ପଞ୍ଜିକୃତ କରିଛନ୍ତି ଏବଂ ଗତ ଦୁଇ ବର୍ଷ ମଧ୍ୟରେ କେତେ ଯୁବକ ଯୁବତୀ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ବୋଲି ବିଧାୟକ ଶ୍ରୀ ମହାପାତ୍ର ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଗତ ତା ୩୧.୧୦.୨୫ରିଖ ସୁଦ୍ଧା ରାଜ୍ୟର ୪୦ଟି ଶ୍ରମ ନିୟୋଜନ କାର୍ଯ୍ୟାଳୟରେ ୧୩,୦୯,୨୫୦ ଜଣ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ସେମାନଙ୍କର ନାମ ପଞ୍ଜିକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୮,୫୦,୮୩୩ଜଣ ଯୁବକ ଥିବାବେଳେ ୪,୫୭,୪୧୭ଜଣ ଯୁବତୀ ଅଛନ୍ତି । ତେବେ ଗତ ୨୦୨୪ ଜୁନ୍ ମାସ ଠାରୁ ଏଯାଏ ୩୭,୩୭୧ଜଣ ଯୁବକ ଯୁବତୀଙ୍କୁ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷରେ ଗତ ୨୦୨୪ ଏପ୍ରିଲ ପହିଲାରୁ ୨୦୨୫ ସେପ୍ଟେମ୍ବର ମାସ ସୁଦ୍ଧା ବିଭିନ୍ନ ଜିଲ୍ଲା ଦକ୍ଷତା ବିକାଶ-ଶ୍ରମ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ନିଯୁକ୍ତି ମେଳାରେ ବିଭିନ୍ନ ବେସରକାରୀ ସଂସ୍ଥା ପାଇଁ ୨୬,୪୧୨ଜଣ ଯୁବକ ଯୁବତୀଙ୍କ ନାମ ସର୍ଟଲିଷ୍ଟେଡ୍ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

### ଚାକିରିରେ ଥିବା ଫାର୍ମାସିଷ୍ଟଙ୍କ ଲାଇସେନ୍ସରେ ଔଷଧ ଦୋକାନ ଖୋଲିବା ଘଟଣା

## ଡ୍ରଗ୍ସ ଇନ୍‌ସ୍ପେକ୍ଟରର ତଦନ୍ତ ନକରିବା ପଛରେ ରହିଛି କି ରହସ୍ୟ ?

**ରାଜନଗର,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ଛତୁ ଫୁଟିବା ଭଳି ଖୋଲିଛି ଔଷଧ ଦୋକାନ। ଔଷଧ ଦୋକାନଗୁଡିକ ସରକାରୀ ପ୍ଲଟ (ଜାଗା), ଚାକିରୀ କରିଥିବା ବ୍ୟକ୍ତିଙ୍କ ସାର୍ଟିଫିକେଟ ଆଣି ଲାଇସେନ୍ସରେ ଦୋକାନ ଖୋଲିବା ସହ କିଛି ଔଷଧ ଦୋକାନୀଙ୍କ ଲାଇସେନ୍ସ ନବୀକରଣ ହୋଇନଥିବା ଅଭିଯୋଗ ହେଉଛି । ଏହି ଦୋକାନଗୁଡିକରେ ଫାର୍ମାସିଷ୍ଟଙ୍କ ବଦଳରେ ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଯୁବକମାନେ ଔଷଧ ବିକୁଥିବା ପରିଲକ୍ଷିତ ହୋଇଛି । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଖୋଲିଥିବା କିଛି ଔଷଧ ଦୋକାନ ସଂପୂର୍ଣ୍ଣ ସରକାରୀ ଜାଗାରେ ଖୋଲିଥିବା ବେଳେ କିଛି ଦୋକାନର ଲାଇସେନ୍ସ ନବୀକରଣ ହୋଇନଥିବା ଚର୍ଚ୍ଚା ହେଉଛି। ରାଜନଗର ବଜାର, ସାନବଡଗୋପାଳପୁର ବଜାର, କେରଡାଗଡ ବଜାର, ବେଲପାଳ, ତିଅରଛକ, କୁରୁଂଟି ଛକ, ହାତିନା ଛକ, ଓକିଲପାଳ ଛକ, ଗୁପ୍ତି ଛକ, ଇଶ୍ୱରପୁର ଛକ, ରିଘାଗଡ ଛକ, ଡାଙ୍ଗମାଳ, ଖମାରସାହି, ତାଳଚୁଆ, ରଙ୍ଗଣୀ, ଦୋଳସାହି, ପଚାପାରିଆ ପ୍ରଭୃତି ସ୍ଥାନରେ ସାଧାରଣ ଦୋକାନ ଭଳି ଔଷଧ ଦୋକାନଗୁଡିକ ଖୋଲିଛି । ଦୀର୍ଘଦିନ ହେବ ଏହି ଔଷଧ ଦୋକାନଗୁଡିକ ଚାଲୁଥିଲେ ମଧ୍ୟ ଯାଞ୍ଚ କରିବାକୁ ଡ୍ରଗ୍ସ ଇନ୍‌ସ୍ପେକ୍ଟର ଆସୁନଥିବା ଅଭିଯୋଗ ହେଉଛି । ସବୁଠାରୁ ବଡକଥା ହେଉଛି, ଔଷଧ ବିକ୍ରୟ କରିବା ପାଇଁ ଲାଇସେନ୍ସ ନିମିତ ଯେଉଁ ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟ ଦାଖଲ କରାଯାଇଛି । ସେହି ଫାର୍ମାସିଷ୍ଟ ଜଣକ ସରକାରୀ ଚାକିରୀ କରିଥିବା ଚର୍ଚ୍ଚା ହେଉଛି । ବ୍ଲକ ସଦର ମହକୁମାରେ ଭେଷଜ (ଡ୍ରଗ୍ସ) ବିଭାଗକୁ ଭୂଆଁ ବୁଲାଇ ଦୋକାନ ଅନୁମୋଦନ ପାଇଁ ଦେଇଥିବା ପଟ୍ଟା ଭୁକ୍ତ ସ୍ଥାନରେ ଔଷଧ ଦୋକାନ ନହୋଇ ସରକାରୀ ଜାଗା କିମ୍ବା ଅନ୍ୟ ପ୍ଲଟରେ ଖୋଲିଥିବା ଭଳି ଚାଞ୍ଚଲ୍ୟକର ଘଟଣା ପଦାକୁ ଆସିଥିଲେ ମଧ୍ୟ ଡ୍ରଗ୍ସ ଇନ୍‌ସ୍ପେକ୍ଟର ଏହି ଦୋକାନଗୁଡିକୁ ତଦନ୍ତ ନକରିବା ପଛରେ ରହିଛି କି ରହସ୍ୟ। ଅନେକ ଔଷଧ ଦୋକାନରେ ନିମ୍ନମାନର (ଜେନେରିକ୍) ଔଷଧ ବିକ୍ରି ହେଉଛି । ରୋଗୀମାନେ ବହୁ ଟଙ୍କା ଖର୍ଚ୍ଚ କରି ଔଷଧ ଖାଉଥିଲେ ମଧ୍ୟ ରୋଗ ଭଲ ହେଉନଥିବାରୁ ଔଷଧର ମାନ ନେଇ ସନ୍ଦେହ ସୃଷ୍ଟି ହୋଇଛି। କେବଳ ବ୍ଲକ ସଦର ମହକୁମାରେ ଏଭଳି ଜାଲିଆତି ହୋଇ ଔଷଧ ଦୋକାନ ଖୋଲିଥିବା ଜଳଜଳ ଜଣା ପଡୁଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ଡ୍ରଗ୍ସ ଇନ୍‌ସ୍ପେକ୍ଟର (ଭେଷଜ ନିୟନ୍ତ୍ରକ) ସବୁ ଜାଣି ନୀରବ ରହିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଦୋକାନଗୁଡିକରେ ଅଚାନକ ଚଢାଉ କରାଗଲେ ବାସ୍ତବ ସ୍ଥିତି ପଦାକୁ ଆସିବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।

## ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୯।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଲୋକପ୍ରିୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଶୁଭଙ୍କର ମିଶ୍ରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଜିଲାପାଳ କହିଛନ୍ତି, ଶୁଭଙ୍କରଙ୍କ ମନ୍ତବ୍ୟର ତର୍ଜମା କରାଯାଉଛି। ତାହାର ସତ୍ୟତା ପରୀକ୍ଷା ନିରୀକ୍ଷା କରାଯାଉଛି। ସେ ଯଦି ଏଭଳି ମନ୍ତବ୍ୟ ଦେଇଥାଆନ୍ତି ଏବଂ ସେ ନେଇ କମିଟି ରିପୋର୍ଟ ଦିଅନ୍ତି, ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଶୁଭଙ୍କର ଏକ ପଡକାଷ୍ଟରେ କହିଥିଲେ ଯେ, ପ୍ରେମୀ ଯୁଗଳ ବିବାହ ପୂର୍ବରୁ ଶ୍ରୀମନ୍ଦିରକୁ ଗଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ। କୌଣସି ପ୍ରେମୀ ଯୁଗଳ ଭୁଲରେ ବି ଶ୍ରୀମନ୍ଦିରକୁ ଯିବା ଉଚିତ ନୁହେଁ। ସମ୍ପର୍କକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ମନ୍ଦିର ଭିତରକୁ ଯିବ ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ ପାଇଁ ମା' ରାଧାରାଣୀ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ସେ ମନ୍ଦିର ଭିତରକୁ ଯିବା ସମୟରେ ସେବାୟତମାନେ ତାଙ୍କୁ ଅଟକାଇଥିଲେ। ଯାହାକୁ ନେଇ ମା' ରାଧାରାଣୀ ରାଗିଯାଇ ଅଭିଶାପ ଦେଇଥିଲେ। କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ ବୋଲି ମା' ଅଭିଶାପ ଦେଇ ସେଠାରୁ ଚାଲିଯାଇଥିଲେ। ଶୁଭଙ୍କରଙ୍କ ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ରାଜ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ବିଶେଷକରି ପୁରୀରେ ଅସନ୍ତୋଷ ଦେଖାଦେଇଛି। ଶୁଭଙ୍କର କିପରି ଏଭଳି ବିଭ୍ରାନ୍ତିକର ଟିପ୍ପଣୀ ଦେଇପାରିଲେ ତାହାକୁ ନେଇ ପୁରୀବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଶୁଭଙ୍କରଙ୍କ ବିରୋଧରେ କିପରି ଓ କେଉଁ ଧାରାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ କହିଦେଲେ ହେବନି, ତାହା କାମରେ ଦେଖାଇବାକୁ ପୁରୀବାସୀ ଦାବି କରିଛନ୍ତି।

## ବଢ଼ିଚାଲିଛି ପଲିଥିନ ବ୍ୟବହାର: ପଦୂଷଣ ବୋର୍ଡର ଚଢଉ

**ପଟ୍ଟାମୁଣ୍ଡାଇ,୨୯।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ସହରରେ ବ୍ୟାପକ ପରିମାଣରେ ପଲିଥିନ ବ୍ୟବହାର ଦ୍ୱାରା ଜଳବାୟୁ ଉପରେ ପ୍ରଭାବ ପଡୁଥିବାର ଅଭିଯୋଗ ପାଇବା ପରେ ଶନିବାର ପାରାଦିପ ପଦୁଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପୌରସଂସ୍ଥାର ସହଯୋଗରେ ପଲିଥିନ ବ୍ୟବହାର କରୁଥିବା ଦୋକାନମାନଙ୍କ ଉପରେ ଚଢଉ କରାଯାଇଛି। ବଜାରରେ ପଲିଥିନ ଥର୍ମକଲ ବ୍ୟବହାର ଓ ବିକ୍ରି କରୁଥିବା ଦୋକାନୀମାନଙ୍କ ଉପରେ ଚଢଉ କରି ୨ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢଉ ସମୟରେ ପରାଦିପ ପଦୂଷଣ ବୋର୍ଡ କ୍ଷେତ୍ର ସହାୟକ ମନୋଜ ନାୟକଙ୍କ ସହ ପୌରପରିଷଦ ଅଧିକାରୀ ଭୁବନମୋହନ କନୁନଗୋ, ପ୍ରମୋଦ ସାମଲ, ହୃଷିକେଶ ନାଥ, ଗଙ୍ଗାଧର ନାୟକ ଓ ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧିନ ବଜାରମାନଙ୍କରେ ଦିନକୁ ଦିନ ସରକାରଙ୍କ ପକ୍ଷରୁ ନିଷେଧ କରାଯାଇଥିବା ପଲିଥିନର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଏହି ପଲିଥିନ କାରବାର କରୁଥିବା ବ୍ୟବସାୟୀମାନେ ଖୋଲାଖୋଲି ଭାବେ ଏହାର ବ୍ୟବହାର କରୁଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ପଲିଥିନର ବ୍ୟବହାର ରୋଗର ବାହକ ହୋଥିବା ବେଳେ ଚା' ଦୋକାନଠୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁଠି ଏହାର ବ୍ୟବହାର କରାଯାଉଛି। ପୌରପରିଷଦ ଓ ଏନଏସି ଗଠନ ହେବାର ୩୭ ବର୍ଷ ଭିତରେ ବାରମ୍ବର ବଜାର ଉପରେ ଚଢାଉ କରାଯାଇ ଥର୍ମକଲ ଓ ପଲିଥିନ ବ୍ୟାଗ ଜବତ କରିବା ସହ ଫାଇନ ଆଦାୟ କରାଯାଇଛି ମାତ୍ର ଯଥା ପରଂ ତଥା ପୂର୍ବ ସ୍ଥିତିରେ ଏହାର ବହୁଳ ବ୍ୟବହାର ବଢିଚାଲିଛି। ଉତାପ ସଂସ୍ପର୍ଶରେ ଆସିବା ପରେ ଏଥିରୁ ସ୍ୱାସ୍ଥ୍ୟ ହାନୀକାରକ ପଦାର୍ଥ ବାହାରୁ ଥିଲେ ମଧ୍ୟ ବାରମଜା ଦୋକନଠାରୁ ଆରମ୍ଭ କରି ଜଳଖିଆ ଦୋକାନ ଏପରିକି ହୋଟେଲ ଗୁଡିକରେ ମଧ୍ୟ ଖାଦ୍ୟ ପାର୍ସଲ ଏହି ପଲିଥିନ ମାଧ୍ୟମରେ କରାଯାଉଛି। ତୁରନ୍ତ ପଲିଥିନ ବ୍ୟବହାରକୁ ବନ୍ଦ କରିବାକୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଜିଲ୍ଲା ପ୍ରଶାସନ, ପୌରପରିଷ ଓ ଆଞ୍ଚଳିକ ପଦୂଷଣ ବୋର୍ଡ ଲୋକଦେଖାଣିଆ ପଦକ୍ଷେପ ନନେଇ ପଲିଥିନ କାରବାର କରୁଥିବା ବେପାରିଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ବିଜେଡି ଛାଡ଼ିଲେ...

ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ ଭେଣ୍ଡର୍ କୋଡ ମାଧ୍ୟମରେ ଓ ମିଛ ବିଲ୍ ନେଇ ଅଭିଯୋଗ ଆଣିଛି ଖୋଦ ବିଜେଡି। ବନ୍ତ ବ୍ଲକ ବିଜେଡି ସଭାପତିଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ଓ ଅନେକ ସରପଞ୍ଚ ଓ ସମିତି ସଭ୍ୟମାନେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଭଦ୍ରକସ୍ଥିତ ବାସଭବନରେ ଏହି ଦୁର୍ନୀତି ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏପରି ଅଭିଯୋଗ କରିଛନ୍ତି।

### ଯୌତୁକ ଯୋଗୁ...

କର୍ମ ମଧ୍ୟରୁ ଅନ୍ୟତମ। ଏଥିରେ ଜଣେ ଯୁବତୀଙ୍କ ଜୀବନକୁ ଶାଶୂ ଘରେ ସମାପ୍ତ କରିଦିଆଯାଉଛି, ଯେଉଁଥିରେ ତା'ର କୌଣସି ଭୁଲ ନଥାଏ, ବରଂ ସେ ଅନ୍ୟମାନଙ୍କର କେବେବି ସମାପ୍ତ ହେଉନଥିବା ଲାଳଶା ପୂରଣ କରିବାରେ ବଳି ଚଢି ଯାଏ। ଶୀର୍ଷ ନ୍ୟାୟାଳୟ କହିଛନ୍ତି ଯେ ଏପରି ଜଘନ୍ୟ ଅପରାଧ ମାନବୀୟ ଗାରିମା ଉପରେ ଆକ୍ରମଣ ଓ ଅନୁଚ୍ଛେଦ ୧୪ ଏବଂ ୨୧ ଅନୁସାରେ ସମାନତାର ସହ ସମ୍ମାନରେ ବଞ୍ଚିବାର ସାମ୍ବିଧାନିକ ଗ୍ୟାରେଣ୍ଟିର ଉଲ୍ଲଂଘନ।

ଏହା ସମୂଦାୟର ନୈତିକ ମୂଲ୍ୟକୁ ସମାପ୍ତ କରିବା, ମହିଳାଙ୍କ ବିରୋଧରେ ହିଂସାକୁ ସାଧାରଣ କଥାରେ ପରିଣତ କରିବା ଓ ଏକ ସଭ୍ୟ ସମାଜର ମୂଳଦୁଆକୁ ଭାଙ୍ଗିବା ସହ ସମାନ। ଏପରି ଅତ୍ୟାଚାର ସାମ୍ନାରେ କୋର୍ଟଙ୍କ ନିଷ୍କ୍ରିୟତା ଓ ତ୍ରୁଟିପୂର୍ଣ୍ଣ ନରମ ଆଦେଶ ଅପରାଧୀଙ୍କ ସାହାସକୁ ବଢାଇବ ଓ ନ୍ୟାୟ ଏବଂ ପ୍ରଶାସନ ଉପରେ ଜନତାଙ୍କ ଭରସାକୁ କ୍ଷୁଣ୍ଣ କରିବ। ଏଭଳି ସ୍ଥଳେ ଅଭିଯୁକ୍ତକୁ ଜାମିନ ମଞ୍ଜୁର କରିବା ବେଞ୍ଚଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି।

### ବିକାଶରେ କେନ୍ଦ୍ରାପଡ଼ା...

ପ୍ରମୁଖଙ୍କ କହିବା କଥା ଯେ, ଲମ୍ବା ସମୟ ଧରି ଉଭୟ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଥିବା କଂଗ୍ରେସ କେନ୍ଦ୍ରାପଡ଼ାକୁ ଅଣକଂଗ୍ରେସ ଦଳର ଦୁର୍ଗ ଦ୍ୱାହି ଦେଇ ଅବହେଳା ପ୍ରଦର୍ଶନ କରିଆସିଥିଲା। ହେଲେ ଯେତେବେଳେ ଅଣକଂଗ୍ରେସ ସରକାର ବି ପ୍ରତିଷ୍ଠା ହେଲା ସେତେବେଳେ ମଧ୍ୟ ସେହିଧାରା ଜାରି ରହିଲା। ବିଜୁବାବୁଙ୍କ କର୍ମଭୂମି ଓ ବିଜୁବାବୁଙ୍କ ଗଡ଼ ଭାବେ ପରିଗଣିତ ହେବା ଫଳରେ ଅନେକ ହରାଇ ଥିବା ଏହି ଜିଲ୍ଲା ଚଳିତ ଶତାବ୍ଦୀ ଆରମ୍ଭରୁ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଙ୍ଗରେ ରହି ମଧ୍ୟ ଅବହେଳାରୁ ବାଦ୍ ପଡ଼ିଲାନାହିଁ। କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାତ ଦୂରର କଥା, କେନ୍ଦ୍ରାପଡ଼ାବାସୀଙ୍କୁ ତାଙ୍କର ହକ୍ ପାଇବାକୁ ବର୍ଷ ବର୍ଷ ବିତିଗଲା ସିନା କୌଣସି ସୁଫଳ ମିଳିଲା ନାହିଁ। ଜିଲ୍ଲାର ପଡ଼ୋଶୀ ଯାଜପୁର ଓ ଜଗତସିଂହପୁର ଜିଲ୍ଲା କେନ୍ଦ୍ରାପଡ଼ା ସହିତ ଏକା ସାଙ୍ଗରେ ଜନ୍ମଲାଭ କରିଥିଲେ ମଧ୍ୟ ଏହି ଦୁଇ ପଡ଼ୋଶୀ ଜିଲ୍ଲାର ବିକାଶ ତୁଳନାରେ କେନ୍ଦ୍ରାପଡ଼ା ଯେ କେତେ ପଛରେ ପଡ଼ିଛି ତାହା ଅନୁଧ୍ୟାନ କଲେ ଯେକେହି ବି ସହଜରେ ହୃଦୟଗମ କରିପାରିବେ। ଜିଲ୍ଲାର ବହୁବିଧ ସମସ୍ୟାର ସମାଧାନ ବା ଆବଶ୍ୟକତା ପୂରଣ ପାଇଁ ରାଜ୍ୟରେ ଦୀର୍ଘ ୨୪ବର୍ଷ ଧରି ଧମତାରେ ରହିବା ପରେ ବି ବିଜେଡ଼ିର ଆଭିମୁଖ୍ୟ ସ୍ପଷ୍ଟ ହୋଇପାରିଲା ନାହିଁ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ଜିଲ୍ଲାବାସୀଙ୍କର ଥିବା ଭାବାବେଗ ଏବଂ କିଛି ରିଲିଫ ସ୍କିମ୍‌ରେ ଲୋକଙ୍କୁ ବାନ୍ଧି ରଖି ବିଜେଡ଼ି ଗୋଟିଏ ପରେ ଗୋଟିଏ ନିର୍ବାଚନ ପାର ହେଲାବେଳେ ଜିଲ୍ଲାବାସୀଙ୍କର ନିର୍ଭରଶୀଳତା ବଢି ଚାଲିଲା। କେବଳ ଯାହା ବିଜେଡ଼ି ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ବିକାଶ ଦେଖିବା ସାର ହେଲା। ସେହିପରି ବିଜେଡ଼ିର ବିକଳ୍ପ ଭାବେ ଗତ ୧୫ମାସ ହେଲା ରାଜ୍ୟରେ କ୍ଷମତାସୀନ ହୋଇଥିବା ବିଜେପି ୧୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦ୍ରରେ କ୍ଷମତାସୀନ ଥିଲେ ବି ଜିଲ୍ଲାବାସୀଙ୍କୁ ଏହି ଦଳର କୌଣସି ଉପଲବ୍ଧି ମିଳିନାହିଁ। ଏହି ଦଳର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ପ୍ରକୃତରେ କ'ଣ ଆଭିମୁଖ୍ୟ ରହିଛି ତାହା ବି ସ୍ପଷ୍ଟ ନୁହେଁ। ଅତୀତର ତ୍ରୁଟିକୁ ସୁଧାରି କଂଗ୍ରେସ ଜିଲ୍ଲାବାସୀଙ୍କ ପ୍ରତି ତା'ର ପ୍ରତିବଦ୍ଧତା ଘୋଷଣା କରିବା ସହିତ ଲୋକଙ୍କ ନିକଟତର ନହେବା କାରଣରୁ ଜିଲ୍ଲାରୁ ହଜି ହଜି ଯାଉଛି। ପ୍ରସଙ୍ଗ ଭିତ୍ତିକ ରାଜନୀତି ଓ ପ୍ରତିବଦ୍ଧତାରୁ ଦୂରେଇ ଯାଇଥିବା ରାଜନୈତିକ ଦଳମାନେ ଭାବାବେଗକୁ ନେଇ ରାଜନୀତି କରୁଥିବାରୁ ନିର୍ବାଚନ ପରେ ନିର୍ବାଚନ ଯାଉଛି ସତ କେନ୍ଦ୍ରାପଡ଼ାର ଭାଗ୍ୟ ସେମିତି ପଥର ତଳେ ରହିଛି। ଯେତେଦିନ ଯାଏ ଜିଲ୍ଲାବାସୀ ସାଧାରଣ ଲୋକେ ନିଜର ଅଧିକାର ନେଇ ସଚେତନ ନହୋଇଛନ୍ତି ଏବଂ କ୍ରମାଗତ ଭାବେ ହକ୍‌ର ଲଢେଇ ନଲଢିଛନ୍ତି ସେତେଦିନ ଯାଏ କେନ୍ଦ୍ରାପଡ଼ାର ପ୍ରକୃତ ବିକାଶ ସମ୍ଭବ ହେବା ଆଶା କ୍ଷୀଣ। ଏଥିପାଇଁ ସଂକୀର୍ଣ୍ଣ ଦଳୀୟ ରାଜନୀତି ଉର୍ଦ୍ଧ୍ୱରେ ଜିଲ୍ଲାର ବୁଦ୍ଧିଜୀବି, ଯୁବକ, ଛାତ୍ର ଓ ସଚେତନ ଲୋକେ ସମର୍ପିତ ମନୋଭାବ ନେଇ ଆଗକୁ ବାହାରିବାର ସମୟ ଆସିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

### ୮.୧୬ ଲକ୍ଷ ରାସନ...

ଯାଞ୍ଚ ହେବ। ଏହାବ୍ୟତୀତ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ଜଣଙ୍କୁ କାର୍ଡ ଦିଆଯିବ।




Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ